ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଜଳଦସ୍ୟୁ

କିଶୋର ସାହିତ୍ୟ ମନ୍ଦିର

ଗ୍ରନ୍ଥ ମନ୍ଦିର
ପ୍ରାପ୍ତିସ୍ଥାନ : ଗ୍ରନ୍ଥମନ୍ଦିର, କଟକ-୨

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଜଳଦସ୍ୟୁ

[Rafael Sabatini ଙ୍କ ଉପନ୍ୟାସ
Captain Blood ର ସଂକ୍ଷିପ୍ତ ଓଡ଼ିଆ ଅନୁବାଦ ।]

ଅନୁବାଦକ :
ଶ୍ରୀ ଦିବାକର ପାଣି B. A. (Hons.) B. Ed.

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ଜଳଦସ୍ୟୁ

[Rafael Sabatini ଙ୍କ ଉପନ୍ୟାସ
Captain Blood ର ସଂକ୍ଷିପ୍ତ ଓଡ଼ିଆ ଅନୁବାଦ]

ଅନୁବାଦକ :
ଶ୍ରୀ ଦିବାକର ପାଣି B.A.(Hons.) B.Ed.

ମାର୍ଗଦର୍ଶକ ପ୍ରକାଶକ :
ପଣ୍ଡିତ ଶ୍ରୀଧର ମହାପାତ୍ର ଶର୍ମା ଏବଂ
ଅଭିରାମ ମହାପାତ୍ର

ପ୍ରକାଶକ: ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରଣ:
ତପନ କୁମାର ମହାପାତ୍ର
ଅପ୍ଟିମା ଅଫ୍‌ସେଟ ପ୍ରିଣ୍ଟର୍ସ,
ସୂତାହାଟ, କଟକ-୧

ପ୍ରଥମ ମୁଦ୍ରଣ : ୧୯୯୩
ପୁନଃ ମୁଦ୍ରଣ :୨୦୦୩,୨୦୧୨,୨୦୨୧
ମୂଲ୍ୟ: ଟ. ୫୦.୦୦

କିଶୋର ସାହିତ୍ୟ ମନ୍ଦିର
'ଶ୍ରୀନିବାସ,ସୂତାହାଟ,କଟକ - ୧
ପ୍ରାପ୍ତିସ୍ଥାନ : ଗ୍ରନ୍ଥମନ୍ଦିର,କଟକ - ୨

Digitized by srujanika@gmail.com

ଜଳଦସ୍ୟୁ

[୧]

ଡାକ୍ତର ପିଟର୍ ବ୍ଲଡ୍ ପାଇପ୍ ଟାଣୁ ଟାଣୁ ଝରକା ପାଖ ଫୁଲକୁଣ୍ଡରେ ପାଣି ଦେଉଥିଲେ । ସମରସେଟ୍‌ର ବ୍ରିଜ୍ ସହର ତାଙ୍କର ବାସସ୍ଥାନ । ମନଟା ତାଙ୍କର କେବଳ କାମରେ ନଥିଲା; ବାହାର ରାସ୍ତାରେ ଦଳ ଦଳ ହୋଇ ଯାଉଥିବା ଲୋକଙ୍କ ଆଡ଼କୁ ମଧ୍ୟ ସେ ମନଦେଉଥିଲେ । ଏଇ ଲୋକମାନଙ୍କ ମୁଖରେ ଉଦ୍‌ବେଗର ଚିହ୍ନ । ହାତରେ ଗୁଡ଼ାଏ ସାଧାରଣ ଅସ୍ତ୍ର । କେତେ ଜଣଙ୍କ ହାତରେ ଅବଶ୍ୟ ବନ୍ଧୁକ ଏବଂ ଖଣ୍ଡା ଥିଲା; କିନ୍ତୁ ଅଧିକାଂଶଙ୍କ ହାତରେ ଠେଙ୍ଗା ବା ଛୁରି । ସେମାନେ ଥିଲେ ବୁଣାଳି, ବଢ଼େଇ, ମୋଚି ଏବଂ ଅନ୍ୟାନ୍ୟ ଲୋକଙ୍କର ପ୍ରତିନିଧି ।

ମନ୍‌ମାଉଥର ଡିଉକ୍, ରାଜା ଦ୍ୱିତୀୟ ଜେମ୍‌ସଙ୍କ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ସେ ଇଂଲଣ୍ଡର ସିଂହାସନ ଦାବି କରୁଥିଲେ । ଟଣ୍ଟନ୍ ସହରର ଲୋକଙ୍କ ପରି, ବ୍ରିଜ୍ ଟାଉନ୍‌ର ଲୋକମାନେ ମଧ୍ୟ ଡିଉକ୍‌ଙ୍କୁ ସାହାଯ୍ୟ କରୁଥିଲେ । ଡାକ୍ତର ବ୍ଲଡ୍ ଯୁଦ୍ଧବିଦ୍ୟାରେ ନିପୁଣ ଥିଲେ ଏବଂ ଭୀରୁତା ତାଙ୍କୁ ସ୍ପର୍ଶ କରିନଥିଲା । ତଥାପି ଏଇ ବିଦ୍ରୋହ ଆଡ଼କୁ ଧ୍ୟାନ ନଦେଇ ସେ ଫୁଲକୁଣ୍ଡରେ ପାଣି ଦେବାରେ ଲାଗିଥିଲେ । ତାଙ୍କ ମତରେ, ଏଇ ବିଦ୍ରୋହୀମାନେ ମୂର୍ଖ, ପାଗଳ ପରି ଧ୍ୱଂସମୁଖକୁ ଧାଇଁଛନ୍ତି ।

ସେ ମନ୍‌ମାଉଥ୍‌ଙ୍କ ବିଷୟରେ ଅନେକ କିଛି ଜାଣିଥିଲେ । ସେ ବୁଝିଥିଲେ ଇଂଲଣ୍ଡ ସିଂହାସନରେ ମନ୍‌ମାଉଥ୍‌ଙ୍କର କୌଣସି ନ୍ୟାଯ୍ୟ ଦାବି ନଥିଲା ଏବଂ ତାଙ୍କର ଏ ଅନ୍ୟାୟ ଦାବିର ପରିଣାମ କେବଳ ଧ୍ୱଂସ ଆଉ ବିପର୍ଯ୍ୟୟ । ତାଙ୍କର ପ୍ରତାରଣାକୁ ଇଂଲଣ୍ଡ ଗ୍ରହଣ କରିବା ଆଶା କରାଯାଇପାରେନା । ଡାକ୍ତର ବ୍ଲଡ୍ ସାମାନ୍ୟ ହସିଲେ । ପରଦିନ ସୂର୍ଯ୍ୟୋଦୟ ପୂର୍ବରୁ ପଶ୍ଚିମାଞ୍ଚଳରେ କେତେ ସରଳ ଲୋକ ମୃତ୍ୟୁବରଣ କରିବେ ଭାବି ମନରେ ତାଙ୍କର ଦୁଃଖ ଜାତ ହେଲା; କାରଣ ସେ ଆଉ ବ୍ରିଜ୍ ଟାଉନ୍‌ର ଅନ୍ୟମାନେ ଜାଣିଥିଲେ ଯେ ମନ୍‌ମାଉଥ୍ ସେଇ ରାତିରେହିଁ ଯୁଦ୍ଧକରିବାପାଇଁ ମନସ୍ଥ କରିଛନ୍ତି । ସେଜ୍‌ମୁର୍‌ରେ ଥିଲା ରାଜାଙ୍କ ସେନାବାହିନୀ ଉପରେ ଅତର୍କିତ ଆକ୍ରମଣ କରିବାପାଇଁ ସେ ଯୋଜନା କରିଥାନ୍ତି । ଡାକ୍ତର ବ୍ଲଡ୍ ବୁଝିଥିଲେ ଯେ ରାଜାଙ୍କ ସେନାବାହିନୀର ଅଧ୍ୟକ୍ଷ ନିଶ୍ଚୟ ଏ ସମ୍ବାଦ ପାଇଥିବେ । ତେଣୁ ଯୁଦ୍ଧର ଫଳ ହେବ ମନ୍‌ମାଉଥ୍‌ଙ୍କ ବିଦ୍ରୋହର ଅବସାନ ।

Digitized by srujanika@gmail.com

ସେ ପାଇପ୍‌ରୁ ପାଉଁଶ ଝାଡ଼ି ଝରକା ବନ୍ଦ କରିବାକୁ ଗଲେ । ଜୀବନରେ ସେ ଅନେକ ଭ୍ରମଣ ଆଉ ଦୁଃସାହସିକ ଅଭିଯାନ କରିଛନ୍ତି । ଏବେ ସେ ତାଙ୍କର ଡାକ୍ତରୀ ବ୍ୟବସାୟ କରିବାକୁ ସ୍ଥିରକରିଛନ୍ତି । ସେ ଜଣେ ଡାକ୍ତର; ସୈନିକ ନୁହଁନ୍ତି । ମଣିଷକୁ ବଞ୍ଚାଇବା ତାଙ୍କର କାମ; ମାରିବା ନୁହେଁ । ତେଣୁ ଝରକା ବନ୍ଦକରି ସେ ଖାଇବା ଘରକୁ ଗଲେ ଓ ରାତ୍ରିଭୋଜନ ଶେଷକରି ଚଞ୍ଚଳ ଶୋଇପଡ଼ିଲେ । ରାତି ଏଗାରଟାଯାଏ ସେ ଆରାମରେ ଶୋଇଗଲେ । ଏତିକିବେଳେ ମନ୍‌ମାଉଥ୍ ତାଙ୍କର ବିଦ୍ରୋହୀମାନଙ୍କୁ ନେଇ ରାଜାଙ୍କ ସେନାବାହିନୀକୁ ଆକ୍ରମଣ କରିବାକୁ ବାହାରିଲେ । ଦୁଇଟାବେଳେ ଯୁଦ୍ଧ ଆରମ୍ଭ ହେଲା । ମାତ୍ର ଘଣ୍ଟାଏ ଭିତରେ ବିଦ୍ରୋହୀମାନେ ଶୋଚନୀୟଭାବେ ପରାଜିତ ହେଲେ । ଦୂରରୁ କମାଣର ଗର୍ଜନ ଶୁଣାଯାଉଥିଲେ ମଧ୍ୟ ଡାକ୍ତର ବ୍ଲଡ୍ ନିଶ୍ଚିନ୍ତରେ ଶୋଇଥିଲେ । ଚାରିଟାବେଳକୁ ସେ ଉଠିଲେ । ସେତେବେଳକୁ ରକ୍ତରଞ୍ଜିତ ଯୁଦ୍ଧପଡ଼ିଆ ଉପରେ ସୂର୍ଯ୍ୟ ଉଦୟ ହେଉଥିଲେ । ବିଛଣା ଉପରେ ବସି ଆଖି ମଳୁ ମଳୁ ସେ ଶୁଣିଲେ ବାହାର ଦରଜାରେ କେହି ଜୋର୍‌ରେ ଆଘାତ କରୁଛି ଆଉ ତାଙ୍କ ନାଁ ଧରି ଡାକୁଛି । ଚଟି ଦୁଇଟା ପାଦରେ ଗଳାଇ ସେ ଦରଜା ଖୋଲିବାପାଇଁ ତଳକୁ ଚାଲିଗଲେ ।

ଉଦୟ ସୂର୍ଯ୍ୟର କ୍ଷୀଣ ଆଲୋକରେ ଦେଖାଗଲା ଜଣେ ମଣିଷ ଆଉ ଗୋଟିଏ ଘୋଡ଼ା । ଘୋଡ଼ାଟି କ୍ଳାନ୍ତ । ମଣିଷର ଆଖି ବିସ୍ଫାରିତ; ନିଶ୍ୱାସ ନେବାର ଶକ୍ତିନାହିଁ ଯେମିତି । ଧୂଳିଧୂସରିତ କୋଟ୍‌ର ବାଁ ହାତ ଚିରି ଟିକି ଟିକି ହୋଇଯାଇଛି । ଏହି ତରୁଣଟି କିଛି କହିବାପାଇଁ ଚେଷ୍ଟା କଲା; କିନ୍ତୁ ପାଟିରୁ ତା'ର କିଛି ବେଳଯାଏ କଥା ବାହାରିଲାନାହିଁ । ଏତିକିବେଳେ ଡାକ୍ତର ତରୁଣଟିକୁ ଚିହ୍ନିପାରିଲେ । ସେ ଥିଲା ଜେରେମିଆ ପିଟ୍; ଜଣେ ତରୁଣ ନାବିକ ।

– ଟିକିଏ ଅପେକ୍ଷା କର । କହିଲେ ଡାକ୍ତର ବ୍ଲଡ୍, ତା'ପରେ ତୁମେ ଧୀରସ୍ଥିରଭାବରେ ସବୁ କହିପାରିବ । କିନ୍ତୁ ତରୁଣଟି ଏ ଉପଦେଶ ନ ଶୁଣି ଅଣନିଃଶ୍ୱାସୀ ହୋଇ କହିଲା, "ଲର୍ଡ ଗିଲ୍‌ଡୟ ଆଜ୍ଞା, ସେ ସାଙ୍ଘାତିକ ଭାବରେ ଆହତ– ଓଲେଥ୍ରପ୍‌ଙ୍କ ଖମାର ପାଖ ନଈକୂଳରେ ମୁଁ ତାଙ୍କୁ ସେଠିକି ନେଇଯାଇଛି । ସେ ମୋତେ ଆପଣଙ୍କ ନିକଟକୁ ପଠାଇଲେ । ଦୟାକରି ଆସନ୍ତୁ, ଶୀଘ୍ର ଆସନ୍ତୁ ।"

– ମୁଁ ନିଶ୍ଚୟ ଯିବି । ଡାକ୍ତର ଉତ୍ତର ଦେଲେ । ମନରେ ତାଙ୍କର ଦୁଃଖ ଆସିଲା । ବନ୍ଧୁଭାବରେ ଗିଲ୍‌ଡୟ ତାଙ୍କୁ ଯଥେଷ୍ଟ ଦୟା ଆଉ ସହାନୁଭୂତି ଦେଖାଇଛନ୍ତି । ସେ ବର୍ତ୍ତମାନ ମନ୍‌ମାଉଥ୍‌ଙ୍କର ଜଣେ ସାହାଯ୍ୟକାରୀ । ତଥାପି ମଧ୍ୟ ଡାକ୍ତର ବ୍ଲଡ୍ ଯିବାପାଇଁ ବ୍ୟଗ୍ର ହୋଇଉଠିଲେ ।

Digitized by srujanika@gmail.com

– ମୁଁ କିଛି ଲୁଗା ଏବଂ ଅନ୍ୟାନ୍ୟ ଦରକାରୀ ଜିନିଷ ନେଇଆସେ ।

କିଛି ସମୟ ପରେ ଉଭୟେ ପିଟ୍‌ର ସେଇ କ୍ଳାନ୍ତ ଘୋଡ଼ା ଉପରେ ବସି ଚାଲିଲେ । ଏ ହେଲା ଡାକ୍ତର ବ୍ଲଡ୍‌ଙ୍କର ଦୀର୍ଘ କଠିନ ଅଭିଯାନର ଆରମ୍ଭ । ତେଣୁ ପିଟ୍ ଯେ କେବଳ ଜଣେ ଆହତ ବିଦ୍ରୋହୀ ଭଦ୍ରବ୍ୟକ୍ତିଙ୍କର ବାର୍ତ୍ତାବହ ଥିଲା ତା ନୁହେଁ; ବାସ୍ତବରେ ସେ ଥିଲା ଡାକ୍ତର ବ୍ଲଡ୍‌ଙ୍କ ଭାଗ୍ୟର ବାର୍ତ୍ତାବହ ।

[୨]

ବ୍ରିଜ୍ ଟାଉନ୍‌ର ଦକ୍ଷିଣକୁ ପ୍ରାୟ ମାଇଲିଏ ଦୂରରେ ନଈର ଦକ୍ଷିଣ ପାଖରେ ଓଲେଥ୍ରେଫ୍‌ଙ୍କ ଖମାର । ବାଟରେ ଡାକ୍ତର ଆଉ ପିଟ୍ ଅନେକ ଲୋକ ଯୁଦ୍ଧଭୂଇଁରୁ ଦୌଡ଼ି ପଳାଇଆସୁଥିବାର ଦେଖିଲେ । ସେଥିରୁ ଅଧିକାଂଶ କ୍ଳାନ୍ତ ଆଉ ଆହତ । ସମସ୍ତେ ଆତଙ୍କିତ । ସହର ଭିତରକୁ ପଳାଇଯାଇ ଆଶ୍ରୟ ନେବାପାଇଁ ଶରୀରର ଶେଷ ଶକ୍ତି ପ୍ରୟୋଗ କରି ଦୌଡ଼ିଛନ୍ତି ।

ପିଟ୍ ପ୍ରଧାନ ରାସ୍ତା ଛାଡ଼ି ପଡ଼ିଆଭିତରେ ଗୋଟିଏ ଛୋଟ ରାସ୍ତାକୁ ବୁଲିଲା । ଏ ରାସ୍ତାରେ ମଧ ମଝିରେ ମଝିରେ ସେମାନେ ଏଇ ଆହତ ଲୋକଙ୍କୁ ଦେଖିବାକୁ ପାଇଲେ । ଭୟଭୀତ ଲୋକେ ଚାରିଆଡ଼କୁ ପଳାଇଯାଉଥାନ୍ତି; ବେଳେବେଳେ ପଛକୁ ଚାହୁଁଥାନ୍ତି । ପ୍ରତି ମୁହୂର୍ତ୍ତରେ ରାଜାଙ୍କ ଲାଲ ପୋଷାକଧାରୀ ଅଶ୍ୱାରୋହୀମାନଙ୍କ ଆକ୍ରମଣର ଆଶଙ୍କା । ଶେଷରେ ଡାକ୍ତର ଆଉ ପିଟ୍ ଖମାର ନିକଟରେ ପହଞ୍ଚିଲେ । ଖମାର ଅଧିକାରୀ ବେୟନ୍‌ସ ତାଙ୍କୁ ଅପେକ୍ଷା କରିଥିଲେ । ହଲ୍‌ଘରେ ଡାକ୍ତର ବ୍ଲଡ୍ ଆହତ ଲର୍ଡ ଗିଲ୍‌ଡୟଙ୍କୁ ଭେଟିଲେ । ବେଶ୍ ଉଚ୍ଚ ତରୁଣ ଭଦ୍ରବ୍ୟକ୍ତି । ଝରକା ପାଖକୁ ଲାଗି ଖଣ୍ଡେ ବାଉଁଶ ଖଟିଆରେ ପଡ଼ିଥିଲେ । ଶ୍ରୀମତୀ ବେୟନ୍‌ସ ଆଉ ତାଙ୍କ ସୁନ୍ଦରୀ କନ୍ୟା ତାଙ୍କ ସେବାରେ ଲାଗିଥାନ୍ତି । ମୁହଁ ତାଙ୍କର ଶେତା ପଡ଼ିଯାଇଥିଲା । ନିଃଶ୍ୱାସ ନେଲାବେଳେ ଗୋଟାଏ କ୍ଷୀଣ ଶବ୍ଦ ଶୁଣାଯାଉଥାଏ ।

ଡାକ୍ତର ଅବିଳମ୍ବେ କାମରେ ଲାଗିଗଲେ । ଆହତ ଭଦ୍ରବ୍ୟକ୍ତିଙ୍କ ଜାମାପଟା ଚିରି ବାହାର କରିଦେଇ ପାଣି, ବ୍ୟାଣ୍ଡେଜ୍ ଆଦି ଆଣି କ୍ଷତସ୍ଥାନ ସଫାକରି ପଟି ବାନ୍ଧିଦେଲେ । ପ୍ରାୟ ଅଧଘଣ୍ଟାଏ ବିତିଗଲା । ତଥାପି ସେ କାମରେ ଲାଗିଥାନ୍ତି । ଏତିକିବେଳେ ରାଜାଙ୍କ ଅଶ୍ୱାରୋହୀ ସୈନ୍ୟଦଳ ସେଇ ଖମାରରେ ପହଞ୍ଚିଲେ । ଅଶ୍ୱଖୁରାର ଶବ୍ଦ ଏବଂ ସୈନିକମାନଙ୍କର ଗର୍ଜନରେ ମଧ ଅବିଚଳିତ ରହି ଡାକ୍ତର କାମ କରୁଥାନ୍ତି । ଲର୍ଡ ଗିଲ୍‌ଡୟ ଚେତନା ଲାଭ କରିସାରିଥିଲେ । ସେ ବିଚଳିତ ହୋଇପଡ଼ିଲେ । ବେୟନ୍‌ସ ମଧ ଆତଙ୍କିତ ହୋଇଗଲେ । ତାଙ୍କର ପତ୍ନୀ ଆଉ

Digitized by srujanika@gmail.com

କନ୍ୟା ଭୟରେ ଥରୁଥାନ୍ତି । ଡାକ୍ତର ଧୀରସ୍ଥିରଭାବରେ କହିଲେ, ''ଭୟ କରନ୍ତୁ ନାହିଁ । ଏହା ଏକ ଖ୍ରୀଷ୍ଟିଆନ୍ ରାଜ୍ୟ । ଖ୍ରୀଷ୍ଟିଆନ୍‌ମାନେ ଆହତ ବା ଶରଣାଗତକୁ ଆକ୍ରମଣ କରନ୍ତିନାହିଁ ।''

ବାରଜଣ ଲାଲ୍‌ପୋଷାକଧାରୀ ସୈନ୍ୟ ହଲ୍‌ଭିତରକୁ ପଶିଆସିଲେ । ଜଣେ ମୋଟା ଲୋକ ସେମାନଙ୍କର ନେତୃତ୍ୱ ନେଉଥିଲେ । ତାଙ୍କ କୋଟ୍‌ର ଛାତି ଉପରେ ଗୁଡ଼ାଏ ସୁନାର ଫିତା । ଏଇ ଅଫିସର କିଛି ଆଦେଶ ଦେଇ ଆଗକୁ ଆସିଲେ । ହାତମୁଠାରେ ତାଙ୍କର ତରବାରି । ଦୃଢ଼କଣ୍ଠରେ ସେ ବେୟନ୍‌ସଙ୍କୁ କହିଲେ, ''ମୁଁ ରାଜାଙ୍କ ଅଶ୍ୱାରୋହୀବାହିନୀର କ୍ୟାପ୍‌ଟେନ୍ ହୋବାର୍ଟ । ତମେ ଏଠାରେ କେତେଜଣ ବିଦ୍ରୋହୀଙ୍କୁ ଲୁଚାଇ ରଖିଛ ?''

ଥରି ଥରି କୃଷକ ବେୟନ୍‌ସ ଉତ୍ତରଦେଲେ, ''ମୁଁ... ମୁଁ ବିଦ୍ରୋହୀ-ମାନଙ୍କର ଆଶ୍ରୟଦାତା ନୁହେଁ ଆଜ୍ଞା ! ଏଇ ଆହତ ଭଦ୍ରବ୍ୟକ୍ତି...''

— ମୁଁ ନିଜେ ଦେଖୁଛି । କ୍ୟାପ୍‌ଟେନ୍ ସେଇ ଖଟିଆ ନିକଟକୁ ମାଡ଼ିଯାଇ ଆହତ ବ୍ୟକ୍ତିଙ୍କୁ ଚାହିଁଲେ । ସେ କିପରି ଆହତ ହେଲା ପଚାରିବାର ଆବଶ୍ୟକତା ନାହିଁ । ଏ ଗୋଟାଏ ବିଦ୍ରୋହୀ ଆଉ ସେତିକି ମୋ ପାଇଁ ଯଥେଷ୍ଟ । ସୈନିକମାନଙ୍କ ଆଡ଼କୁ ମୁହଁ ବୁଲାଇ ସେ ଆଦେଶଦେଲେ, 'ଏଇଟାକୁ ଏଠାରୁ ନେଇଚାଲ ।'

ଡାକ୍ତର ସୈନ୍ୟ ଏବଂ ଆହତ ବ୍ୟକ୍ତିଙ୍କ ମଧ୍ୟରେ ଠିଆହୋଇଗଲେ । କ୍ରୋଧରେ ସେ କହିଲେ, ''ମହାଶୟ, ଆପଣଙ୍କର କ'ଣ ମାନବିକତାନାହିଁ । ଏହା ଏକ ଖ୍ରୀଷ୍ଟିଆନ୍ ରାଜ୍ୟ । ଭଦ୍ରବ୍ୟକ୍ତି ସାଂଘାତିକଭାବେ ଆହତ । ଏଠୁ ତାଙ୍କୁ ସ୍ଥାନାନ୍ତରିତ କଲେ ସେ ହୁଏତ ମରିଯାଇପାରନ୍ତି ।''

କ୍ୟାପ୍‌ଟେନ୍ ହୋବାର୍ଟ ହୋ ହୋ ହୋଇ ହସିଉଠି କହିଲେ, ''ତମେ କ'ଣ ଭାବୁଛ ଆମେ ତାଙ୍କୁ ସୁସ୍ଥ କରିବାପାଇଁ ନେଉଛୁ ? ଉଏଷ୍ଟନ୍‌ଠାରୁ ବ୍ରିଜ୍ ସହରଯାଏ ରାସ୍ତାକଡ଼ରେ ଫାଶୀଖୁଣ୍ଟ ସବୁ ତିଆରି ହୋଇଛି । ସେଇଥିରୁ ଗୋଟାଏ ଏହାର ପ୍ରାପ୍ୟ । ଏଇ ମୂର୍ଖ ବିଦ୍ରୋହୀଗୁଡ଼ାଙ୍କୁ ଆମେ ଏମିତି ଶିକ୍ଷା ଦେବୁଁ; ଯାହା ସେମାନେ କେବେହେଲେ ଭୁଲିବେନାହିଁ ।''

''ଆପଣ ବିନା ବିଚାରରେ ଲୋକମାନଙ୍କୁ ଫାଶୀ ଦେଉଛନ୍ତି ? ତା'ହେଲେ ମୁଁ କହିବି ଆପଣମାନେ ଖ୍ରୀଷ୍ଟିଆନ୍ ନୁହନ୍ତି ।''

କ୍ରୋଧଜର୍ଜରିତ ହୋଇ କ୍ୟାପ୍‌ଟେନ୍ ଗର୍ଜିଉଠିଲେ, ''ତମେ କିଏ ?''

— ମୋ ନାଁ ପିଟର୍ ବ୍ଲଡ୍ ।

କ୍ୟାପ୍‌ଟେନ୍ ପୁଣି ପ୍ରଶ୍ନ କଲେ, ''ତମେ ଏଠି କାହିଁକି ?''

Digitized by srujanika@gmail.com

— ଏଇ ଆହତ ଭଦ୍ରବ୍ୟକ୍ତି ତାଙ୍କର ଚିକିତ୍ସା କରିବାପାଇଁ ମୋତେ ଡାକିଲେ । ମୁଁ ବ୍ରିଜ୍ ଟାଉନ୍‌ର ଜଣେ ଡାକ୍ତର ।

ତାଚ୍ଛଲ୍ୟକରି କ୍ୟାପ୍‌ଟେନ୍ କହିଲେ, ''ତମେ ତେବେ ଏଇ ବିଦ୍ରୋହୀ ଡିଉକ୍‌କୁ ସାହାଯ୍ୟ କରୁଛ ?'' ନିଜର ସୈନ୍ୟମାନଙ୍କୁ ଚାହିଁ ସେ ଆଦେଶ ଦେଲେ, ''ଏଇ ଖଟିଆସହ ଲୋକଟାକୁ ବ୍ରିଜ୍ ସହରକୁ ନେଇଯାଅ । ଅନ୍ୟ ଆଦେଶ ପର୍ଯ୍ୟନ୍ତ ତାକୁ ବନ୍ଦିଶାଳାରେ ରଖ ।''

— କିନ୍ତୁ ବାଟରେ ଯାଉ ଯାଉ ତାଙ୍କର ପ୍ରାଣ ଚାଲିଯାଇପାରେ ।

— କିଛି କ୍ଷତି ନାହିଁ । କ୍ୟାପ୍‌ଟେନ୍ ନିଷ୍ଠୁରଭାବେ ହସିଉଠିଲେ— ମୋର କର୍ତ୍ତବ୍ୟ ହେଲା ସବୁ ବିଦ୍ରୋହୀଙ୍କୁ ବନ୍ଦୀ କରିବା ।

ଦୁଇଜଣ ସୈନ୍ୟ ଖଟିଆଟିକୁ ଉଠାଇଲେ । ବହୁ କଷ୍ଟରେ ଡାକ୍ତର ଆଡ଼କୁ ହାତ ବଢ଼ାଇ କ୍ଷୀଣକଣ୍ଠରେ ଗିଲ୍‌ଡୟ କହିଲେ, ''ଡାକ୍ତର, ମୁଁ ଆପଣଙ୍କ ନିକଟରେ ଋଣୀ । ଯଦି ବଞ୍ଚିରହେ, ଭବିଷ୍ୟତରେ ଏହା ପରିଶୋଧ କରିବି ।''

ଉତ୍ତରରେ ଡାକ୍ତର କେବଳ ମୁଣ୍ଡ ନୁଆଇଁଲେ । ତା'ପରେ ସୈନିକମାନଙ୍କୁ ଚାହିଁ ସେ କହିଲେ, ''ତାଙ୍କୁ ଧୀରଭାବରେ ନେବ, ତା' ଉପରେ ତାଙ୍କର ଜୀବନ ନିର୍ଭର କରେ ।'' କ୍ୟାପ୍‌ଟେନ୍‌ଙ୍କ ଆଡ଼କୁ ମୁହଁବୁଲାଇ ସେ ପୁଣି କହିଲେ, ''ଏଥର ମୋତେ ଯିବାକୁ ଦିଅନ୍ତୁ ।''

— ମୋର ଆଦେଶ ତୁମେ ଏଇଠି ରହ । ଜେରେମିଆ ପିଟ୍ ଆଉ ବେୟନ୍‌ସଙ୍କୁ ଆଙ୍ଗୁଳି ନିର୍ଦ୍ଦେଶ କରି ସେ ସୈନିକମାନଙ୍କୁ ଆଦେଶ ଦେଲେ, ''ଏମାନଙ୍କୁ ମଧ୍ୟ ନେଇଯାଅ । ବିଦ୍ରୋହୀମାନଙ୍କୁ ଆଶ୍ରୟଦେବା ବା ସାହାଯ୍ୟ କରିବାର ଫଳ ସେମାନଙ୍କୁ ଦେଖାଇଦେବା ।''

ସୈନିକମାନେ ହାତମୁଠାରେ ବେୟନ୍‌ସ ଖାଲି ଛାଟିପିଟି ହେଲେ । ଶ୍ରୀମତୀ ବେୟନ୍‌ସ ଆଉ ତାଙ୍କ କନ୍ୟା ଭୟରେ ଚିତ୍କାର କରିଉଠିଲେ । କ୍ୟାପ୍‌ଟେନ୍ ତାଙ୍କ ନିକଟକୁ ଯାଇ ବାଳିକାଟିର କାନ୍ଧରେ ହାତରଖିଲେ । ନିରୀହା ବାଳିକା ତା'ର ସୁନୀଳ ଆଖି ଦୁଇଟିରେ ବଲବଲ କରି ଚାହିଁରହିଥାଏ । କ୍ୟାପ୍‌ଟେନ୍ ମୁଖ ବିକୃତକରି ତା ଗାଲରେ ଖୁବ୍ ଜୋର୍‌ରେ ଆଘାତ କଲେ ଓ ବିଦ୍ରୂପ କରି କହିଲେ, ''ଏ ହେଲା ଆରମ୍ଭ ମାତ୍ର । ଏଇ ସୟତାନଗୁଡ଼ାଙ୍କ କଥା ମୁଁ ବୁଝିସାରେ ।'' ବାଳିକାକୁ ଛାଡ଼ି ସେ ଚାଲିଗଲେ । ଶଙ୍କିତା ମା'କୋଳରେ ବାଳିକାଟି ଥରିଉଠିଲା । ସୈନିକମାନେ ଆଦେଶ ଅପେକ୍ଷାରେ ଥିଲେ । ବନ୍ଦୀ ଦୁଇଜଣଙ୍କ ଆଡ଼କୁ ହାତ ଦେଖାଇ ସେ କହିଲେ,''ଏମାନଙ୍କୁ ନେଇଯାଅ ।'' ଟିକିଏ ଭାବି ଡାକ୍ତରଙ୍କ ଆଡ଼କୁ ନିର୍ଦ୍ଦେଶ କରି ସେ ପୁଣି କହିଲେ, ''ଏ ଲୋକଟାକୁ ମଧ୍ୟ ନେଇଯାଅ ।''

Digitized by srujanika@gmail.com

କେତେଟା ରୁକ୍ଷ ହାତ ଡାକ୍ତରଙ୍କ ଚାରିପାଖେ ଘେରିଗଲା । ସେ ଯଥେଷ୍ଟ ଶକ୍ତିଶାଳୀ ଥିଲେ । ଗୋଟିଏ ସୈନ୍ୟର ହାତଧରି ସେ ମୋଡ଼ିଦେଲେ । କିନ୍ତୁ ସୈନ୍ୟମାନେ ତାଙ୍କୁ ଧରିନେଇ ତାଙ୍କ ହାତଦୁଇଟା ପିଠି ପାଖେ ବାନ୍ଧିଦେଲେ ଏବଂ ତାଙ୍କୁ ଅଗଣା ମଝିକୁ ଠେଲିନେଲେ । ପିଟ୍ ଆଉ ବେୟନ୍‌ସ ଆଗରୁ ବନ୍ଧାହୋଇ ସେଠି ଠିଆହୋଇଥିଲେ ।

ବଗିଚାର ଆତଗଛ ତଳେ ଘୋଡ଼ାଗୁଡ଼ାକ ଠିଆହୋଇଥିଲେ । ଡାକ୍ତର ଏବଂ ତାଙ୍କର ସାଥୀ ଦୁଇଜଣଙ୍କୁ ଗୋଟାଏ ଗୋଟାଏ ଘୋଡ଼ାର ପାହାଡ଼ାରେ ବାନ୍ଧିଦିଆଗଲା । ତା'ପରେ କ୍ୟାପ୍‌ଟେନ୍‌ଙ୍କ ଆଦେଶରେ ଛୋଟ ସୈନ୍ୟଦଳଟି ବ୍ରିଜ୍ ସହର ଅଭିମୁଖେ ଆଗେଇଚାଲିଲା । ଡାକ୍ତର ମନେ ମନେ ଚିନ୍ତା କଲେ, ଭଗବାନ୍‌ଙ୍କ ସୃଷ୍ଟିରେ ମଣିଷହିଁ ସବୁଠୁ ବଡ଼ ସୟତାନ୍ । ଏଇ ମଣିଷଜାତିଟା ଚିରଦିନପାଇଁ ଲୋପ ପାଇଯିବା ଉଚିତ । ଏଇ ଜାତିଟାକୁ ଆରୋଗ୍ୟ କରିବାର ଚେଷ୍ଟା କେବଳ ମୂର୍ଖତା ।

[୩]

ବନ୍ଦିଶାଳାରେ ନାନା ଦୁଃଖ-ନିର୍ଯାତନାରେ ତିନିମାସ କଟିଗଲା । ତା'ପରେ ଡାକ୍ତର, ଜେରେମିଆ ପିଟ୍ ଓ ବେୟନ୍‌ସଙ୍କୁ ସାରାଜୀବନପାଇଁ ଦେଶାନ୍ତର ଦଣ୍ଡାଦେଶ ହେଲା । କ୍ରୀତଦାସରୂପେ ସେମାନଙ୍କୁ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜକୁ ପଠାଇଦିଆଗଲା । ବ୍ରିଷ୍ଟଲ୍ ବନ୍ଦରରୁ ଆଉ ତେପନ ଜଣଙ୍କ ସହ ସେମାନଙ୍କୁ 'ଜାମାଇକା ମାର୍ଚ୍ଚେଣ୍ଟ' ନାମକ ଜାହାଜରେ ପଠାଗଲା । ଯାତ୍ରା ଶେଷ ପର୍ଯ୍ୟନ୍ତ ସେମାନଙ୍କୁ ଜାହାଜର ନିମ୍ନାଂଶର କୋଠରିରେ ବନ୍ଦୀ କରି ରଖାଗଲା । ସେଠାରେ ସେମାନଙ୍କ ମଧ୍ୟରେ ଏକ ରୋଗ ବ୍ୟାପିଲା ଏବଂ ଏଥିରେ ଏଗାର ଜଣ ପ୍ରାଣ ହରାଇଲେ । ହତଭାଗ୍ୟ ବେୟନ୍‌ସ ଏଇ ଏଗାର ଜଣଙ୍କ ଭିତରୁ ଜଣେ । ଡାକ୍ତର ବ୍ଲଡ୍ ସେଠି ନଥିଲେ ହୁଏତ ଆହୁରି ଅନେକଙ୍କର ମୃତ୍ୟୁ ହୋଇଥାନ୍ତା । ଡାକ୍ତର ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ସଙ୍ଗୀ ବନ୍ଦୀମାନଙ୍କୁ ଆରୋଗ୍ୟ କଲେ । ଶେଷରେ ରୋଗ ଦୂର ହୋଇଗଲା ।

ଡିସେମ୍ବର ମାସର ମଧ୍ୟଭାଗରେ 'ଜାମାଇକା ମାର୍ଚ୍ଚେଣ୍ଟ' ବାର୍‌ବାଡ୍‌ସ ଦ୍ୱୀପରେ ଲଙ୍ଗର ପକାଇଲା । ବନ୍ଦୀମାନଙ୍କୁ ଏଇଠି ଓହ୍ଲାଇ ଦିଆଗଲା । ସେମାନଙ୍କପାଇଁ ଲାଲପୋଷାକଧାରୀ ଦଳେ ସୈନ୍ୟ ଅପେକ୍ଷା କରିଥିଲେ । ତା ବ୍ୟତୀତ କେତେକ ବେସାମରିକ ଲୋକ ମଧ୍ୟ ଉପସ୍ଥିତ ଥିଲେ । ସେମାନଙ୍କ ମଧ୍ୟରେ ମହିଳାମାନଙ୍କ ସଂଖ୍ୟା କମ୍ ଏବଂ ନିଗ୍ରୋମାନଙ୍କ ସଂଖ୍ୟା ଅଧିକ ଥିଲା । ଉପନିବେଶର ମୁଖ୍ୟ

Digitized by srujanika@gmail.com

ଗଭର୍ଣ୍ଣର ଷ୍ଟିଡ୍ ସେମାନଙ୍କୁ ଦେଖିବାପାଇଁ ଆଗେଇ ଆସିଲେ । ସେ ଜଣେ ପୃଥୁଳକାୟ ଭଦ୍ରବ୍ୟକ୍ତି । ମୁଖର ବର୍ଣ୍ଣ ଲାଲ । ବାଡ଼ିଖଣ୍ଡକ ଉପରେ ଭରାଦେଇ ଚାଲୁଥାନ୍ତି । ତାଙ୍କ ପଛରେ ଜଣେ ଉଚ୍ଚା ଶକ୍ତିଶାଳୀ ଲୋକ; ବାର୍‌ବାଡସ୍‌ର ସେନାପତି ପୋଷାକ ପିନ୍ଧିଥାନ୍ତି । ମୁହଁଟା ତାଙ୍କର ବଡ଼ ନିଷ୍ଠୁର ଆଉ ଅସୁନ୍ଦର । ସେନାପତିଙ୍କ ନିକଟରେ ଜଣେ କିଶୋରୀ; ସେ ଅଶ୍ୱାରୋହୀର ପୋଷାକ ପିନ୍ଧିଥାନ୍ତି । ଚେହେରା ତାଙ୍କର ସେନାପତିଙ୍କ ରୁକ୍ଷ ଚେହେରାର ସଂପୂର୍ଣ୍ଣ ବିପରୀତ । ତରଙ୍ଗାୟିତ ସ୍ୱର୍ଣ୍ଣବର୍ଣ୍ଣର କେଶ ମଥା ଉପରୁ ତଳକୁ ଲମ୍ବିଯାଇଛି, ବିଷୁବମଣ୍ଡଳୀୟ ସୂର୍ଯ୍ୟର ପ୍ରଚଣ୍ଡ କିରଣରେ ମଧ୍ୟ ଦେହର ଗୌରବର୍ଣ୍ଣ ନଷ୍ଟ ହୋଇନାହିଁ । କରୁଣା ଏବଂ ଦୟାପୂର୍ଣ୍ଣ ଆଖିରେ ସେ ବନ୍ଦୀମାନଙ୍କ ଆଡ଼କୁ ଚାହିଁଲେ ।

ବିସ୍ମୟ-ବିସ୍ଫାରିତ ନେତ୍ରରେ ଡାକ୍ତର ବ୍ଲଡ୍ ସେଇ ସୁନ୍ଦର ମୁହଁଟିକୁ ଚାହିଁରହିଲେ । ନିଜର ଶୋଚନୀୟ ଅବସ୍ଥା ଚିନ୍ତାକରି ସେ ବଡ଼ ଅସ୍ୱସ୍ତି ବୋଧକଲେ । କେତେଦିନଧରି ଗାଧୁଆ ନାହିଁ । ପୋଷାକପତ୍ର ଚିରା ଆଉ ମଇଳା । ସେଇ ସୁନ୍ଦର ଆଖି ଦୁଇଟିପାଇଁ ସେ ନିଜର ଅଙ୍ଗକୁ ଅନୁପଯୁକ୍ତ ମନେକଲେ । ଡାକ୍ତର ବ୍ଲଡ୍‌ଙ୍କୁ ଦେଖି କିଶୋରୀଟିର ଆଖିରେ କରୁଣା ଏବଂ ବିସ୍ମୟ ପ୍ରକଟିତ ହେଲା । ସେ ସେନାପତିଙ୍କ ଦେହରେ ହାତମାରିଲେ ଏବଂ ସେନାପତି ଟିକିଏ ବିରକ୍ତି ପ୍ରକାଶ କରି ତାଙ୍କ ଆଡ଼କୁ ମୁହଁ ବୁଲାଇଲେ । କିଶୋରୀ ଧୀରଭାବରେ ତାଙ୍କୁ କିଛି କହିଲେ; କିନ୍ତୁ ସେନାପତି ସେଥିରେ ଧ୍ୟାନ ଦେଲାପରି ଜଣାଗଲାନାହିଁ । ଗଭର୍ଣ୍ଣର ମଧ୍ୟ ଅଟକି ଯାଇଥିଲେ । ତିନିଜଣଯାକ କିଛି ସମୟ କଥାବାର୍ତ୍ତା କଲେ । କିଶୋରୀ କ'ଣ କହୁଥିଲେ ଡାକ୍ତର ତା ଶୁଣିପାରିଲେନାହିଁ । କାରଣ ସେ ଖୁବ୍ ଧୀରେ କଥା କହୁଥିଲେ । ସେନାପତିଙ୍କ କଥାଗୁଡ଼ା ବଡ଼ ରୁକ୍ଷ ଥିଲା; କିନ୍ତୁ ଗଭର୍ଣ୍ଣର ଗୁରୁ-ଗମ୍ଭୀରଭାବେ କଥା କହୁଥିଲେ ।

ଗଭର୍ଣ୍ଣର କହିଲେ, ''ଶୁଣନ୍ତୁ ସେନାପତି ବିଶପ୍ ! ଆପଣଙ୍କୁ ଅବଶ୍ୟ ପ୍ରଥମେ ସୁଯୋଗ ଦିଆଯିବ । ଆପଣ ଏମାନଙ୍କ ଭିତରୁ କାହାକୁ କ୍ରୟ କରିବେ ଏବଂ କେତେ ମୂଲ୍ୟ ଦେବେ କହନ୍ତୁ । ତା'ପରେ ଅନ୍ୟମାନଙ୍କ କଥା ବିଚାର କରାଯିବ ।''

କୃତଜ୍ଞତା ଜଣାଇ ସେନାପତି ବିଶପ୍ କହିଲେ, ''ମହାମାନ୍ୟ ଗଭର୍ଣ୍ଣରଙ୍କ ଦୟା ଅସୀମ । କିନ୍ତୁ ଏ ଲୋକଗୁଡ଼ାକ ଖୁବ୍ ଦୁର୍ବଳ; ବଗିଚାରେ କାମ କରିବାକୁ ସମର୍ଥ ହେବେନାହିଁ ।'' ପୁଣି ଥରେ ତାଙ୍କର ଛୋଟ ଆଖି ଦୁଇଟା ବନ୍ଦୀମାନଙ୍କ ଉପରେ ବୁଲିଗଲା । ସେମାନଙ୍କ ନିକଟକୁ ଯାଇ ସେ ଜେରେମିଆ ପିଟ୍ ପାଖରେ ଠିଆହେଲେ । ତା ଦେହରେ ହାତମାରି ପରୀକ୍ଷା କଲେ । ତା'ପରେ ତା'ର ଦାନ୍ତ ଦେଖିବାପାଇଁ ତାକୁ ପାଟି ଖୋଲିବାକୁ କହିଲେ– ସତେ ଯେପରି ମଣିଷ ନୁହେଁ, ଗୋଟାଏ ପଶୁକୁ ସେ ପରୀକ୍ଷା କରୁଛନ୍ତି । ଶେଷରେ ସେ ଜାମାଇକା ମାର୍ଚ୍ଚେଣ୍ଟର କପ୍ତାନ୍‌ଙ୍କୁ କହିଲେ,

Digitized by srujanika@gmail.com

''ଏଇଟାପାଇଁ ମୁଁ ଆପଣଙ୍କୁ ପନ୍ଦର ପାଉଣ୍ଡ ଦେବି ।''

''କିନ୍ତୁ ତିରିଶ ପାଉଣ୍ଡରେ ମଧ ସେ ଶସ୍ତା ହେବ ଆଜ୍ଞା !''– କପ୍ତାନ୍ କହିଲେ । ସେ ମୂଲ୍ୟରେ ତ ମୁଁ ଗୋଟାଏ ନିଗ୍ରୋ ପାଇପାରିବି । ଏଇ ଶ୍ୱେତାଙ୍ଗ ପଶୁଗୁଡ଼ା ବେଶିଦିନ ବଞ୍ଚିବେନାହିଁ । କାମକରିବାପାଇଁ ଏଗୁଡ଼ା ମଧ ଯୋଗ୍ୟ ନୁହନ୍ତି । ଯାହା ହେଉ ମୁଁ କୋଡ଼ିଏ ପାଉଣ୍ଡ ଦେଇପାରେ; ଆଉ ଗୋଟିଏ ପେନି ବି ଅଧିକ ନୁହେଁ ।

ଏ ପ୍ରକାର ଘୃଣ୍ୟ ପରିସ୍ଥିତିରେ ଡାକ୍ତର ବ୍ୟଥିତ ହୋଇପଡ଼ିଲେ । ଏଣେ ସେନାପତି ବିଶପ୍ ଆଗକୁ ଚାଲିଥାନ୍ତି । ଡାକ୍ତରଙ୍କ ଆଡ଼କୁ ମୋଟେ ଦୃଷ୍ଟି ନ ଦେଇ ସେ ଆଗେଇଲେ । ଡାକ୍ତରଙ୍କ ନିକଟରେ ଉଭରଷ୍ଟୋନ୍ ନାମକ ଜଣେ ଦୀର୍ଘ ସୁସ୍ଥସବଳ ବ୍ୟକ୍ତି ଠିଆହୋଇଥିଲା । ସେଜ୍‌ମୁର ଯୁଦ୍ଧରେ ସେ ତା'ର ଗୋଟିଏ ଆଖି ହରାଇଥିଲା । ତାକୁ କିଣିବାପାଇଁ ସେନାପତି ଆଗ୍ରହ ପ୍ରକାଶକଲେ ଏବଂ ପୁଣି ଦରଦାମ୍ ଆରମ୍ଭ ହେଲା । ଅନ୍ୟାନ୍ୟ କ୍ରେତାମାନେ ଆସି ବନ୍ଦୀମାନଙ୍କୁ ଦେଖିଗଲେ । ଡାକ୍ତର ସେମାନଙ୍କ ଆଡ଼କୁ ଦୃଷ୍ଟି ଦେଲେ ନାହିଁ । ଏତିକିବେଳେ ଧାଡ଼ି ଶେଷରେ କିଛି ଶବ୍ଦ ହେଲା । ଡାକ୍ତର ଦେଖିଲେ କିଶୋରୀଟି ବନ୍ଦୀମାନଙ୍କ ଆଡ଼କୁ ତା'ର ଚାବୁକ ବଢ଼ାଇ ବିଶପ୍‌ଙ୍କୁ କିଛି କହୁଛି । ତା'ପରେ ଗଭର୍ଣ୍ଣର ଏବଂ କିଶୋରୀଟି ସହ ବିଶପ୍ ପୁଣି ଫେରିଆସିଲେ । ଡାକ୍ତରଙ୍କ ନିକଟରେ ପହଞ୍ଚିଲା ପରେ କିଶୋରୀଟି ତା'ର ଚାବୁକରେ ତାଙ୍କର ବାହୁ ସ୍ପର୍ଶକରି କହିଲା, ''ଏଇଲୋକ କଥା ମୁଁ କହୁଥିଲି ।''

– ଏଇ ଲୋକଟା ? ଘୃଣାରେ କହିଲେ ସେନାପତି । କେବଳ ହାଡ଼ ଗୁଡ଼ାଏ । ଏଇଟାକୁ ନେଇ ମୁଁ କ'ଣ କରିବି ?

ସେ ଚାଲିଯିବାକୁ ବସିଥିଲେ । ଜାହାଜର ଅଧକ୍ଷ କହିଲେ, ''ଲୋକଟା ପତଳା ସତ; କିନ୍ତୁ ସେ ଖୁବ୍ ଶକ୍ତିଶାଳୀ । ଜାହାଜରେ ଏମାନଙ୍କ ଭିତରୁ ଅର୍ଦ୍ଧେକ ଯେତେବେଳେ ବେମାର ପଡ଼ିଲେ ଏଇ ଲୋକ ସେମାନଙ୍କର ଚିକିତ୍ସା କରି ଆରୋଗ୍ୟ କଲା । ଏଠିକାର ଉତ୍ତପ୍ତ ଜଳବାୟୁ ସେ ସହ୍ୟ କରିପାରିବ । ତା' ପାଇଁ ମୁଁ ମୋଟେ ପନ୍ଦର ପାଉଣ୍ଡ କହୁଛି । ଖୁବ୍ ଶସ୍ତା ଆଜ୍ଞା !''

ଗଭର୍ଣ୍ଣର ଷ୍ଟିଡ୍ ହସିଉଠିଲେ– ଶୁଣିଲେ ତ ସେନାପତି ବିଶପ୍ ! ଆପଣଙ୍କ ଝିଆରୀକୁ ବିଶ୍ୱାସ କରନ୍ତୁ । ଲୋକଙ୍କୁ ଦେଖୁ ଦେଖୁ ସେ ଚିହ୍ନିପାରନ୍ତି । '

ଏଇ ରହସ୍ୟଟିକକ ସୃଷ୍ଟିକରି ସେ ପୁଣି ହସିଉଠିଲେ । କିନ୍ତୁ ସେନାପତିଙ୍କ ଝିଆରୀ ଏଥିରେ ସନ୍ତୁଷ୍ଟ ନହୋଇ ବିରକ୍ତ ହୋଇ ଚାହିଁଲେ । ଶେଷରେ ସେନାପତି କହିଲେ, ''ଆଚ୍ଛା, ଏ ଲୋକଟାପାଇଁ ମୁଁ ଆପଣଙ୍କୁ ଦଶ ପାଉଣ୍ଡ ଦେଇପାରେ ।''

ଜାହାଜର ଅଧକ୍ଷ ଏଥିରେ ରାଜି ନହୁଅନ୍ତୁ ବୋଲି ଡାକ୍ତର ମନେ ମନେ ଭଗବାନ୍‌ଙ୍କ ପ୍ରାର୍ଥନା କଲେ । କେତେଗୁଡ଼ାଏ କାରଣରୁ ସେ ଏଇ ଦୁର୍ଦ୍ଧର୍ଷ ଲୋକ

Digitized by srujanika@gmail.com

ତଥା ସେଇ ନୀଳନୟନା କିଶୋରୀ ଅଧୀନରେ ରହିବାକୁ ଇଚ୍ଛା କରୁନଥିଲେ । କିନ୍ତୁ ଯେ ଦାସ ସେ ଦାସ; ନିଜର ଭାଗ୍ୟ ନିୟନ୍ତ୍ରଣ କରିବାର କ୍ଷମତା ତା'ର ନାହିଁ । ପରିଶେଷରେ ମାତ୍ର ଦଶ ପାଉଣ୍ଡ ମୂଲ୍ୟରେ ଡାକ୍ତର ପିଟର୍ ବ୍ଲଡ୍ ସେନାପତି ବିଶପ୍‌ଙ୍କୁ ବିକ୍ରିତ ହେଲେ ।

[୪]

'ଜାମାଇକା ମାର୍ଚ୍ଚେଣ୍ଟ' ବାର୍‌ବାଡ୍‌ସରେ ପହଞ୍ଚିବାର ଏକ ମାସ ପରେ– ଜାନୁୟାରୀର ଏକ ନିର୍ମଳ ସକାଳ । କୁମାରୀ ଆରାବେଲା ବିଶପ୍ ତାଙ୍କ ପିତୃବ୍ୟଙ୍କ ଘରୁ ଅଶ୍ୱପୃଷ୍ଠରେ ବସି ସହରର ଉତ୍ତର-ପଶ୍ଚିମ ଦିଗରେ ଥିବା ପାହାଡ଼କୁ ଚାଲିଲେ । ଦୁଇଜଣ ନିଗ୍ରୋ ଭୃତ୍ୟ ତାଙ୍କ ପଛେ ପଛେ ଖଣ୍ଡେ ଦୂରରେ ରହି ଦୌଡୁଥାନ୍ତି । ଗଭର୍ଣ୍ଣରଙ୍କ ପୀଡ଼ିତା ପତ୍ନୀଙ୍କୁ ଦେଖିବାପାଇଁ ସେ ତାଙ୍କ ବାସଭବନକୁ ଯାଉଥାନ୍ତି । ବାଟରେ ବିପରୀତ ଦିଗରୁ ଆସୁଥିବା ଜଣେ ଉଚ୍ଚା ପତଳା ଲୋକକୁ ସେ ଭେଟିଲେ । ଲୋକଟି ତାଙ୍କର ଅଚିହ୍ନା । ତଥାପି ସଂପୂର୍ଣ୍ଣ ଅଚିହ୍ନା ବୋଲି ତାଙ୍କର ମନେହେଲାନାହିଁ । ଲୋକଟି ନିକଟକୁ ଆସିଲା । କୁମାରୀ ଆରାବେଲା ଅଶ୍ୱ ଅଟକାଇ ତାକୁ ନିରୀକ୍ଷଣ କଲେ । ଏକ ସୂର୍ଯ୍ୟସ୍ନାତ ସୁନ୍ଦର ପତଳା ମୁହଁ ଭିତରୁ ଦୁଇଟି ଉଜ୍ଜ୍ୱଳ ନୀଳ ଆଖି ତାଙ୍କୁ ଫେରିଚାହିଁଲା । ଲୋକଟି ଚାଲିଯାଇଥାନ୍ତା; କିନ୍ତୁ କୁମାରୀ ଆରାବେଲା ତାକୁ ଅଟକାଇଲେ ।

''ମୋର ମନେହୁଏ ମୁଁ ଆପଣଙ୍କୁ ଚିହ୍ନେ ।''– ସେ କହିଲେ ।

ଅପରିଚିତ ବ୍ୟକ୍ତି ଟିକିଏ ରହି ଉତ୍ତରଦେଲେ, ''ଜଣେ ଭଦ୍ରମହିଳା ନିଜର ସମ୍ପତ୍ତି ଚିହ୍ନିବା ଉଚିତ ।''

– ମୋ ସମ୍ପତ୍ତି ?

''ଆପଣଙ୍କ ପିତୃବ୍ୟଙ୍କର ତ ! ମୁଁ ମୋର ପରିଚୟ ଦିଏ । ମୋ ନାଁ ପିଟର୍ ବ୍ଲଡ୍ ଆଉ ମୋର ମୂଲ୍ୟ ଠିକ୍ ଦଶ ପାଉଣ୍ଡ । ମୁଁ ଏହା ଜାଣେ, କାରଣ ଆପଣଙ୍କ ପିତୃବ୍ୟ ମୋ ପାଇଁ ସେତିକି ମୁଦ୍ରା ଦେଇଥିଲେ ।''

କୁମାରୀ ଆରାବେଲା ଏଥର ତାଙ୍କୁ ଚିହ୍ନିପାରିଲେ । ଏଇ ମାସେ ହେଲା ସେ ତାଙ୍କୁ ଦେଖିନାହାନ୍ତି; ତେଣୁ ହଠାତ୍ ତାଙ୍କୁ ଚିହ୍ନିନପାରିବା କିଛି ବିଚିତ୍ର ନୁହେଁ । ଡାକ୍ତରଙ୍କ ଚେହେରାରେ ବହୁତ ପରିବର୍ତ୍ତନ ଆସିଯାଇଥିଲା । ସେ ମୋଟେ କ୍ରୀତଦାସ ପରି ଦେଖାଯାଉନଥିଲେ । କୁମାରୀ ଆରାବେଲାଙ୍କର ମନେପଡ଼ିଲା ଏଇ ବ୍ୟକ୍ତି ଜଣେ ଡାକ୍ତର । ଗଭର୍ଣ୍ଣର ଗାଉଟ୍ ରୋଗରେ ବହୁତ କଷ୍ଟପାଇ ଏଇ ଡାକ୍ତରଙ୍କ କଥା ଜାଣି ତାଙ୍କୁ ଡକାଇ ନେଇଥିଲେ । ଗଭର୍ଣ୍ଣରଙ୍କ ଡାକ୍ତରମାନଙ୍କ ଅପେକ୍ଷା ପିଟର୍ ଅଧିକ

Digitized by srujanika@gmail.com

ଭଲ ଚିକିତ୍ସା କରିପାରିଲେ ଏବଂ ଗଭର୍ଣ୍ଣରଙ୍କ ସ୍ୱାସ୍ଥ୍ୟରେ ଯଥେଷ୍ଟ ଉନ୍ନତି ଦେଖାଗଲା । ଗଭର୍ଣ୍ଣରଙ୍କ ପତ୍ନୀଙ୍କୁ ମଧ୍ୟ ପିଟର୍ ରୋଗମୁକ୍ତ କରିଥିଲେ । ଡାକ୍ତର ହିସାବରେ ତାଙ୍କର ବେଶ୍ ଖ୍ୟାତି ହୋଇଥିଲା । ତାଙ୍କର କାମ ବଦଳରେ ସେନାପତି ବିଶପ୍ ଯଥେଷ୍ଟ ଅର୍ଥ ଲାଭ କରୁଥିଲେ । ଏଇ କ୍ରୀତଦାସକୁ ଆଖୁକ୍ଷେତରେ ଖଟାଇବା ଅପେକ୍ଷା ଡାକ୍ତରଭାବରେ ବ୍ୟବହାର କରିବାରେ ତାଙ୍କର ଅଧିକ ଲାଭ ଥିଲା ।

ଡାକ୍ତର ପିଟର୍ କୁମାରୀ ଆରାବେଲାଙ୍କୁ ଚାହିଁ କହିଲେ, ''ମାଡାମ୍, ମୋର ଏଇ ଅପେକ୍ଷାକୃତ ସରଳ ଆଉ ସ୍ୱଚ୍ଛନ୍ଦ ଜୀବନପାଇଁ ମୁଁ ଆପଣଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି ।''

କୁମାରୀ ଆରାବେଲା ବିସ୍ମିତ ହୋଇ ତାଙ୍କ ଆଡ଼କୁ ଚାହିଁଲେ । ଡାକ୍ତର ପୁଣି କହିଲେ, ''ଯଦି ଅନ୍ୟ କେହି ମୋତେ କ୍ରୟ କରିନେଇଥାନ୍ତେ ତେବେ ଡାକ୍ତରଭାବରେ ମୋର ଯେଉଁ ଦକ୍ଷତା ତାହା କେହି ଜାଣିପାରିନଥାନ୍ତେ । ଯେଉଁ ହତଭାଗ୍ୟମାନେ ମୋ ସହିତ ଆସିଥିଲେ ସେମାନଙ୍କ ପରି ମୁଁ ମଧ୍ୟ ଆଖୁକ୍ଷେତରେ ଖଟୁଥାନ୍ତି ।''

– କିନ୍ତୁ ସେଥିପାଇଁ ଆପଣ ମୋତେ ଧନ୍ୟବାଦ ଦେଉଛନ୍ତି କାହିଁକି ? ମୋ ପିତୃବ୍ୟ ଆପଣଙ୍କୁ କ୍ରୟ କରିଥିଲେ ।

– ଆପଣ ତାଙ୍କୁ ପ୍ରବର୍ତ୍ତାଇନଥିଲେ ସେ ଏହା କରିନଥାନ୍ତେ ।

ମୁଁ ମୋର ପିତୃବ୍ୟଙ୍କୁ ପ୍ରବର୍ତ୍ତାଇବାର କାରଣ ହେଲା– ଆପଣଙ୍କ ଉପରେ ମୋର କରୁଣା । ମୋର ପିତୃବ୍ୟ ଅବଶ୍ୟ କଠୋର ବ୍ୟକ୍ତି; ତଥାପି ପିତୃବ୍ୟଙ୍କ ଅପେକ୍ଷା ଅଧିକ ନିଷ୍ଠୁର ବ୍ୟକ୍ତି ମଧ୍ୟ ଏଠାରେ ଅଛନ୍ତି ।

ସାମାନ୍ୟ ବିବ୍ରତ ହୋଇ ଡାକ୍ତର କହିଲେ, ''ଆପଣଙ୍କ କରୁଣାପାଇଁ ଅନ୍ୟମାନେ ତ ଥିଲେ ।''

– ଆପଣ ଅନ୍ୟମାନଙ୍କ ସଙ୍ଗେ ସମାନ ଜଣାଯାଉନଥିଲେ ।

– ବାସ୍ତବରେ ମୁଁ ଅନ୍ୟମାନଙ୍କ ସହ ସମାନ ନୁହେଁ ।

– ଓଃ, ଆପଣ ନିଜ ଉପରେ ଖୁବ୍ ଉଚ୍ଚ ମତାମତ ଦେଉଛନ୍ତି ?

– ତା ନୁହେଁ, ଅନ୍ୟମାନେ ସମସ୍ତେ ବିଦ୍ରୋହୀ– କିନ୍ତୁ ମୁଁ ନୁହେଁ;– ଏଇ ହେଲା ପାର୍ଥକ୍ୟ ।

– କିନ୍ତୁ ଆପଣ ଯଦି ବିଦ୍ରୋହୀ ନୁହନ୍ତି ଏଠାକୁ ଆସିଲେ କିପରି ?

ସଂକ୍ଷେପରେ ଡାକ୍ତର ତାଙ୍କୁ ସମସ୍ତ ଘଟଣା କହିଗଲେ ।

''ଭଗବାନ୍ ! କି ଅନ୍ୟାୟ !''– କହିଉଠିଲେ କୁମାରୀ ଆରାବେଲା ।

''ଛାଡ଼ନ୍ତୁ । ରାଜା ଜେମସ୍‌ଙ୍କ ଅଧୀନରେ ଇଂଲଣ୍ଡ ବେଶ୍ ସୁଖଶାନ୍ତିପୂର୍ଣ୍ଣ ରାଜ୍ୟ ହୋଇଛି ।'' ବ୍ୟଙ୍ଗଭାବରେ କହିଲେ ଡାକ୍ତର । ''ମୋତେ ଆଉ ଦୟା କରିବାର

Digitized by srujanika@gmail.com

ଆବଶ୍ୟକତା ନାହିଁ । ସବୁ ଦିଗରୁ ବିଚାର କରି ମୁଁ ଇଂଲଣ୍ଡ ଅପେକ୍ଷା ବାର୍‌ବାଡ୍‌ସକୁ ପସନ୍ଦ କରୁଛି । ଏଠି ଅନ୍ତତଃ ଲୋକେ ଭଗବାନଙ୍କୁ ବିଶ୍ୱାସ କରନ୍ତି ।''

ଏତିକି କହି ଡାକ୍ତର ମଥାନତ କଲେ ଆଉ କୁମାରୀ ଆରାବେଲା ଆଗକୁ ଚାଲିଲେ । ନିଗ୍ରୋ ଭୃତ୍ୟ ଦୁହେଁ ତାଙ୍କ ପଛରେ ଦୌଡ଼ିବାରେ ଲାଗିଲେ । ଡାକ୍ତର ପିଟର୍ ବ୍ଲଡ୍ ଦୀର୍ଘଶ୍ୱାସ ତ୍ୟାଗକରି ନିଜ ବାଟରେ ଆଗେଇଲେ । ଅନ୍ୟ ହତଭାଗ୍ୟ ବନ୍ଦୀମାନଙ୍କ ଅପେକ୍ଷା ତାଙ୍କର ଭାଗ୍ୟ ଅବଶ୍ୟ ଭଲ ଥିଲା । କିନ୍ତୁ ସେଥିରେ ସେ ସନ୍ତୋଷଲାଭ କରିପାରୁନଥିଲେ, ବରଂ ସେମାନଙ୍କ ଦୁର୍ଦ୍ଦଶା କଥା ଚିନ୍ତାକରି ସେ ବଡ଼ ଦୁଃଖିତ ହେଉଥିଲେ । ବୟାଳିଶ ଜଣ ବନ୍ଦୀଙ୍କ ମଧ୍ୟରୁ ସେନାପତି ବିଶପ୍ ପଚିଶ ଜଣଙ୍କୁ କ୍ରୟ କରିଥିଲେ; ଅବଶିଷ୍ଟ ବନ୍ଦୀମାନେ ଅନ୍ୟ ସ୍ଥାନକୁ ଯାଇଥିଲେ । ଡାକ୍ତର ବ୍ଲଡ୍ ସେମାନଙ୍କ ଦୁର୍ଦ୍ଦଶା ବିଷୟରେ କିଛି ଜାଣୁନଥିଲେ; କିନ୍ତୁ ବିଶପ୍‌ଙ୍କ ଦାସମାନଙ୍କୁ ସେ ସବୁବେଳେ ଦେଖୁଥିଲେ । ଏକ କୁଟୀରରେ ସେମାନଙ୍କ ସହ ରହୁଥିଲେ । ତେଣୁ ସେମାନେ କିପରି ପଶୁ ତୁଲ୍ୟ ବ୍ୟବହୃତ ହେଉଥିଲେ ତାହା ସେ ଦେଖୁଥିଲେ । ସେମାନେ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତଯାଏଁ ଆଖୁକ୍ଷେତରେ ଖଟୁଥିଲେ । ଟିକିଏ ବିଶ୍ରାମ ନେଲେ ପିଠିରେ ଚାବୁକ ବସୁଥିଲା । ଚିରାକନା ପିନ୍ଧି, ଦରଖିଆ ହୋଇ ସେମାନେ ବଡ଼ ଶୋଚନୀୟ ଅବସ୍ଥାରେ ଥିଲେ । ଅଳ୍ପଦିନ ପୂର୍ବେ ଜଣେ ବିଦ୍ରୋହ କରିବାରୁ ଚାବୁକ ପ୍ରହାରରେ ତାକୁ ମାରିଦିଆଗଲା । ଆଉ ଜଣେ ଜଙ୍ଗଲକୁ ପଳାଇଗଲା । ତାକୁ ଜଙ୍ଗଲରୁ ଧରିଆଣି ତାତିଲା ଲୁହାରେ ତା କପାଳରେ 'ପ' ଅକ୍ଷର ଲେଖିଦିଆଗଲା । 'ପ'ର ଅର୍ଥ 'ପଳାତକ' । ଏହାପରେ ଆଉ କେହି ବିଦ୍ରୋହ କରିବାକୁ ସାହସ କଲେନାହିଁ; ଭାଗ୍ୟକୁ ଆଦରି ପଡ଼ିରହିଲେ ।

କେବଳ ଡାକ୍ତର ଏ ଦୁର୍ଦ୍ଦଶାରୁ ରକ୍ଷାପାଇଯାଇଥିଲେ । ଅନ୍ତର ଭିତରେ ତାଙ୍କର ମାନବଜାତି ପ୍ରତି ଏକ ଘୃଣା ଜାତ ହେଲା । ଏ ସ୍ଥାନରୁ ମୁକ୍ତି ପାଇବା ପାଇଁ ସେ ମନେ ମନେ କଳ୍ପନା କରୁଥିଲେ । କୁମାରୀ ବିଶପ୍‌ଙ୍କ ସଙ୍ଗେ ତାଙ୍କର ବେଳେ ବେଳେ ସାକ୍ଷାତ୍ ହେଉଥିଲା । ସେ ବରାବର ଡାକ୍ତରଙ୍କ ସହିତ କଥାବାର୍ତ୍ତା କରି ତାଙ୍କ ପ୍ରତି ନିଜର ସ୍ନେହ ପ୍ରକାଶ କରୁଥିଲେ । କିନ୍ତୁ ଡାକ୍ତର ତାଙ୍କ ସୌନ୍ଦର୍ଯ୍ୟ ବା ବନ୍ଧୁତାରେ ମୁଗ୍ଧ ହେବାର କୌଣସି ସୂଚନା ଦେଖାଉନଥିଲେ । ତାଙ୍କ ପିତୃବ୍ୟଙ୍କ ପରି ନିଷ୍ଠୁର ପଶୁତୁଲ୍ୟ ମଣିଷ ସେ କେବେ ଦେଖିନଥିଲେ । କିନ୍ତୁ ଏଇ ଲୋକଠାରୁ ଦୂରକୁ ଯିବାର ବାଟ ତାଙ୍କର ନଥିଲା । କୁମାରୀ ଆରାବେଲା ଏଇ ବିଶପ୍‌ଙ୍କ ଝିଆରୀ । ତାଙ୍କ ଦେହରେ ମଧ୍ୟ ସେନାପତି ବିଶପ୍‌ଙ୍କ ରକ୍ତ ପ୍ରବାହିତ । ଏଇ ଧନୀ ପିତୃବ୍ୟଙ୍କ ପାଶବିକ ନିଷ୍ଠୁରତା ତାଙ୍କଠାରେ ଥାଇପାରେ ବୋଲି ସେ ଭାବୁଥିଲେ । ତେଣୁ ସେ କୁମାରୀ ଆରାବେଲାଙ୍କଠାରୁ ଦୂରରେ ରହିବାକୁ ସବୁବେଳେ ଚେଷ୍ଟା କରୁଥିଲେ ।

Digitized by srujanika@gmail.com

[୫]

ଧୀରେ ଧୀରେ ଦିନ ଗଡ଼ିଚାଲିଲା । ତା ସହ ହତଭାଗା କ୍ରୀତଦାସଗୁଡ଼ିକଙ୍କର ଅବସ୍ଥା ଆହୁରି ଶୋଚନୀୟ ହେବାକୁ ଲାଗିଲା । ଡାକ୍ତର ପିଟର୍ ବ୍ଲଡ୍ ସେମାନଙ୍କ ମୁକ୍ତିପାଇଁ କିଛି ଏକ ବାଟ କରିବାକୁ ଦୃଢ଼ସଂକଳ୍ପ ହେଲେ ଏବଂ କୌଣସି ପ୍ରକାରେ ଗୋଟାଏ ଛୋଟ ଜାହାଜ ପାଇବାପାଇଁ ଗୁପ୍ତରେ ସନ୍ଧାନ ଚଳାଇଲେ । ଜେରେମିଆ ପିଟ୍ ଜାହାଜର ଅଧକ୍ଷ କାମ ପାଇଁ ଶିକ୍ଷାଲାଭ କରିଥିଲା । କ୍ରୀତଦାସମାନଙ୍କ ମଧରେ ଆହୁରି କେତେ ନାବିକ ମଧ ଥିଲେ । କିନ୍ତୁ ଜାହାଜ ଯୋଗାଇଦେବାକୁ କେହି ରାଜି ହେଲେ ନାହିଁ; କାରଣ କ୍ରୀତଦାସଙ୍କୁ ପଳାୟନ କରିବାର ସାହାଯ୍ୟ କରିବାରେ ଦଣ୍ଡ ଥିଲା ମୃତ୍ୟୁ ।

ଦିନେ ସେନାପତି ବିଶପ୍‌ଙ୍କ କ୍ଷେତରେ ଅବସ୍ଥା ଅତି ସାଂଘାତିକ ହୋଇ ଉଠିଲା । ତରୁଣ ଜେରେମିଆ ପିଟ୍‌କୁ ଅତି ସାମାନ୍ୟ ଅପରାଧପାଇଁ ବିଶପ୍ ନିଜେ ନିଷ୍ଠୁରଭାବେ ପ୍ରହାରକଲେ । ତରୁଣ ପିଟ୍ ଆଉ ସହିପାରିଲାନାହିଁ । ସମସ୍ତ ଧୈର୍ଯ୍ୟ ହରାଇ ସେ ସେନାପତି ବିଶପ୍‌ଙ୍କୁ ଆକ୍ରମଣ କଲା । କିନ୍ତୁ ମୁହୂର୍ତ୍ତକ ମଧରେ ବିଶପ୍‌ଙ୍କ ଅଙ୍ଗରକ୍ଷୀ ନିଗ୍ରୋମାନେ ତାକୁ ଆୟତ୍ତ କରିନେଲେ । ସେମାନଙ୍କ କଳା କଳା ବଳିଷ୍ଠ ହାତ ଭିତରେ ପିଟ୍ ଶକ୍ତିହରା ହୋଇ ଠିଆହେଲା । ତା'ର ହାତ ଦୁଇଟା ,ପିଠି ପାଖେ ଚମଡ଼ା ଦଉଡ଼ିରେ ଶକ୍ତଭାବେ ବାନ୍ଧିଦିଆଗଲା । ସେନାପତି ବିଶପ୍ କ୍ରୋଧରେ ଜର୍ଜରିତ ହୋଇ ଆଦେଶ ଦେଲେ, ''ଏଇ କୁକୁରଟାକୁ ନେଇଆସ ।''

ବିଚରା ପିଟ୍‌କୁ ଆଖୁକ୍ଷେତ ପାଖ ରାସ୍ତାରେ ନିଗ୍ରୋମାନେ ଘୋଷାରି ଘୋଷାରି ନେଲେ । ଅନ୍ୟ କ୍ରୀତଦାସମାନେ ଭୀତ ଚକିତ ହୋଇ ଚାହିଁଥାନ୍ତି । ପିଟ୍ ଏକାନ୍ତେଇଲକେ ହତାଶ ହୋଇଗଲା । କ୍ରୀତଦାସମାନଙ୍କ କୁଟୀର ସାମନା ପଡ଼ିଆକୁ ତାକୁ ଅଣାଗଲା । ବିଶାଳ ସାଗର ଆଡ଼େ ଚାହିଁ ପିଟ୍ ମନେ ମନେ ଭାବିଲା, ସମୁଦ୍ର ବକ୍ଷରେ ଜାହାଜ ଦେଖିବା ଆଉ ତା ଭାଗ୍ୟରେ ଘଟିବ ନାହିଁ । ଦୂରରୁ ଗୋଟାଏ ଜାହାଜ ପୋତାଶ୍ରୟ ଆଡ଼କୁ ଆସୁଥିଲା । ସେଥିରେ ଇଂଲଣ୍ଡର ପତାକା ଉଠୁଥିଲା । ସେନାପତି ବିଶପ୍ ମଧ ଠିଆହୋଇ ଜାହାଜଆଡ଼କୁ ଦୃଷ୍ଟି ଦେଲେ । ପୋତାଶ୍ରୟରେ ପହଞ୍ଚିବାକୁ ତାକୁ ହୁଏତ ଆହୁରି ଘଣ୍ଟାଏ ସମୟ ଲାଗିବ । ତା ପୂର୍ବରୁ ପିଟ୍‌ର ବିଚାର ଓ ଦଣ୍ଡଭୋଗ ଶେଷ ହୋଇଯାଇପାରିବ । ତରୁଣ ପିଟ୍‌କୁ ହରିକାଠରେ ବାନ୍ଧିଦିଆଗଲା । କ୍ରୂର ହସ ହସି ସେନାପତି ବିଶପ୍ ତା ଆଡ଼କୁ ଆଗେଇଗଲେ । ''କୁକୁର ତା'ର ପ୍ରଭୁର ଅବାଧ ହେଲେ ତାକୁ ଉପଯୁକ୍ତ ଶିକ୍ଷା ଦିଆଯିବ ।'' ଏତିକି କହି ସେ ହାତରେ ଚମଡ଼ାର ଚାବୁକ ଧରି ପିଟ୍‌ର ମୁଣ୍ଡ ଆଉ କାନ୍ଧରେ ପ୍ରହାର କରିବାକୁ ଲାଗିଲେ । ପିଟ୍ ବିକଳରେ

Digitized by srujanika@gmail.com

କାନ୍ଦିଲାନାହିଁ । ତା'ର ନୀରବତାରେ କ୍ଷିପ୍ତ ହୋଇ ବିଶପ୍ ତାକୁ ଆହୁରି ନିର୍ମମଭାବରେ ପଶୁପରି ପ୍ରହାର କଲେ । ଶେଷରେ କ୍ଳାନ୍ତ ହୋଇ ସେ ଚାବୁକଟା ଦୂରକୁ ଫିଙ୍ଗିଦେଲେ । ସେତେବେଳକୁ ପିଟ୍‌ର ଆପାଦମସ୍ତକ କ୍ଷତବିକ୍ଷତ ଓ ରକ୍ତଜର୍ଜରିତ । ସେଇ ହରିକାଠଭିତରେ ମୁମୂର୍ଷୁ ଅବସ୍ଥାରେ ପିଟ୍ ପଡ଼ିରହିଲା ।

''ଏଇ ତୋ ପାଇଁ ଉପଯୁକ୍ତ ଶିକ୍ଷା ।''– ଏହା କହି ବିଶପ୍ ସେ ସ୍ଥାନରୁ ଚାଲିଗଲେ । ନିଗ୍ରୋ ଭୃତ୍ୟ ମଧ୍ୟ ତାଙ୍କ ପଛେ ପଛେ ଚାଲିଲା ।

ଦୁଇଘଣ୍ଟା ପରେ ଡାକ୍ତର ପିଟ୍‌କୁ ଦେଖିଲେ । ମଧ୍ୟାହ୍ନର ଉତ୍ତପ୍ତ ସୂର୍ଯ୍ୟ କିରଣ ଆଉ ପଲ ପଲ ମାଛିଙ୍କ ଦଂଶନରେ ତା'ର ଯନ୍ତ୍ରଣା ବହୁତ ବଢ଼ିଯାଇଥାଏ । ଡାକ୍ତର ପ୍ରଥମେ ତାକୁ କିଛି ପାଣି ପିଇବାକୁ ଦେଲେ । ତା' ପରେ ତା'ର ପିଠିର କ୍ଷତ ଧୋଇଦେଇ ସେଥିରେ ଔଷଧ ଲଗାଇଦେଲେ । ହଠାତ୍ ପଛରୁ ଗୋଟିଏ କର୍କଶ ସ୍ୱର ଶୁଣାଗଲା । ସେନାପତି ବିଶପ୍ ତାଙ୍କର ନିଗ୍ରୋ ଭୃତ୍ୟମାନଙ୍କ ସହ ପହଞ୍ଚି କହିଲେ, ''ଶୟତାନ୍ ! ତୁ ଏଠି କ'ଣ କରୁଛୁ ?''

ଅବିଚଳିତ ଓ ଧୀର ସ୍ଥିରଭାବରେ ଡାକ୍ତର ଉତ୍ତରଦେଲେ, ''ଜଣେ ଡାକ୍ତରର କର୍ତ୍ତବ୍ୟ କରୁଛି ।''

ତାଙ୍କୁ ଗୋଟାଏ କଡ଼କୁ ଠେଲିଦେଇ ବିଶପ୍ ବନ୍ଦୀ ପିଟ୍‌ର ପିଠିରୁ ପଟି ସବୁ ଟାଣି ଫିଙ୍ଗିଦେଲେ । କାତର କଣ୍ଠରେ ଡାକ୍ତର କହିଲେ, ''ମାନବିକତା ଦୃଷ୍ଟିରୁ– ।'' ସେନାପତି ପ୍ରଜ୍ୱଳିତ ହୋଇ ତାଙ୍କ ଉପରକୁ ଝାମ୍ପି ପଡ଼ିଲେ– ''ଏ ସ୍ଥାନରୁ ଚାଲିଯା । ମୋରି ଆଦେଶ ନପାଇଲେ ଏଠାକୁ ଆସିବୁନାହିଁ । ନଚେତ୍ ତୋତେ ମଧ୍ୟ ଏଇ ଶାସ୍ତି ମିଳିବ ।''

ଅବିଚଳିତ ରହି ଡାକ୍ତର ବ୍ଲଡ୍ କହିଲେ, ''ମାନବିକତା ଦୃଷ୍ଟିରୁ ମୋତେ ତା'ର ଚିକିତ୍ସା କରିବାର ଅନୁମତି ଦିଅନ୍ତୁ । ନଚେତ୍ ମୁଁ ନିୟମ କରି କହୁଛି ଡାକ୍ତର କାମ ମୁଁ ଆଉ କରିବିନାହିଁ । ଏ ଦ୍ୱୀପରେ ଅନ୍ୟ କୌଣସି ରୋଗୀର ମୁଁ ଚିକିତ୍ସା କରିବି ନାହିଁ, ଏପରି କି ସ୍ୱୟଂ ଗଭର୍ଣ୍ଣର–''

ମୁହୂର୍ତ୍ତକପାଇଁ ସେନାପତି ବିଶପ୍ ସ୍ତମ୍ଭୀଭୂତ ହୋଇଗଲେ । ତା'ପରେ ଗର୍ଜନ କରିଉଠିଲେ, ''କୁକୁର, ମୋ ଆଗରେ ଏକଥା କହିବାକୁ ତୋର ସାହସ ହେଲା ?''

''ନିଶ୍ଚୟ ।'' ନିର୍ଭୀକଭାବରେ ଡାକ୍ତର ଉତ୍ତରଦେଲେ । ତାଙ୍କର ନୀଳ ଆଖି ଦୀପ୍ତିମୟ ଦେଖାଗଲା । ସେନାପତି ବିଶପ୍ ବେଶ୍ କିଛି ସମୟ ନୀରବରେ ଠିଆହୋଇ ମନେ ମନେ ଚିନ୍ତା କଲେ, ଶେଷରେ କହିଲେ, ''ମୁଁ ତୋ ପ୍ରତି ବେଶ୍ ଭଲ ବ୍ୟବହାର କରିଛି; କିନ୍ତୁ ତାହା ବଦଳାଇ ଦିଆଯାଇପାରେ । ଚାବୁକ୍ ପ୍ରହାରରେ ତୋ ପିଠିରୁ ଚମଡ଼ା ଉତାରି ଦିଆଯିବ, ଇଞ୍ଚେ ଚମଡ଼ା ବି ରହିବନାହିଁ ।''

Digitized by srujanika@gmail.com

"ଆପଣ ତା କରିପାରିବେନାହିଁ । ତା'ହେଲେ ଗଭର୍ଣ୍ଣର ଷ୍ଟିଡ୍ କ'ଣ କରିବେ ?"

– ଏ ଦ୍ୱୀପରେ ତ ତୁ ଏକମାତ୍ର ଡାକ୍ତର ନୋହୁ ?

ଡାକ୍ତର ବ୍ଲଡ୍ ହସିଉଠିଲେ– "ଆପଣ ମହାମାନ୍ୟ ଗଭର୍ଣ୍ଣରଙ୍କୁ ଏକଥା କହିପାରିବେ ? ଆପଣ ଜାଣନ୍ତି, ସେ ଅନ୍ୟ କୌଣସି ଡାକ୍ତରଙ୍କୁ ତାଙ୍କ ନିକଟକୁ ଯିବାକୁ ଦେବେନାହିଁ ।"

କିନ୍ତୁ କ୍ରୋଧଜର୍ଜ୍ଜରିତ ସେନାପତି ବିଶପ୍ କୌଣସି କଥାରେ କର୍ଣ୍ଣପାତ କଲେନାହିଁ । "ମୋ ଲୋକେ ତୋ କଥା ବୁଝିସାରିବା ପରେ ତୁ ବଞ୍ଚିରହିଲେ ତୋର ବୁଦ୍ଧି ଜାତହେବ ।" ଏହା କହି ସେ ନିଗ୍ରୋମାନଙ୍କୁ ଆଦେଶ ଦେବାପାଇଁ ବୁଲିପଡ଼ିଲେ; କିନ୍ତୁ ଏ ଆଦେଶ ଦିଆଯାଇ ପାରିଲାନାହିଁ । ଠିକ୍ ସେଇ ମୁହୂର୍ତ୍ତରେ କମାଣର ଗମ୍ଭୀର ଗର୍ଜ୍ଜନରେ ଆକାଶ ଥରିଉଠିଲା । ସେନାପତି ବିଶପ୍, ନିଗ୍ରୋ ଭୃତ୍ୟଗଣ, ଏପରିକି ଡାକ୍ତର ବ୍ଲଡ୍ ଚମକିଉଠିଲେ । ତା'ପରେ ଚାରିଜଣ ସମୁଦ୍ର ତୀର ଆଡ଼କୁ ଚାହିଁଲେ । ସମୁଦ୍ରଗର୍ଭରେ ପୋତାଶ୍ରୟରେ ଏକ ଯୁଦ୍ଧଜାହାଜ ଠିଆହୋଇଥିଲା । ବନ୍ଦରଠାରୁ ତା'ର ଦୂରତା ଖୁବ୍ ଅଳ୍ପ ଥିଲା । ତା'ର କମାଣମୁହଁରୁ ଧୂଆଁର ବାଦଲ ବାହାରୁଥିଲା । ଇଂଲଣ୍ଡର ପତାକା ପରିବର୍ତ୍ତେ ସେଥିରେ ଉଡୁଥିଲା ସ୍ପେନ୍‌ର ସ୍ୱର୍ଣ୍ଣ ଆଉ ରକ୍ତିମ ରଙ୍ଗର ପତାକା ।

ଶେଷରେ ବିଶପ୍ ଘଟଣାଟା ବୁଝିପାରିଲେ । ବାରମ୍ବାର ସେ ଚିତ୍କାର କରିଉଠିଲେ, "ଜଳଦସ୍ୟୁ, ଜଳଦସ୍ୟୁ !"

[୬]

ଯେଉଁ ବିଶାଳ ଜାହାଜ ନିର୍ବିଘ୍ନରେ ଉପସାଗର ମଧ୍ୟରେ ପ୍ରବେଶ କଲା ତାହା ଥିଲା ଏକ ସ୍ପେନୀୟ ଜାହାଜ । ଅଳ୍ପଦିନ ପୂର୍ବେ ଇଂରେଜ ଜଳଦସ୍ୟୁମାନେ ସ୍ପେନ୍‌ର ଦୁଇଟି ଧନରତ୍ନପୂର୍ଣ୍ଣ ଜାହାଜ ଲୁଣ୍ଠନ କରିନେଇଥିଲେ । ତେଣୁ ଏଇ ସ୍ପେନୀୟ ଜାହାଜ ପ୍ରତିଶୋଧ ନେବାକୁ ଆସିଥିଲା । ଏ ଅଞ୍ଚଳରେ ସୁନା ଏବଂ ଅନ୍ୟାନ୍ୟ ଧନରତ୍ନ ପ୍ରଚୁର ପରିମାଣରେ ରହିଥିଲା । ଇଉରୋପୀୟ ଜାହାଜ ସବୁ ବିପୁଳ ଧନରତ୍ନ ନେଇ ସମୁଦ୍ର-ବକ୍ଷରେ ଯାତ୍ରା କରୁଥିଲେ; ତେଣୁ ଜଳଦସ୍ୟୁ ବୃତ୍ତିପାଇଁ ଉତ୍ସାହ ବଢ଼ିଯାଇଥିଲା । ସମୁଦ୍ର-ବକ୍ଷରେ ଇଂଲଣ୍ଡ ଓ ସ୍ପେନ୍ ମଧ୍ୟରେ ଭୀଷଣ ଯୁଦ୍ଧ ହୋଇଥିଲା । ଜଳଦସ୍ୟୁଙ୍କ ବ୍ୟତୀତ ଅନ୍ୟମାନେ ମଧ୍ୟ ଏ ଯୁଦ୍ଧରେ ଯୋଗ ଦେଇଥିଲେ । ସ୍ପେନ୍‌ର ଏଇପରି ଏକ ଧନରତ୍ନ-ପୂର୍ଣ୍ଣ ଜାହାଜର ଅଧ୍ୟକ୍ଷ ଥିଲେ ନୌ-ସେନାପତି ଡନ୍‌ଡ଼ିଗୋ ଏସ୍‌ପିନେସା । ସେ ବଡ଼ ଅହଙ୍କାରୀ ଏବଂ କ୍ରୂର ବ୍ୟକ୍ତି । ଯୁଦ୍ଧରେ ପରାଜିତ ହୋଇ ଇଂରେଜମାନଙ୍କୁ ସମୁଚିତ

Digitized by srujanika@gmail.com

ଶିକ୍ଷା ଦେବାପାଇଁ କୌଣସି ଇଂରେଜ ଉପନିବେଶ ଆକ୍ରମଣ କରିବାକୁ ସେ ସ୍ଥିର କରିଥିଲେ । ବାର୍‌ବାଡ୍‌ସ ଦ୍ୱୀପ ତାଙ୍କର ଲକ୍ଷ୍ୟସ୍ଥଳ ଥିଲା ଓ ସେଠାରେ ଇଂଲଣ୍ଡର କୌଣସି ଯୁଦ୍ଧଜାହାଜ ନଥିବା ସମୟରେ ଆକ୍ରମଣ କରିବାପାଇଁ ସେ ସ୍ଥିର କରିଥିଲେ ।

ତାଙ୍କ ଯୋଜନା ଏପରି କାର୍ଯ୍ୟକାରୀ ହୋଇଥିଲା ଯେ, ସେ କାହାରି ସନ୍ଦେହ ଉଦ୍ରେକ ନକରି ବନ୍ଦର ମଧ୍ୟରେ ପଶି କମାଣ ଫୁଟାଇପାରିଲେ । ଏଣେ କ୍ରୀତଦାସମାନଙ୍କ କୁଟୀର ଆଗରେ ଠିଆହୋଇଥିବା ଚାରିଜଣ ବିସ୍ମିତ ହୋଇ ଦେଖିଲେ ଯେ କମାଣଧୂଆଁର ଆଢୁଆଳରେ ଏଇ ବିଶାଳ ଜାହାଜ ଧୀରେ ଧୀରେ ଆଗକୁ ଆସୁଛି । ଦ୍ୱିତୀୟଥରପାଇଁ ଜାହାଜର କମାଣ ଗର୍ଜିଉଠିଲା । ସେନାପତି ବିଶପ୍‌ଙ୍କର ବିସ୍ମୟ କଟିଗଲା । ସେ ତାଙ୍କର କର୍ତ୍ତବ୍ୟ ବିଷୟରେ ସଚେତନ ହୋଇଗଲେ । ବାର୍‌ବାଡ୍‌ସ ସେନାବାହିନୀର ସେନାପତିରୂପେ ସୈନ୍ୟମାନଙ୍କ ସହ ଦୁର୍ଗ ନିକଟରେ ଉପସ୍ଥିତ ହେବା ତାଙ୍କର କର୍ତ୍ତବ୍ୟ । ପ୍ରଚଣ୍ଡ ଗ୍ରୀଷ୍ମ ସତ୍ତ୍ୱେ ସେ କ୍ଷିପ୍ରଗତିରେ ଦୌଡ଼ିଲେ । ନିଗ୍ରୋ ଦୁଇଜଣ ମଧ୍ୟ ତାଙ୍କ ପଛରେ ଦୌଡ଼ିଲେ ।

ପିଟ୍ ଆଡ଼କୁ ମୁହଁ ବୁଲାଇ ଡାକ୍ତର ବ୍ଲଡ୍ କହିଲେ, ''ଭାଗ୍ୟ ଆମର ଭଲ ।'' ତୃତୀୟବାର ଜାହାଜର କମାଣ ଗର୍ଜିଉଠିଲା । ତଳେ ପଡ଼ିଥିବା ପଟି ଗୋଟାଇନେଇ ଡାକ୍ତର ପିଟ୍‌ର କ୍ଷତସ୍ଥାନରେ ବାନ୍ଧିଦେଲେ । ଏହି ସମୟରେ କ୍ଷେତରେ ଭୃତ୍ୟମାନଙ୍କୁ କାମ କରାଉଥିବା ବ୍ୟକ୍ତି ଏବଂ କୋଡ଼ିଏ ତିରିଶ ଜଣ ଶ୍ରମିକ ଭୟଭୀତ ହୋଇ ସେଠାରେ ପହଞ୍ଚିଲେ । ଲୋକଟା ବଡ଼ପାଟିରେ କହିଉଠିଲା, ''ଜଙ୍ଗଲକୁ– ଶୀଘ୍ର ଜଙ୍ଗଲକୁ ପଳାଇଯାଇ ଲୁଚି ରହ । ଆମେ ଏଇ ଶୟତାନ୍ ସ୍ପେନୀୟଗୁଡ଼ାଙ୍କୁ ଶେଷ କରିଦେଇ ଆସୁ ।'' ସେ ବିଶପ୍‌ଙ୍କ ପଛରେ ଦୌଡ଼ିପଳାଇଲେ ।

କ୍ରୀତଦାସମାନେ ଅବିଳମ୍ବେ ଏ ଆଦେଶ ପାଳନ କରିଥାନ୍ତେ; କିନ୍ତୁ ଡାକ୍ତର ସେମାନଙ୍କୁ ଧୀରସ୍ଥିରଭାବେ କହିଲେ, ''ବ୍ୟଗ୍ର ହେବାର ଆବଶ୍ୟକତା ନାହିଁ । ଆମକୁ ହୁଏତ ଜଙ୍ଗଲକୁ ଯିବାକୁ ପଡ଼ିନପାରେ । ଯଦି ସ୍ପେନୀୟମାନେ ଏ ସହର ଅଧିକାର କରନ୍ତି ତେବେ ଜଙ୍ଗଲକୁ ପଳାଇଯିବାକୁ ଆମେ ଯଥେଷ୍ଟ ସମୟ ପାଇପାରିବା ।''

ସେମାନେ ସେଇଠି ରହି ଦୂରରେ ଚାଲିଥିବା ଭୟଙ୍କର ଯୁଦ୍ଧ ଦେଖିବାରେ ଲାଗିଲେ । ବାର୍‌ବାଡ୍‌ସର ପ୍ରତ୍ୟେକ ସୁସ୍ଥ ସାମରିକ ଓ ବେସାମରିକ ବ୍ୟକ୍ତି ଦୁର୍ଗର ପ୍ରତିରକ୍ଷାରେ ଲାଗିଥିଲେ । ପରାଜିତ ହେଲେ ସେମାନେ ନିର୍ଦ୍ଦୟ ଭାବରେ ମରିବେ ବୋଲି ଜାଣିଥିଲେ । ପ୍ରଚଣ୍ଡ ଖରାରେ ଦିନସାରା ଯୁଦ୍ଧ ଚାଲିଲା । ବନ୍ଧୁକର ଧ୍ୱନି ଆସ୍ତେ ଆସ୍ତେ ନିକଟତର ହେବାକୁ ଲାଗିଲା । ଦୁର୍ଗ-ପ୍ରତିରକ୍ଷାକାରୀମାନେ ପଛକୁ

Digitized by srujanika@gmail.com

ହଟିଆସୁଥିଲେ । ସୂର୍ଯ୍ୟାସ୍ତ ସମୟକୁ ଦୁଇଶହ ପଚାଶ ଜଣ ସ୍ପେନୀୟ ବ୍ରିଜ୍‌ଟାଉନ୍ ଅଧିକାର କରିନେଲେ । ଦ୍ୱୀପର ଅଧିବାସୀମାନେ ଆତ୍ମସମର୍ପଣ କଲେ । ଡନ୍‌ଡିଗୋ ସହରର ମୁକ୍ତି ବଦଳରେ ଯେଉଁ ବିପୁଳ ଅର୍ଥ ଚାହାନ୍ତି, ତା ଗଭର୍ଣ୍ଣର ଷ୍ଟଡ୍‌ଙ୍କୁ ଜଣାଇଦେଲେ । ଏ ବିଷୟରେ କଥାବାର୍ତ୍ତା ଚାଲିଥିବା ବେଳେ ଏଣେ ସ୍ପେନୀୟମାନେ କ୍ରୁରଭାବରେ ନରହତ୍ୟା ଓ ଲୁଣ୍ଠନ ଆଦି କାମରେ ଲାଗିଗଲେ ।

ସୂର୍ଯ୍ୟାସ୍ତ ପରେ ଡାକ୍ତର ବ୍ଲଡ୍ ସାହସର ସହିତ ସହର ଭିତରକୁ ଗଲେ । ଯେଉଁ ଭୟାବହ ଦୃଶ୍ୟ ସେ ଦେଖିଲେ ସେଥିରେ କ୍ରୀତଦାସମାନଙ୍କ ବାସଗୃହ ଆଡ଼େ ଯିବାକୁ ସେ ସାହସ କଲେନାହିଁ । ଏକ ଅପ୍ରଶସ୍ତ ପଥରେ ସେ ଜଣେ କିଶୋରୀକୁ ଭେଟିଲେ । ଭୟାକୁଳ ତରୁଣୀଟି ଜୀବନବିକଳରେ ଦୌଡୁଥିଲା । ତା ପଛେ ପଛେ ଅଟ୍ଟହାସ କରି ଗୋଡ଼ାଇଥିଲା ଜଣେ ସ୍ପେନୀୟ । ଶୟତାନ୍‌ଟା ଠିକ୍ ତରୁଣୀ ନିକଟରେ ପହଞ୍ଚିଲା ବେଳକୁ ଡାକ୍ତର ବ୍ଲଡ୍ ତା ଆଗରେ ଠିଆହୋଇଗଲେ । ପଥ ମଧ୍ୟରେ ଜଣେ ମୃତବ୍ୟକ୍ତିର ତରବାରି ସେ ଗୋଟାଇ ଧରିଥିଲେ । ସ୍ପେନୀୟ ଲୋକଟା ଠିଆହୋଇ ଯିବାରୁ ବ୍ଲଡ୍ ତରବାରିଟି ତା ଦେହରେ ଫୁଟାଇଦେଲେ । ଲୋକଟା ଗୋଟାଏ କରୁଣ ଶବ୍ଦ କରି ତଳେ ପଡ଼ିଗଲା ।

ତରୁଣୀଟିର ହାତ ଧରି ଡାକ୍ତର ବ୍ଲଡ୍ କହିଲେ, ଚାଲିଆସ । ବିଭିନ୍ନ ପଥରେ ଧାଇଁ ଧାଇଁ ସେମାନେ ପାହାଡ଼ ଉପରେ ଥିବା ସେନାପତି ବିଶପ୍‌ଙ୍କ ଗୃହ ନିକଟରେ ପହଞ୍ଚିଲେ । ଘନ ଅନ୍ଧାରରେ ଡାକ୍ତର ଦରଜା ଉପରେ ଜୋର୍‌ରେ ଆଘାତ କଲେ ।

– କିଏ ? ଭିତରୁ ପ୍ରଶ୍ନ କଲେ ଆରାବେଲା ବିଶପ୍ ।

ଡାକ୍ତର ସାମାନ୍ୟ ଆଶ୍ୱସ୍ତ ହେଲେ । ତରୁଣୀଟି ବର୍ତ୍ତମାନ ନିରାପଦ । ଯେଉଁ ନର୍କରୁ ସେ ତାକୁ ଉଦ୍ଧାର କଲେ ତାହା ତାଙ୍କର ମନେପଡ଼ିଗଲା । ସେ ଉତ୍ତରଦେଲେ, ମୁଁ ଡାକ୍ତର ବ୍ଲଡ୍ ।"

– କ'ଣ ଦରକାର ?

ଏଥର ତରୁଣୀଟି ଆରାବେଲାଙ୍କ ପ୍ରଶ୍ନର ଉତ୍ତରଦେଲା, "ଆରାବେଲା, ମୁଁ ମେରୀ ଟ୍ରେଲ୍ ।"

ମେରୀ ? ଟିକିଏ ପରେ ଦରଜା ଖୋଲିଲା । ହାତରେ ଗୋଟାଏ ବତି ଧରି ପହଞ୍ଚିଲେ କୁମାରୀ ଆରାବେଲା । କାଳବିଳମ୍ବ ନକରି ଡାକ୍ତର ବ୍ଲଡ୍ ତରୁଣୀଟି ସହ ଘର ଭିତରେ ପଶିଗଲେ ।

– ଆପଣଙ୍କର କେହି ଭୃତ୍ୟ ଏଠାରେ ଅଛନ୍ତି କି ? ସେ ପ୍ରଶ୍ନ କଲେ ।

– କେବଳ ଅଶ୍ୱରକ୍ଷକ ଜେମ୍‌ସ ଅଛି ।

Digitized by srujanika@gmail.com

''ସେଇ ଲୋକହିଁ ଆମର ଆବଶ୍ୟକ । ତାକୁ ଅଶ୍ୱ ପ୍ରସ୍ତୁତ କରି ଆଣିବାକୁ କହନ୍ତୁ । ତା'ପରେ କୌଣସି ନିରାପଦ ସ୍ଥାନକୁ ଚାଲିଯାନ୍ତୁ । ଆପଣଙ୍କ ଉପରେ ବର୍ତ୍ତମାନ ଭୟାନକ ବିପଦ ।''

– କିନ୍ତୁ ଯୁଦ୍ଧ ତ ଶେଷ ହୋଇଗଲାଣି ?

''ତା ସତ । ବର୍ତ୍ତମାନ ଶୟତାନୀ ଆରମ୍ଭ ହୋଇଛି ମାତ୍ର । କୁମାରୀ ବ୍ରେଲ୍ ବାଟରେ ଆପଣଙ୍କୁ ସବୁ ବିଷୟ କହିବେ । ଭଗବାନ୍‌ଙ୍କ ରାଣ, ଆପଣ ମୋ କଥା ବିଶ୍ୱାସ କରନ୍ତୁ, ଆଉ ମୁଁ ଯାହା କହୁଛି କରନ୍ତୁ ।''

''ସେ... ସେ ମୋର ଜୀବନ ରକ୍ଷା କରିଛନ୍ତି ।'' କାନ୍ଦିକାନ୍ଦି କହିଲେ କୁମାରୀ ବ୍ରେଲ୍ ।

''ତୁମକୁ ରକ୍ଷା କରିଛନ୍ତି ? କିନ୍ତୁ କାହା କବଳରୁ ?'' କୁମାରୀ ବିଶପ୍ ଶିହରୀଉଠିଲେ ।

ଅସ୍ଥିର ହୋଇ ବ୍ଲଡ୍ କହିଲେ, ''ସେ କଥା ପରେ । ଆପଣ ଦୟାକରି ଜେମ୍‌ସକୁ ଡାକନ୍ତୁ ଆଉ ଖୁବ୍ ଶୀଘ୍ର ମୁଁ ଯାହା କହୁଛି କରନ୍ତୁ ।''

ହଁ, ହଁ, ସେ ଯାହା କହୁଛନ୍ତି ତା କର ଆରାବେଲା !

କୁମାରୀ ବିଶପ୍‌ଙ୍କ ଆଦେଶରେ ଜେମ୍‌ସ ଅବିଳମ୍ବେ ଅଶ୍ୱ ସଜ କରି ନେଇଆସିଲା । ତରୁଣୀ ଦୁଇଜଣ ଜ୍ୟୋତ୍ସ୍ନାଧୌତ ରଜନୀ ଭିତରକୁ ବାହାରି ଗଲେ । ଡାକ୍ତର ବ୍ଲଡ୍ ସେନାପତି ବିଶପ୍‌ଙ୍କ ଦରଜା ବାହାରେ ଠିଆହୋଇ ରହିଲେ । ଖଣ୍ଡେ ଦୂରରୁ ପଛକୁ ଚାହିଁ ଶିଶୁସୁଲଭ ସରଳ କଣ୍ଠରେ କୁମାରୀ ମେରୀ ବ୍ରେଲ୍ କହିଲେ, ''ଆପଣଙ୍କୁ ମୁଁ ଜୀବନରେ ଭୁଲିବିନାହିଁ ।''

ଡାକ୍ତର ବ୍ଲଡ୍ କିନ୍ତୁ କୁମାରୀ ମେରୀଙ୍କ କଣ୍ଠସ୍ୱର ଶୁଣିବା ଅବସ୍ଥାରେ ନଥିଲେ । ଅଶ୍ୱପଦଧ୍ୱନି ଦୂରରେ ମିଳାଇଯିବା ଯାଏ ସେ ଅନ୍ଧାରରେ ଠିଆ ହୋଇ ରହିଲେ; ତା'ପରେ ଏକ ଦୀର୍ଘଶ୍ୱାସ ପକାଇ ସେ ବାସ୍ତବତା ମଧ୍ୟକୁ ଫେରିଆସିଲେ । ଆଗରେ ତାଙ୍କର ଅନେକ କାମ । ସେ ସ୍ପେନୀୟମାନଙ୍କ ବିଜୟ ଉଲ୍ଲାସ ଦେଖିବାକୁ ସହର ଭିତରକୁ ଯାଇନଥିଲେ । ତାଙ୍କର ଉଦ୍ଦେଶ୍ୟ ଭିନ୍ନ ଥିଲା ଏବଂ ପ୍ରୟୋଜନୀୟ ସମସ୍ତ ସମ୍ବାଦ ସେ ସଂଗ୍ରହ କରିଥିଲେ । ଆଗରେ ତାଙ୍କର କର୍ମଭରା ରାତ୍ରି । ତାଙ୍କୁ ଶୀଘ୍ର କାମ ଆରମ୍ଭ କରିବାକୁ ହେବ । ଦ୍ରୁତପଦରେ ସେ କ୍ରୀତଦାସମାନଙ୍କ ବାସଗୃହ ଦିଗକୁ ଚାଲିଲେ । ସେଠାରେ ତାଙ୍କର ସାଥୀ କ୍ରୀତଦାସମାନେ ଗଭୀର ଆଶା ଆଉ ଉଦ୍‌ବେଗରେ ତାଙ୍କୁ ଅପେକ୍ଷା କରିଥିଲେ ।

Digitized by srujanika@gmail.com

[୭]

ରାତ୍ରିର ଅନ୍ଧକାର ଘନୀଭୂତ ହୋଇଗଲା । ବ୍ରିଜ୍‌ଟାଉନ୍ ଉପସାଗରରେ ମାତ୍ର ଦଶଜଣ ନାବିକ ସ୍ପେନୀୟ ଯୁଦ୍ଧ ଜାହାଜକୁ ଜଗିରହିଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଜାହାଜର ନିମ୍ନ ଅଂଶରେ ବିଜୟ ଉତ୍ସବରେ ମାତିଥିଲେ । ଉପରେ ମାତ୍ର ଦୁଇଜଣ ନାବିକ ଜଗିରହିଥିଲେ । ସେମାନେ ମଧ୍ୟ ପୂର୍ଣ୍ଣ ଜାଗ୍ରତ ନଥିଲେ । ତେଣୁ ଜଳବକ୍ଷରେ ଦୁଇଟି ନୌକା ଜାହାଜ ଆସୁଥିବା ସେମାନେ ଦେଖିପାରିଲେନାହିଁ । ଜଗୁଆଳିଙ୍କ ମଧ୍ୟରୁ ଜଣେ ଜାହାଜ ଛାତର ଗୋଟାଏ କଡ଼କୁ ଚାଲିଗଲା । ହଠାତ୍ ଗୋଟାଏ କଳାଛାଇ ତା ଆଗରେ ପଡ଼ିଗଲା, କିଏ ? ସେ ପ୍ରଶ୍ନକଲା । ନିଜ ସାଥୀ ନାବିକଙ୍କ ମଧ୍ୟରୁ କେହି ହୋଇଥିବ ଭାବି ସେ ମୋଟେ ଚିନ୍ତିତ ହେଲାନାହିଁ । ସ୍ପେନୀୟ ଭାଷାରେ ଡାକ୍ତର ଉତ୍ତର ଦେଲେ, ମୁଁ । ଜାହାଜର ଶିଡ଼ିଦେଇ ସେ ଉପରକୁ ଉଠିଯାଇଥିଲେ । ଟିକିଏ ଆଗେଇ ଆସି ସ୍ପେନୀୟ ଜଣକ ପୁଣି ପଚାରିଲା, କିଏ ପିଟର୍ ?

ହଁ, ମୁଁ ପିଟର୍ । କିନ୍ତୁ ଯେଉଁ ପିଟର୍ ବୋଲି ଭାବୁଛ ମୁଁ ସେ ପିଟର୍ ନୁହେଁ । ଏତିକି କହି ଡାକ୍ତର ଲୋକଟାର ହାତଧରି ଦୂରକୁ ଫିଙ୍ଗିଦେଲେ ।

ସ୍ପେନୀୟ ନାବିକଟି କିଛି ବୁଝିପାରିଲା ନାହିଁ । ସେ ପାଟି ଫିଟାଇବା ପୂର୍ବରୁ ସମୁଦ୍ର ଜଳରେ ପଡ଼ି ଲୀନ ହୋଇଗଲା । ଡାକ୍ତର ଚାପା କଣ୍ଠରେ ତାଙ୍କର ସାଥୀମାନଙ୍କୁ ଡାକିଲେ, ''ଏଥର ଆସ; କିଛି ଶବ୍ଦ କରନାହିଁ ।'' ପାଞ୍ଚମିନିଟ୍ ମଧ୍ୟରେ କୋଡ଼ିଏଜଣ କ୍ରୀତଦାସ ଶିଡ଼ିରେ ଜାହାଜ ଉପରକୁ ଉଠିଗଲେ । ଜାହାଜର ନିମ୍ନାଂଶରେ ମଉଜ୍ ମଜଲିସ୍ ଚାଲିଥାଏ । ଜଣେ କେହି ଗୀତ ବୋଲୁଥାଏ; ଅନ୍ୟମାନେ ପାଳି ଧରୁଥାନ୍ତି । ଡାକ୍ତର ପୁଣି, ଚାପା କଣ୍ଠରେ କହିଲେ, ''ମୋ ପଛେ ପଛେ ଆଗକୁ ଆସ ।'' ଲଇଁ ଲଇଁ ଛାଇପରି ନିଃଶବ୍ଦରେ ସେମାନେ ନିମ୍ନଦେଶକୁ ଚାଲିଲେ । ସେମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶଙ୍କ ହାତରେ ବନ୍ଧୁକ ଥିଲା । ଅନ୍ୟମାନେ ଛୁରା ବା ତରବାରି ଧରିଥିଲେ । ଏଣେ ସ୍ପେନୀୟ ନାବିକମାନେ ନିର୍ଭୟରେ ମଉଜ ମଜଲିସ୍‌ରେ ମାତିଥାନ୍ତି । ବାର୍‌ବାଡ୍‌ସ ସେନାଛାଉଣୀର ପତନ ହୋଇଥିଲା । ତାଙ୍କ ସାଥୀମାନେ ସହର ଦଖଲ କରିନେଇଥିଲେ । ଆଉ ଭୟ କ'ଣ ? ଏପରିକି ଯେତେବେଳେ ଏଇ ଅର୍ଦ୍ଧନଗ୍ନ ବୁଭୁକ୍ଷୁ ଲୋକଦଳ ସେମାନଙ୍କୁ ଘେରିଗଲେ, ସ୍ପେନୀୟ ନାବିକମାନେ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ । କେତେ ଜଣ ମୁଷ୍ଟିମେୟ କ୍ରୀତଦାସ ଗୋଟାଏ ସ୍ପେନୀୟ ଯୁଦ୍ଧଜାହାଜ ଅଧିକାର କରିବାକୁ ସାହସ କରିବେ ବୋଲି କିଏ ବା କଳ୍ପନା କରନ୍ତା ? ସେଇ ମାତାଲ ନାବିକମାନଙ୍କର ହସ ଗୀତ ହଠାତ୍ ବନ୍ଦ ହୋଇଗଲା । ଜଣେ ପତଳା ଡେଙ୍ଗା ଲୋକ ସେମାନଙ୍କ ଆଗକୁ ଆସି ପରିଷ୍କାର ସ୍ପେନୀୟ ଭାଷାରେ

Digitized by srujanika@gmail.com

କହିଲା, ''ତୁମ୍ଭେମାନେ ମୋର ବନ୍ଦୀରୂପେ ଆତ୍ମସମର୍ପଣ କରି ଅଯଥା ଅସୁବିଧାରୁ ରକ୍ଷାପାଇବ ବୋଲି ମୋର ଆଶା ।''

ଡାକ୍ତରଙ୍କ ଆଦେଶରେ ସେଇ ନାବିକମାନଙ୍କୁ ଜାହାଜର ଏକ ପ୍ରକୋଷ୍ଠରେ ବନ୍ଦୀ କରି ତାଲା ପକାଇ ଦିଆଗଲା ।

ତା'ପରେ ସେଇ କ୍ରୀତଦାସମାନେ ସ୍ପେନୀୟମାନଙ୍କ ସୁଖାଦ୍ୟ ଏବଂ ପାନୀୟର ସଦ୍‌ବ୍ୟବହାର କରି ତାଙ୍କର ଯୋଜନା ପୂର୍ଣ୍ଣକରିବା ବ୍ୟବସ୍ଥାରେ ଲାଗିଗଲେ । ସୂର୍ଯ୍ୟୋଦୟ ପରେ ପରେ ଗୋଟାଏ ନୌକା କୂଳରୁ ଆସୁଥିବାର ଦେଖାଗଲା । ଏଥିରେ ଥିଲେ ଡନ୍‌ଡ଼ିଗୋ । ବ୍ରିଜ୍ ଟାଉନ୍‌ର ମୁକ୍ତି ବଦଳରେ ଗଭର୍ଣ୍ଣର ଷ୍ଟଡ୍‌ଙ୍କଠାରୁ ପାଇଥିବା ଧନରତ୍ନ ଚାରିଗୋଟି ଲୁହା ସିନ୍ଦୁକରେ ଭର୍ତ୍ତିହୋଇ ସେ ନୌକାରେ ଥିଲା । ଡନ୍‌ଡିଗୋଙ୍କ ସାଥିରେ ଥିଲେ ତାଙ୍କ ପୁଅ ଡନ୍ ଏଷ୍ଟେବାନ୍ ଆଉ ଛଅଜଣ ନାବିକ । ଏଣେ ଜାହାଜରେ ସବୁ ଶାନ୍ତ ଏବଂ ପ୍ରସ୍ତୁତ ଥିଲା । ଜାହାଜର ପ୍ରଧାନ ଶିଡ଼ି ତଳକୁ ଝୁଲାଇ ଦିଆଯାଇଥିଲା । କୂଳରୁ ଏହା ଦେଖାଯାଉନଥିଲା । ଜାହାଜର ନିମ୍ନାଂଶରେ ଦଳେ କ୍ରୀତଦାସ ବନ୍ଧୁକ ଧରି ପ୍ରସ୍ତୁତ ହୋଇ ରହିଥିଲେ । କୌଣସି ସନ୍ଦେହ ନକରି ଡନ୍‌ଡିଗୋ ଶିଡ଼ି ଦେଇ ଜାହାଜ ଉପରକୁ ଉଠିଗଲେ । ମୁହଁ ବୁଲାଇ ଚାହିଁବା ପୂର୍ବରୁ ସେ ମୁଣ୍ଡରେ ଆଘାତ ପାଇ ତଳେ ପଡ଼ିଗଲେ । ତାଙ୍କୁ ତାଙ୍କ କୋଠରିକୁ ବୋହିନିଆଗଲା ଏବଂ ଧନରତ୍ନପୂର୍ଣ୍ଣ ସିନ୍ଦୁକଗୁଡ଼ିକ ଜାହାଜର ଛାତ ଉପରକୁ ଉଠାଇ ନିଆଗଲା । ତା'ପରେ ଡନ୍ ଏଷ୍ଟେବାନ୍ ଆଉ ନାବିକ ଛଅଜଣ ଜଣ ଜଣ ହୋଇ ଉପରକୁ ଉଠିଲେ । ସମସ୍ତେ ଡନ୍‌ଡିଗୋଙ୍କ ଅବସ୍ଥା ଭୋଗ କଲେ ।

ଏଣେ ଅନ୍ୟାନ୍ୟ ସ୍ପେନୀୟମାନେ ଆଠଟି ନୌକାରେ କୂଳ ଛାଡ଼ିଲେ । ଆନନ୍ଦ-ଉଲ୍ଲାସରେ ସେମାନେ ଫାଟିପଡୁଥାନ୍ତି । କୂଳରୁ ସେନାପତି ବିଶପ୍ ଆଉ ଗଭର୍ଣ୍ଣର ଷ୍ଟଡ୍ ବିକଳ ହୋଇ ସେମାନଙ୍କୁ ଚାହିଁରହିଥାନ୍ତି । ନୌକାଗୁଡ଼ାକ ପ୍ରାୟ ଅର୍ଦ୍ଧପଥ ଆସିଥିବାବେଳେ ହଠାତ୍ ଆକାଶ ଥରାଇ ଗୋଟାଏ କମାଣ ଗର୍ଜିଉଠିଲା । ପ୍ରଥମ ଗୋଳାଟା ଆଗେ ଆଗେ ଆସୁଥିବା ନୌକାର ଛଅଫୁଟ ଦୂରରେ ପାଣିରେ ପଡ଼ିଲା । ନୌକାରେ ଥିବା ଲୋକଙ୍କ ଉପରେ ଅସରାଏ ବର୍ଷାପରି ପାଣି ପଡ଼ିଗଲା । ନୌକାଚାଳନା ବନ୍ଦକରି ସେମାନେ ଆଶ୍ଚର୍ଯ୍ୟ ହୋଇ କିଛି ସମୟ ଅଟକିଗଲେ । ସେମାନେ ଭାବିଲେ ଯେ ତାଙ୍କୁ ଅଭିନନ୍ଦନ ଜଣାଇବାପାଇଁ ଜାହାଜରୁ ତାଙ୍କର ସାଥୀମାନେ କମାଣ ଫୁଟାଉଅଛନ୍ତି । କିନ୍ତୁ ସାଂଘାତିକ ଅସାବଧାନ ହୋଇ ଗୋଳାଥିବା କମାଣ ଫୁଟାଇ ଥିବାରୁ ସାଥୀମାନଙ୍କ ଉପରେ ସେମାନେ ବିରକ୍ତ ହୋଇ ପାଟିକଲେ । ଏତିକିବେଳେ ଦ୍ୱିତୀୟ ଗୋଳା ଫୁଟିଲା । ଏଥର ଲକ୍ଷ୍ୟ ଠିକ୍ ଥିଲା ; ଫଳରେ ଗୋଟାଏ ନୌକା ଖଣ୍ଡବିଖଣ୍ଡ ହୋଇଗଲା ଏବଂ ତା'ର ଆରୋହୀମାନେ କିଏ ମୃତ କିଏ ବା

Digitized by srujanika@gmail.com

ଜୀବିତାବସ୍ଥାରେ ଜଳ ମଧ୍ୟରେ ନିକ୍ଷିପ୍ତ ହେଲେ ।

ଅନ୍ୟ ସାତଟି ନୌକାର ନାବିକମାନେ ଚମକିଉଠିଲେ । ସେମାନେ ମନେକଲେ କେହି ପାଗଳ ଜାହାଜରୁ ଏପରି ଗୋଳାବର୍ଷଣ କରୁଛି । ତା'ପରେ ତୃତୀୟ ଗୋଳା ଗର୍ଜିଉଠିଲା ଏବଂ ଏପରି ଆଉ ଗୋଟାଏ ନୌକା ଧ୍ୱଂସ ହୋଇଗଲା । ଭୟଭୀତ ସ୍ପେନୀୟମାନେ ଏଣେତେଣେ ନୌକା ଚଳାଇବାରେ ଲାଗିଲେ । କେହି କୂଳକୁ ଫେରିଯିବାକୁ ଚେଷ୍ଟା କଲାବେଳେ ଅନ୍ୟ କେହି ସିଧା ଜାହାଜ ନିକଟକୁ ଯାଇ ଘଟଣାଟା ବୁଝିବାକୁ ଚେଷ୍ଟାକଲେ । ନିଜ ନିଜ ମଧ୍ୟରେ ସେମାନେ ଯୁକ୍ତି କରୁଥିବାବେଳେ ଆଉ ଦୁଇଟି ଗୋଳା ଆସି ଆଉ ଏକ ନୌକାକୁ ଧ୍ୱଂସ କରି ପାଣି ଭିତରେ ବୁଡ଼ାଇଦେଲା ।

ଷଷ୍ଠ ଗୋଳାଟି ଫୁଟିବା ପରେ ସ୍ପେନୀୟମାନେ ଆଉ ଯୁକ୍ତିତର୍କ ନକରି କୂଳକୁ ପଳାଇଯିବାର ଚେଷ୍ଟା କଲେ । କିନ୍ତୁ ଚାହୁଁ ଚାହୁଁ ଆଉ ଦୁଇଟି ନୌକା ଜଳମଗ୍ନ ହୋଇଗଲା । ଅବଶିଷ୍ଟ ତିନୋଟି ନୌକାକୁ ଲକ୍ଷ୍ୟ କରି କମାଣରୁ ଗୋଳା ବର୍ଷିଲା ଏବଂ ଶେଷ ନୌକାଟି ଠିକ୍ କୂଳରେ ପହଞ୍ଚିଲାବେଳକୁ ଖଣ୍ଡ ଖଣ୍ଡ ହୋଇଗଲା । ବ୍ରିଜ୍‌ଟାଉନ୍‌ରୁ ଲାଭ କରିଥିବା ଧନରତ୍ନର ହିସାବ କରି ଆନନ୍ଦ-ଉତ୍‌ଫୁଲ୍ଲ ହେଉଥିବା ଏଇ ଜଳଦସ୍ୟୁଦଳ ମାତ୍ର ଦଶମିନିଟ୍‌ରେ ନିଶ୍ଚିହ୍ନ ହୋଇଗଲେ ।

[୮]

ସ୍ପେନୀୟମାନଙ୍କ ପରି ଦ୍ୱୀପର ଅଧିବାସୀମାନେ ମଧ୍ୟ ବିସ୍ମିତ ହୋଇଥିଲେ । ଏହି ସମୟରେ ସେମାନେ ଦେଖିଲେ ଯେ ଯୁଦ୍ଧ ଜାହାଜର ପ୍ରଧାନ ମାସ୍ତୁଲରୁ ସ୍ପେନର ପତାକା ଖସି ଖସି ଆସିଲା ଏବଂ ତା ସ୍ଥାନରେ ଇଂଲଣ୍ଡର ପତାକା ଉତ୍ତୋଳିତ ହେଲା । ବ୍ରିଜ୍‌ଟାଉନ୍‌ର ଅଧିବାସୀମାନେ ଜାଣିଲେ ଯେ ଜାହାଜ ବର୍ତ୍ତମାନ ତାଙ୍କର କୌଣସି ମିତ୍ରମାନଙ୍କ ହାତରେ । କିନ୍ତୁ ସେମାନେ କିଏ ଏବଂ ସେ ଜାହାଜକୁ ଗଲେ କିପରି ? ଏକମାତ୍ର ସମ୍ଭାବନା ହେଲା ଦ୍ୱୀପର ଅଧିବାସୀମାନଙ୍କ ମଧ୍ୟରୁ ଏକ ଦଳ ଦୁଃସାହସ କରି ରାତି ରାତି ଜାହାଜ ଉପରକୁ ଯାଇ ତାକୁ ଅଧିକାର କରିଛନ୍ତି । ଏଇ ରହସ୍ୟମୟ ରକ୍ଷାକର୍ତ୍ତାମାନଙ୍କୁ ଦେଖିବାପାଇଁ ସେମାନେ ସ୍ଥିର କଲେ ।

ଗଭର୍ଣ୍ଣର ଷ୍ଟଡ୍ ଶାରୀରିକ ଅସୁସ୍ଥତା ଯୋଗୁଁ ଯିବା ସମ୍ଭବପର ନୁହେଁ; ତେଣୁ ସେନାପତି ବିଶପ୍ ଅନ୍ୟ ଦୁଇଜଣ କର୍ମଚାରୀଙ୍କ ସହ ଏକ ନୌକାରେ ଜାହାଜ ଅଭିମୁଖେ ଯାତ୍ରା କଲେ । ଶିଡ଼ିରୁ ଜାହାଜ ଉପରକୁ ଉଠିବାମାତ୍ରେ ସେନାପତି ବିଶପ୍ ଧନରତ୍ନପୂର୍ଣ୍ଣ ସିନ୍ଦୁକ ଚାରୋଟି ଦେଖି ଆନନ୍ଦ ଓ ସନ୍ତୋଷ ପ୍ରକାଶ କଲେ । ସ୍ପେନ୍‌ର ସୈନିକ ପୋଷାକପରିହିତ କୋଡ଼ିଏ ଜଣ ବ୍ୟକ୍ତି ଦୁଇ ଧାଡ଼ିରେ ଠିଆହୋଇଥିଲେ ।

Digitized by srujanika@gmail.com

ଏଇ ସୈନିକମାନେ ଯେ ତାଙ୍କ କ୍ଷେତରେ କାମ କରୁଥିବା କ୍ରୀତଦାସ ତା ସେନାପତି ବିଶପ୍ ଜାଣିପାରିଲେନାହିଁ । ତା'ପରେ ମୂଲ୍ୟବାନ୍ ସ୍ପେନୀୟ ପୋଷାକପରିହିତ ଜଣେ ସୁଶ୍ରୀ ତେଜୀୟାନ୍ ଭଦ୍ରବ୍ୟକ୍ତି ଆଗେଇ ଆସିଲେ । ହାତରେ ତାଙ୍କର ସ୍ୱର୍ଣ୍ଣଖଚିତ ତରବାରି । ବିଶପ୍ ତାଙ୍କୁ ମଧ ଚିହ୍ନିପାରିଲେନାହିଁ ।

''ଆସନ୍ତୁ ସେନାପତି ମହାଶୟ ।'' ଗୋଟାଏ ପରିଚିତ କଣ୍ଠ ସେନାପତିଙ୍କୁ ସ୍ୱାଗତ କଲା । ''ଏଇ ପରିଦର୍ଶନର ସମ୍ମାନାର୍ଥେ ଆମେ ସ୍ପେନୀୟମାନଙ୍କ ପୋଷାକର ସଦ୍‌ବ୍ୟବହାର କରିଛୁ । ଆପଣ ବର୍ତ୍ତମାନ ପୁରୁଣା ବନ୍ଧୁମାନଙ୍କ ଗହଣରେ ।''

ସେନାପତି ବିସ୍ମୟ ବିସ୍ତାରିତ ନେତ୍ରରେ ଚାହିଁରହିଲେ । ଏ କ'ଣ ପ୍ରକୃତରେ ଡାକ୍ତର ବ୍ଲଡ୍ ! ସୁନ୍ଦର ଚେହେରା । ବୟସ ତେତିଶରୁ ଅଧିକ ଜଣାଯାଉନଥିଲା । ବ୍ଲଡ୍‌ଙ୍କର ପ୍ରକୃତ ବୟସ ମଧ ସେତିକି ।

ଚକିତ ହୋଇ ବିଶପ୍ କହିଉଠିଲେ, ''ଡାକ୍ତର ବ୍ଲଡ୍ ! ତୁମେ ତାହେଲେ...?''

''ହଁ, ମୁଁ ଆଉ ମୋର ଏଇ ବନ୍ଧୁଗଣ ।'' ପଛରେ ଠିଆହୋଇଥିବା ଲୋକଙ୍କ ଆଡ଼କୁ ହାତ ଦେଖାଇ ଡାକ୍ତର ଉତ୍ତରଦେଲେ ।

ବିଶପ୍ ପୁଣି ଥରେ ନିରୀକ୍ଷଣ କରିଗଲେ । ''ଭଗବାନ୍ ! ତୁମେ ଏଇମାନଙ୍କ ସହାୟତାରେ ଏ ଜାହାଜ ଅଧିକାର କରିଛ ? ଏହା ବାସ୍ତବିକ୍ ବୀରତ୍ୱପୂର୍ଣ୍ଣ । ଏଥିପାଇଁ ତୁମେ ପୁରସ୍କାର ପାଇବା ଯୋଗ୍ୟ । ମୁଁ ମଧ ତୁମ ନିକଟରେ କୃତଜ୍ଞ !''

''ତା ହବାର କଥା । ତେବେ ପ୍ରଶ୍ନ ହେଲା ଆପଣଙ୍କର କୃତଜ୍ଞତା କେତେ ?''

ସେନାପତି ବିଶପ୍ ଆଶ୍ଚର୍ଯ୍ୟ ହୋଇ ତାଙ୍କ ଆଡ଼କୁ ଚାହିଁରହିଲେ । ପ୍ରଥମଥରପାଇଁ ତାଙ୍କର ମନେହେଲା ଏଠାକାର ପରିସ୍ଥିତିକୁ ସେ ଯେତେ ବନ୍ଧୁତ୍ୱପୂର୍ଣ୍ଣ ମନେକରୁଥିଲେ, ତା ନହୋଇପାରେ । ଡାକ୍ତର ବ୍ଲଡ୍ କହିଚାଲିଲେ, ''ମୋ ଉପରେ ଚାବୁକ୍ ପ୍ରହାର ହେବାଟା ବାକି ରହିଯାଇଛି । ମୋର ମନେଅଛି, ଆପଣ କହିଥିଲେ ମୋ ପିଠିରେ ଏକଇଞ୍ଚ ମଧ ଚମଡ଼ା ରଖିଦେବେନାହିଁ ।''

କଥାଟାକୁ ଏଡ଼ାଇଦେଇ ସେନାପତି କହିଲେ, ''ସେସବୁ ବାଜେ କଥା । ତୁମର ଏଇ ଅସାଧାରଣ କାମ ପରେ ସେ ବିଷୟ ମୁଁ ଭାବିବି ବୋଲି ତୁମେ ଚିନ୍ତା କରିପାରୁଛ ?''

''ସେଥିପାଇଁ ଅବଶ୍ୟ ମୁଁ ସୁଖୀ । କିନ୍ତୁ ମୁଁ ଭାବୁଛି ଯେ ସ୍ପେନୀୟମାନେ ଗତକାଲି ଆସି ପହଞ୍ଚିବା ଆମର ସୌଭାଗ୍ୟ । କାଲି ନଆସି ସେମାନେ ଆଜି ଆସିଥିଲେ ହୁଏତ ମୋତେ ବି ବିଚରା ଜେରେମିଆ ପିଟ୍‌ର ଅବସ୍ଥା ଭୋଗ କରିବାକୁ ପଡ଼ିଥାନ୍ତା ।''

– ଆଉ ସେ କଥା କହୁଛ କାହିଁକି ?

''ମୁଁ ନିଶ୍ଚୟ କହିବି ସେନାପତି ମହାଶୟ ! ଆପଣ ଜୀବନରେ ବହୁତ ଦୁଷ୍କର୍ମ

Digitized by srujanika@gmail.com

କରିଛନ୍ତି । ମୁଁ ଚାହେଁ, ଆପଣ ଏପରି ଏକ ଶିକ୍ଷା ପାଆନ୍ତୁ, ଯାହା ଆପଣ ଜୀବନରେ ଭୁଲିବେନାହିଁ । ବିଚରା ଜେରେମିଆ ଏଇଠି ଗୋଟାଏ କୋଠରିରେ ପଡ଼ିଛି । ଭଲ ହେବାକୁ ଆହୁରି ପ୍ରାୟ ମାସେ ଲାଗିବ ।''

ହୀଗ୍‌ଥ୍ରପ୍ ନାମକ ଜଣେ କ୍ରୀତଦାସ ଆଗେଇ ଆସିଲା । ସେ ବେଶ୍ ଉଚ୍ଚ ଏବଂ ଶକ୍ତିଶାଳୀ । ହସି ହସି ସେ କହିଲା, ''ଘୁଷୁରିଟା ସଙ୍ଗେ କଥାବାର୍ତ୍ତା କରି ସମୟ ନଷ୍ଟ କରୁଛ କାହିଁକି ? ତାକୁ ତଳକୁ ଫିଙ୍ଗିଦେଇ ଶେଷ କରିଦିଅ ।''

ସେନାପତିଙ୍କ ମୁହଁ ରାଗରେ ଲାଲ୍ ପଡ଼ିଗଲା । ସେ ଗର୍ଜନ କରି ଉଠିଲେ, ''କ'ଣ କହିଲୁ ଶୟତାନ୍ ?''

ଉଭରଷ୍ଟୋନ୍ ନାମକ ଆଉ ଜଣେ ଲୋକ ଆଗେଇ ଆସିଲା । ତା'ର ଚେହେରା ଅସୁର ପରି ଏବଂ ଗୋଟାଏ ଆଖି କଣା । କଠୋର ଏବଂ କ୍ରୂର ଭାବରେ ସେ କହିଲା, ''ଏଇଟାକୁ ପାଲରଖମ୍ଭରେ ଫାଶୀ ଦେଇଦିଅ ।'' ଅନ୍ୟମାନେ ମଧ୍ୟ ତା କଥାକୁ ସମର୍ଥନ କଲେ ।

ସେନାପତି ବିଶପ୍ ଥରିଉଠିଲେ । ଧୀରସ୍ଥିରଭାବରେ ଉଭରଷ୍ଟୋନ୍ ଆଡ଼କୁ ମୁହଁ ବୁଲାଇ ଡାକ୍ତର କହିଲେ, ''ଦେଖ ଉଭରଷ୍ଟୋନ୍, ମୁଁ ମୋର ଯୋଜନା ଅନୁସାରେ ସବୁ ଠିକ୍ କରେ । ତମର ମନେରଖିବା ଉଚିତ ଯେ ମୁଁ ଏ ଜାହାଜର କ୍ୟାପ୍‌ଟେନ୍ । ସେନାପତି ବିଶପ୍ ମୋର ଏକାନ୍ତ ଆବଶ୍ୟକ । ଆମ ଉପରେ କୂଳରୁ କୌଣସି ଆକ୍ରମଣ ନହେବାର ପ୍ରତିଶ୍ରୁତିରୂପେ ମୁଁ ସେନାପତି ବିଶପ୍‌ଙ୍କୁ ବନ୍ଦୀକରି ରଖିବାକୁ ଚାହେଁ । ଶୁଣନ୍ତୁ ସେନାପତି, ଆପଣଙ୍କ ଜୀବନରକ୍ଷାର ପ୍ରତିଶ୍ରୁତି ମୁଁ ଦେଉଛି । କିନ୍ତୁ ଆମେ ସମୁଦ୍ର ବକ୍ଷରେ ଦୂରକୁ ଯିବାଯାଏଁ ଆପଣଙ୍କୁ ଏଠାରେ ବନ୍ଦୀ ରହିବାକୁ ହେବ ।''

ଏକଥା ଶୁଣି ବିଶପ୍ ଆହୁରି ଆତଙ୍କିତ ହୋଇଉଠିଲେ । ବିଶପ୍‌ଙ୍କ ସହିତ ଆସିଥିବା କର୍ମଚାରୀ ଦୁଇଜଣଙ୍କୁ ଲକ୍ଷ୍ୟ କରି ଡାକ୍ତର ବ୍ଲଡ୍ କହିଲେ, ''ନୌକା ଆପଣମାନଙ୍କପାଇଁ ଅପେକ୍ଷା କରିଛି । ମୁଁ ଯାହା କହିଲି ଆପଣମାନେ ଶୁଣିଲେ; ଦୟାକରି ମହାମାନ୍ୟ ଗଭର୍ଣ୍ଣରଙ୍କୁ ଏକଥା ଜଣାଇଦେବେ ।''

— କିନ୍ତୁ ମହାଶୟ... ସେମାନଙ୍କ ମଧ୍ୟରୁ ଜଣେ କହିଲା ।

''ମୁଁ ଆଉ କିଛି ଶୁଣିବାକୁ ଚାହେଁନା । ମୋ ନାଁ ଡାକ୍ତର ବ୍ଲଡ୍– କ୍ୟାପ୍‌ଟେନ୍ ବ୍ଲଡ୍ । ଆପଣମାନେ ଗଭର୍ଣ୍ଣର ଷ୍ଟଡ୍‌ଙ୍କୁ କହିବେ, ''ଆମେ ବର୍ତ୍ତମାନ ଏଠାରୁ ଚାଲିଯିବୁ । ଯଦି ଦୁର୍ଗରୁ ଗୋଟିଏ ମାତ୍ର ଗୋଳା ଆମ ଆଡ଼କୁ ଫୁଟାଯାଏ, ତେବେ ସେନାପତି ବିଶପ୍‌ଙ୍କର ମୃତ୍ୟୁ ନିଶ୍ଚିତ । ସେଇଠି ଜାହାଜର ସିଡ଼ି ଅଛି । ସମୁଦ୍ର ଭିତରକୁ ଆପଣମାନଙ୍କୁ ଫିଙ୍ଗିଦେବା ଅପେକ୍ଷା ଆପଣମାନେ ଶିଡ଼ିରେ ଓହ୍ଲାଇ ଯିବା

Digitized by srujanika@gmail.com

ବୋଧହୁଏ ଭଲହେବ ।''

ସେମାନେ ଚାଲିଗଲେ । ସେନାପତି ବିଶପ୍‌ଙ୍କର କ୍ରୋଧ ଭୟରେ ପରିଣତ ହେଲା । କ୍ରୀତଦାସମାନଙ୍କ ମଧ୍ୟରୁ ଛଅଜଣ ଜାହାଜ ଚଳାଇବା ବିଷୟରେ କିଛି କିଛି ଜାଣିଥିଲେ । ହୀଗ୍‌ଥ୍ରପ୍‌ଙ୍କ ନିର୍ଦ୍ଦେଶରେ ଜାହାଜ ଚଳାଇ ସେମାନେ ଧୀରେ ଧୀରେ ପୋତାଶ୍ରୟରୁ ବାହାରିଗଲେ । କୂଳରୁ ଦୁର୍ଗ ମଧ୍ୟରୁ ସେମାନଙ୍କୁ କୌଣସି ବାଧା ଦିଆଗଲା ନାହିଁ । ସେମାନେ ଉପସାଗର ଅତିକ୍ରମ କରିଗଲା ପରେ ଡାକ୍ତର ବ୍ଲଡ୍ ସେନାପତି ବିଶପ୍‌ଙ୍କ ନିକଟକୁ ଆସି ପ୍ରଶ୍ନ କଲେ, ''ଆପଣ ସନ୍ତରଣ ଜାଣନ୍ତି ସେନାପତି ?''

ଶଙ୍କିତ ନୟନରେ ବିଶପ୍ ଚାହିଁରହିଲେ । ମୁହଁରୁ ତାଙ୍କର କଥା ବାହାରିଲା ନାହିଁ । ଡାକ୍ତର ପୁଣି କହିଚାଲିଲେ, ''ଆପଣଙ୍କ ଭାଗ୍ୟ ଭଲ ଯେ ମୋର ଅନ୍ୟ ସାଥୀମାନଙ୍କ ପରି ମୁଁ ରକ୍ତପିପାସୁ ନୁହେଁ । ବହୁ କଷ୍ଟରେ ଆପଣଙ୍କୁ ହତ୍ୟା ନକରିବାପାଇଁ ମୁଁ ସେମାନଙ୍କୁ ରାଜି କରାଇଛି । ମୋର ମନେହୁଏ ଆପଣଙ୍କ ପାଇଁ ମୁଁ ଯେଉଁ କଷ୍ଟ କରିଛି, ଆପଣଙ୍କ ମୂଲ୍ୟ ତା ସଙ୍ଗେ ସମାନନୁହେଁ ।''

ଡାକ୍ତରଙ୍କର ଏ ଉକ୍ତି ଅବଶ୍ୟ ସତ୍ୟ ନଥିଲା । ସେନାପତିଙ୍କୁ ଫାଶି ଦେଇ ହତ୍ୟା କରିବା ମଧ ତାଙ୍କର ଇଚ୍ଛା ଥିଲା । କିନ୍ତୁ କୁମାରୀ ଆରାବେଲା ବିଶପ୍‌ଙ୍କ ସ୍ମୃତି ତାଙ୍କ ମନରେ ଦୟା ଜାତ କରାଇଥିଲା । ଯାହା ହେଲେ ମଧ ସେନାପତି କୁମାରୀ ଆରାବେଲାଙ୍କ ପିତୃବ୍ୟ ।

''ଆପଣଙ୍କୁ ଏଠାରୁ କୂଳଯାଏ ପହଁରି ଯିବାପାଇଁ ସୁଯୋଗ ଦିଆଯିବ । ଦୂରତା ମଧ ବେଶି ନୁହେଁ– ମାଇଲକର ଏକ-ଚତୁର୍ଥାଂଶ ହେବ । ଆପଣ ଯଥେଷ୍ଟ ମୋଟା ହେଲେ ମଧ କୌଣସି ପ୍ରକାରେ ପହଁରି ଯାଇପାରିବେ । ଆସନ୍ତୁ ।''

ସେନାପତି ବିଶପ୍ ଦମ୍ଭଧରି ଠିଆହେଲେ । ଡାକ୍ତର ବ୍ଲଡ୍‌ଙ୍କ ଆଦେଶରେ ଖଣ୍ଡେ ପଟା ଜାହାଜର ବାଡ଼ାରେ ଦୃଢ଼ଭାବରେ ବାନ୍ଧି ଦିଆଗଲା । ସମୁଦ୍ର ଉପରକୁ ପଟାଖଣ୍ଡ ଲମ୍ବି ରହିଲା । ''ଦୟାକରି ଚାଲନ୍ତୁ ସେନାପତି ବିଶପ୍ ।'' କ୍ୟାପ୍‌ଟେନ ବ୍ଲଡ୍ କହିଲେ । ଘୃଣା ଏବଂ କ୍ରୋଧପୂର୍ଣ୍ଣ ଆଖିରେ ସେନାପତି ତାଙ୍କ ଆଡ଼କୁ ଚାହିଁଲେ । ତା'ପରେ ସେ ତାଙ୍କର ଜୋତା ଏବଂ ମୂଲ୍ୟବାନ୍ ପୋଷାକପତ୍ର ବାହାର କରିଦେଲେ ଏବଂ ସେଇ ପଟାଉପରକୁ ଉଠିଲେ । ଟିକିଏ ଅଟକିଯାଇ କୋଡ଼ିଏ ଫୁଟ ତଳେ ସମୁଦ୍ରର ନୀଳ ଜଳରାଶିକୁ ଚାହିଁ ସେ ଆତଙ୍କିତ ହୋଇଗଲେ । ପଛରୁ ହସି ହସି ଜଣେ କହିଲା, ''ଟିକିଏ ଚାଲିଯାଆନ୍ତୁ ସେନାପତି ମହାଶୟ ।''

ଜାହାଜ ବାଡ଼ାରେ ଭାରାଦେଇ ସେନାପତି ବିଶପ୍ ଚାରିଆଡ଼େ ଆଖି ବୁଲାଇନେଲେ । ଜାହାଜ ଉପରେ ଧାଡ଼ିହୋଇ ଯେଉଁମାନେ ଠିଆ ହୋଇଥିଲେ ମାତ୍ର

Digitized by srujanika@gmail.com

ଗୋଟିଏ ଦିନ ପୂର୍ବେ ସେମାନେ ବିଶପ୍‌ଙ୍କ ଭ୍ରୂକୁଞ୍ଚନରେ ଥରିଉଠୁଥିଲେ । ଆଜି ସେମାନେ କ୍ରୂର ଚକ୍ଷୁରେ ତାଙ୍କ ଆଡ଼କୁ ଚାହିଁଛନ୍ତି । ମୁହୂର୍ତ୍ତକପାଇଁ ତାଙ୍କର ଭୀତି ଚାଲିଯାଇ ତା ସ୍ଥାନରେ ମନରେ କ୍ରୋଧ ଜାତହେଲା । ସେମାନଙ୍କୁ ନାନା କଟୁକଥା କହି ସେ ଜାହାଜର ବାଡ଼ା ଛାଡ଼ିଦେଇ ପଟା ଉପରକୁ ଚାଲିଗଲେ । ମାତ୍ର ତିନିପାଦ ଯିବା ପରେ ସେ ସମୁଦ୍ର ଗର୍ଭରେ ପଡ଼ି ବୁଡ଼ିଗଲେ ।

ପୁଣି ଯେତେବେଳେ ସେ ଜଳର ଉପରଭାଗକୁ ଉଠିଲେ ସେତେବେଳକୁ ଜାହାଜଟା କିଛି ଦୂରକୁ ଚାଲିଗଲାଣି । କିନ୍ତୁ ସେଇ ବିଦ୍ରୋହୀ କ୍ରୀତଦାସ ଗୁଡ଼ାଙ୍କର ଅଟ୍ଟହାସ ଶୁଣାଯାଉଥାଏ । ଅସହାୟ ସେନାପତିଙ୍କ କ୍ରୋଧଜର୍ଜ୍ଜରିତ ହୃଦୟରେ ତାହା ଶରପରି ବିଦ୍ଧ ହୋଇଗଲା ।

[୯]

ସେନାପତି ଡନ୍‌ଡିଗୋ ଉଠି ତାଙ୍କ କୋଠରିର ଚାରିଆଡ଼କୁ ଚାହିଁଲେ । ଆଖି ତାଙ୍କର କ୍ଲାନ୍ତ ଏବଂ ମୁଣ୍ଡରେ ବ୍ୟଥା । ତା'ପରେ ଦୀର୍ଘଶ୍ୱାସ ପକାଇ ସେ ପୁଣି ଆଖିବୁଜି ଚିନ୍ତା କରିବାକୁ ଲାଗିଲେ । କିନ୍ତୁ ସେ କିଛି ଭାବି ପାରୁନଥିଲେ । ମୁଣ୍ଡ ଭିତରଟା ତାଙ୍କର ଗୋଳମାଳିଆ ହୋଇଗଲା । ତେବେ ସେ ଏତିକି ଅନ୍ତତଃ ଜାଣିପାରିଲେ ଯେ କେଉଁଠାରେ କିଛି ବ୍ୟତିକ୍ରମ ଘଟିଛି । ଗଲା ଦିନର ଅଭିଯାନ ବିଷୟ ସେ ମନେ-କରିଗଲେ । ବାରବାଡ୍‌ସ ଦ୍ୱୀପ ଉପରେ ତାଙ୍କର ସଫଳ ଆକ୍ରମଣ ବେଶ୍ ମନେ ପଡ଼ିଲା । ନିଜ ଜାହାଜକୁ ଫେରିବା ପର୍ଯ୍ୟନ୍ତ ପ୍ରତ୍ୟେକ ଘଟଣା ତାଙ୍କର ସୁନ୍ଦର ମନେ ଅଛି । ତା'ପରେ... ଆଉ କିଛି ତାଙ୍କର ମନେପଡ଼ିଲାନାହିଁ । ଏତିକିବେଳେ କୋଠରିର ଦରଜା ଖୋଲିଲା । ଡନ୍‌ଡିଗୋ ଦେଖିଲେ ତାଙ୍କର ସବୁଠାରୁ ମୂଲ୍ୟବାନ୍ ପୋଷାକ ଘର ଭିତରକୁ ଚାଲିଆସିଲା । ତାଙ୍କର ବିସ୍ମୟ ଆହୁରି ବଢ଼ିଗଲା । ଦରଜା ବନ୍ଦ କରି ସେଇ ପୋଷାକ ଡନ୍‌ଡିଗୋ ଶୋଇଥିବା ଖଟ ନିକଟକୁ ଆସିଲା । ଏହି ପୋଷାକ ଭିତରେ ଡନ୍‌ଡିଗୋଙ୍କର ଉଚ୍ଚତା ଏବଂ ଆକାର ବିଶିଷ୍ଟ ଜଣେ ଭଦ୍ରବ୍ୟକ୍ତି ଥିଲେ ।

ସେଇ ଭଦ୍ରବ୍ୟକ୍ତି ସ୍ପେନୀୟ ଭାଷାରେ କହିଲେ, "ଆପଣ ଉଠିଲେଣି ତା' ହେଲେ ?" ଟିକିଏ ଆଗେଇ ଆସି ସେ ଡନ୍‌ଡିଗୋଙ୍କ ମୁଣ୍ଡରେ ହାତ ମାରିଲେ । ଡନ୍‌ଡିଗୋ କଷ୍ଟ ଅନୁଭବ କରି ଚିତ୍କାର କରିଉଠିଲେ । ତା' ପରେ ଆଗନ୍ତୁକ ଭଦ୍ରବ୍ୟକ୍ତି ଡ଼ନ୍‌ଡିଗୋଙ୍କ ହାତର କଚଟିରେ ଦୁଇଟି ଆଙ୍ଗୁଠି ରଖିଲେ । ବିସ୍ମିତ ହୋଇ ଡନ୍‌ଡିଗୋ ପ୍ରଶ୍ନ କଲେ, "ଆପଣ କ'ଣ ଜଣେ ଡାକ୍ତର ?"

"ଖାଲି ଡାକ୍ତର ନୁହେଁ, ଆହୁରି ଅନେକ କିଛି ।" ଭଦ୍ରବ୍ୟକ୍ତି ତାଙ୍କ ରୋଗୀର

Digitized by srujanika@gmail.com

ନାଡ଼ି ପରୀକ୍ଷା କଲେ । କିଛି ସମୟ ପରେ ହାତ ଛାଡ଼ି କହିଲେ, ''ସ୍ୱାଭାବିକ ଅବସ୍ଥା । ଆପଣଙ୍କର ବିଶେଷ କିଛି କ୍ଷତି ହୋଇନାହିଁ ।''

ବହୁ କଷ୍ଟରେ ଉଠି ବସି ଡନ୍‌ଡିଗୋ ପ୍ରଶ୍ନ କଲେ, ''ତୁମେ କିଏ ? ମୋର ପୋଷାକ ପିନ୍ଧି ମୋ ଜାହାଜରେ ତୁମେ କ'ଣ କରୁଛ ?''

ଅଳ୍ପ ହସି ଡାକ୍ତର ଉତ୍ତର ଦେଲେ, ''ତୁମର ଧାରଣା ଭ୍ରାନ୍ତ । ଏଇଟା ମୋ ଜାହାଜ ଏବଂ ଏସବୁ ମୋର ପୋଷାକ ।''

''ତୁମ ଜାହାଜ... ତୁମ ପୋଷାକ ? କିନ୍ତୁ...ତେବେ...'' ବିସ୍ଫାରିତ ଆଖିରେ ଡନ୍‌ଡିଗୋ କୋଠରିର ପ୍ରତ୍ୟେକ ପରିଚିତ ପଦାର୍ଥଗୁଡ଼ିକ ଦେଖି ନେଲେ । ''ତେବେ ମୁଁ କ'ଣ ପାଗଳ ? ଏଇଟା ନିଶ୍ଚୟ ସ୍ପେନର ଯୁଦ୍ଧ– ଜାହାଜ ?''

– ହଁ ।

– ତେବେ... । ଡନ୍‌ଡିଗୋ ଆହୁରି ଆଶ୍ଚର୍ଯ୍ୟ ହୋଇ ଚାହିଁଲେ । ''ତେବେ ତୁମେ କ'ଣ କହିବାକୁ ଚାହଁ ଯେ ତୁମେ ଡନ୍‌ଡିଗୋ ଏସ୍‌ପିନେସା ?''

''ନା, ନା, ମୋ ନା ବ୍ଲଡ୍, କ୍ୟାପ୍‌ଟେନ ପିଟର୍ ବ୍ଲଡ୍ । ଏଇ ଜାହାଜ ଏଇ ପୋଷାକ ସବୁ ମୁଁ ଅଧିକାର କରିଛି । ଆଉ ଆପଣ ମୋର ବନ୍ଦୀ ।''

କ୍ୟାପ୍‌ଟେନ ବ୍ଲଡ୍ ସବୁ ଘଟଣା ବୁଝାଇ କହିଗଲେ । ଡନ୍‌ଡିଗୋ ମୁଣ୍ଡର ପଛ ପାଖରେ ହାତମାରି ଆଘାତ ହୋଇଥିବା ଜାଣିଲେ । ସେ ବୁଝିଲେ ଡାକ୍ତରଙ୍କ କଥା ସତ । କାତର କଣ୍ଠରେ ସେ ପ୍ରଶ୍ନ କଲେ, ''ଆଉ ମୋ ପୁଅ, ମୋ ପୁଅ କେଉଁଠି ? ସେ ମଧ୍ୟ ମୋ ସହିତ ନୌକାରେ ଆସୁଥିଲା ।''

''ଆପଣଙ୍କ ପୁଅ ନିରାପଦ ଅଛନ୍ତି । ସେ ଏବଂ ନୌକାର ଅନ୍ୟାନ୍ୟ ସମସ୍ତେ ମଧ୍ୟ ମୋର ବନ୍ଦୀ ।''

ଡନ୍‌ଡିଗୋ ଖଟ ଉପରେ ପୁଣି ପଡ଼ିଗଲେ । ନିର୍ନିମେଷ ଆଖିରେ ସେ ବ୍ଲଡ୍‌ଙ୍କ ମୁହଁକୁ ଚାହିଁରହିଲେ । ମନଭିତରେ ଭୀଷଣ ରାଗକୁ ସେ କୌଣସି ପ୍ରକାରେ ସମ୍ଭାଳିନେଲେ । ଏଥରର ଅଭିଯାନରେ ଭାଗ୍ୟ ତାଙ୍କର ପ୍ରତିକୂଳ ହୋଇଛି । ତେଣୁ ପରିସ୍ଥିତିକୁ ଗ୍ରହଣ କରିନେବା ତାଙ୍କର ଉଚିତ । ଧୀର ଭାବରେ ସେ ପ୍ରଶ୍ନ କଲେ, ''ବର୍ତ୍ତମାନ କ'ଣ କ୍ୟାପ୍‌ଟେନ ମହାଶୟ ?''

'ବର୍ତ୍ତମାନ' ଉତ୍ତରଦେଲେ ବ୍ଲଡ୍– ''ମୁଁ ଟିକିଏ ଦୟାର୍ଦ୍ର ଲୋକ, ତେଣୁ ଆପଣଙ୍କ ମସ୍ତକରେ ଯେଉଁ ଆଘାତ ଦିଆଗଲା ସେଥିରେ ଆପଣଙ୍କର ମୃତ୍ୟୁ ନହୋଇ ଥିବାରୁ ମୁଁ ଦୁଃଖିତ । କାରଣ ଆଉ ଥରେ କଷ୍ଟ ସହି ଆପଣଙ୍କୁ ମରିବାକୁ ପଡ଼ିବ ।''

ଦୀର୍ଘଶ୍ୱାସ ପକାଇ ଡନ୍‌ଡିଗୋ ପୁଣି ପ୍ରଶ୍ନ କଲେ, ''କିନ୍ତୁ ଆମର ମୃତ୍ୟୁ କ'ଣ ଏକାନ୍ତ ପ୍ରୟୋଜନୀୟ ?''

Digitized by srujanika@gmail.com

"ମୁଁ ଏଡ଼େ ନିର୍ବୋଧ ନୁହେଁ । ଆପଣ ଏବଂ ଆପଣଙ୍କର ଏଇ ଦଶଜଣ ନାବିକ ଏ ଜାହାଜପାଇଁ ଏକ ବିପଦ । ମୁଁ ଅବଶ୍ୟ ଅକାରଣରେ ନିଷ୍ଠୁର ହେବାକୁ ଇଚ୍ଛା କରେନାହିଁ । ବିଶେଷତଃ ମୁଁ ଏବଂ ମୋର ବନ୍ଧୁମାନେ ଆପଣଙ୍କଦ୍ୱାରା ଉପକୃତ ହୋଇଛୁ । ଆପଣଙ୍କର ବାରବାଡ୍ସ ଦ୍ୱୀପ ଆକ୍ରମଣ ଆମର ସୁଭାଗ୍ୟ । କିନ୍ତୁ ଆପଣ ନିଶ୍ଚୟ ଏକମତ ହେବେ ଯେ ମୋର ଅନ୍ୟ ପନ୍ଥା ନାହିଁ ।"

— କିନ୍ତୁ ବନ୍ଧୁ ମୁଁ ଆପଣଙ୍କ ସହ ଏକମତ ନୁହେଁ ।

— ଯଦି ଆପଣ ଅନ୍ୟ କୌଣସି ପନ୍ଥା ବାହାର କରନ୍ତି ମୁଁ ଆନନ୍ଦରେ ତାହା ବିଚାର କରିବି ।

— ବର୍ତ୍ତମାନ ମୋର ମୁଣ୍ଡ ବ୍ୟଥା ହେଉଛି । ଏ ବିଷୟରେ ଚିନ୍ତା କରିବା ପାଇଁ ଆପଣ ମୋତେ କିଛି ସମୟ ଦେଇପାରିବେ ?

— ମୁଁ ଆପଣଙ୍କୁ ଅଧଘଣ୍ଟାଏ ସମୟ ଦେଇପାରେ । ଆପଣ ଯଦି କୌଣସି ଗ୍ରହଣଯୋଗ୍ୟ ପ୍ରସ୍ତାବ ଦେଇନପାରନ୍ତି ବାଧ୍ୟ ହୋଇ ମୁଁ ଆପଣଙ୍କୁ ଏବଂ ଆପଣଙ୍କର ସାଥୀମାନଙ୍କୁ ଜାହାଜ ବାହାରକୁ ପଠାଇବାର ବ୍ୟବସ୍ଥା କରିବି । ଏହାକହି କ୍ୟାପ୍‌ଟେନ ବ୍ଲଡ୍ କୋଠରିରୁ ବାହାରିଯାଇ ଦରଜା ବନ୍ଦ କରିଦେଲେ ।

ଡନ୍‌ଡିଗୋ ଗଭୀରଭାବେ ଚିନ୍ତା କରିବାରେ ଲାଗିଲେ । ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ତାଙ୍କ ମୁଖର ଚିନ୍ତାରେଖା ଗାଢ଼ ହୋଇଉଠିଲା । ଠିକ୍ ଅଧଘଣ୍ଟାଏ ପରେ କୋଠରିର ଦରଜା ଖୋଲିଲା । ଡନ୍‌ଡିଗୋ ଉଠି ସିଧା ହୋଇ ବସିଲେ । କ୍ୟାପ୍‌ଟେନ ବ୍ଲଡ୍ କୋଠରିରେ ପ୍ରବେଶ କରିବାରୁ ସେ କହିଲେ– "ମୁଁ ଗୋଟାଏ ପ୍ରସ୍ତାବ ଠିକ୍ କରିଛି କ୍ୟାପ୍‌ଟେନ; କିନ୍ତୁ ତାହା ଆପଣଙ୍କର ଉଦାରତା ଉପରେ ନିର୍ଭର କରେ । ଆପଣ ଆମକୁ କୌଣସି ଦ୍ୱୀପରେ ଛାଡ଼ିଦିଅନ୍ତୁ । ତା' ପରେ ଆମେ ଆମକଥା ବୁଝିବୁ ।"

ମୁଣ୍ଡ ହଲାଇ ବ୍ଲଡ୍ କହିଲେ, "କ୍ଷମା କରିବେ– ତା କରିବା ସମ୍ଭବ ନୁହେଁ ।"

"ଆପଣ ଏହା କହିବେ ବୋଲି ମୁଁ ଆଶଙ୍କା କରୁଥିଲି । ତେବେ ଆଉ କିଛି କହିବାର ନାହିଁ ।"

କ୍ୟାପ୍‌ଟେନ୍ ବ୍ଲଡ୍ ପ୍ରଶଂସାପୂର୍ଣ୍ଣ ଆଖିରେ ତାଙ୍କୁ ଚାହିଁ ପ୍ରଶ୍ନକଲେ, "ଆପଣ ମୃତ୍ୟୁକୁ ଭୟ କରନ୍ତି ନାହିଁ ଡନ୍‌ଡିଗୋ ?"

"ଏ ପ୍ରଶ୍ନ ଅତି ଅପମାନଜନକ ।" ଗର୍ବିତଭାବରେ ଡନ୍‌ଡିଗୋ ଉତ୍ତର ଦେଲେ ।

"ତେବେ ମୁଁ ପ୍ରଶ୍ନଟାର ପରିବର୍ତ୍ତନ କରୁଛି । ଆପଣ ବଞ୍ଚିରହିବାକୁ ଇଚ୍ଛା କରନ୍ତିନାହିଁ ?"

"ଏ ପ୍ରଶ୍ନର ଉତ୍ତର ମୁଁ ଦେଇପାରେ । ମୁଁ ନିଶ୍ଚୟ ବଞ୍ଚିବାକୁ ଚାହେଁ । ତା'ଛଡ଼ା ମୁଁ

Digitized by srujanika@gmail.com

ଚାହେଁ ମୋ ପୁଅର ଜୀବନ; କିନ୍ତୁ ଏହାକୁ ମୋର ଭୀରୁତା ବୋଲି ଆପଣ ଭାବିବେନାହିଁ ।'' ପ୍ରଥମଥରପାଇଁ ସେ କ୍ରୋଧର ଲକ୍ଷଣ ଦେଖାଇଲେ ।

ଟେବ୍‌ଲର ଗୋଟାଏ କଣରେ ବସି ଡାକ୍ତର ବ୍ଲଡ୍ କହିଲେ, ''ଆପଣ ନିଜର, ଆପଣଙ୍କ ପୁଅର ଏବଂ ଅନ୍ୟମାନଙ୍କର ଜୀବନ ଏବଂ ସ୍ୱାଧୀନତା ପାଇପାରିବେ । ତା ବଦଳରେ ଆପଣଙ୍କୁ ଗୋଟାଏ କାମ କରିବାକୁ ହେବ ।''

ଡନ୍‌ଡିଗୋଙ୍କ ମୁହଁରେ ଆଶାର ସଂକେତ ଦେଖାଗଲା । ଡାକ୍ତର ବ୍ଲଡ୍‌ଙ୍କ ଆଖିରୁ ତାହା ବାଦ୍‌ଗଲାନାହିଁ ।

''ଗୋଟାଏ କାମ କରିବାକୁ ଆପଣ କହୁଛନ୍ତି ? ସେଥିପାଇଁ ମୁଁ ରାଜି; କିନ୍ତୁ ତାହା ଯଦି ସମ୍ମାନହାନିକର ନହୁଏ ।''

''ମୁଁ ଆପଣଙ୍କୁ ସମ୍ମାନହାନିକର କାମ କରିବାକୁ କହିବିନାହିଁ । ମୁଁ ବୁଝେ ଯେ ଜଳଦସ୍ୟୁର ମଧ ସମ୍ମାନ ଅଛି । ଏଇ ଝରକା ବାଟେ ଦେଖନ୍ତୁ; ଦିଗ୍‌ବଳୟରେ ମେଘଖଣ୍ଡପରି କିଛି ଦେଖାଯାଉଛି । ସେଟା ହେଲା ବାର୍‌ବାଡ୍‌ସ ଦ୍ୱୀପ– ଆମର ବହୁତ ପଛରେ ରହିଲାଣି । ଆମେ ସାରାଦିନ ଜାହାଜ ପୂର୍ବକୁ ଚଳାଉଛୁ । ଆମେ ଚାହୁଁ ଏଇ ଦ୍ୱୀପ ଓ ଆମ ମଧରେ ଦୂରତ୍ୱ ଯେତେ ଦୂର ସମ୍ଭବ ବେଶି ହେଉ । କିନ୍ତୁ ବର୍ତ୍ତମାନ ଆମେ ଗୋଟାଏ ଅସୁବିଧାରେ ପଡ଼ିଯାଇଛୁ । ଆମ ଭିତରେ ମାତ୍ର ଜଣେ ଲୋକ ଜାହାଜ ଚଳାଚଳର ପୂର୍ଣ୍ଣଜ୍ଞାନ ଲାଭ କରିଛି । କିନ୍ତୁ ସେ ଦ୍ୱୀପରେ ଥିଲାବେଳେ ତା ଉପରେ ନାନା ଅତ୍ୟାଚାର ହୋଇଥିଲା; ତେଣୁ ସେ ଗୁରୁତର ଅସୁସ୍ଥ । ଆମେ ତାକୁ ସାଥିରେ ନେଇଆସିଛୁ । ମୁଁ ଅବଶ୍ୟ ଜାହାଜ ଚଳାଇ ଜାଣେ । ମୋତେ ସାହାଯ୍ୟ କରିବାକୁ ମଧ ଜଣେ ଦୁଇଜଣ ଅଛନ୍ତି । କିନ୍ତୁ ସମୁଦ୍ର ଭିତରେ ରାସ୍ତା ନିର୍ଣ୍ଣୟ କରିବା ଆମକୁ ଜଣାନାହିଁ । ଆମେ ଚାହୁଁ ଯେତେଶୀଘ୍ର ସମ୍ଭବ ହଲାଣ୍ଡର ଉପନିବେଶ କ୍ୟୁରାକାଓରେ ପହଞ୍ଚିବାକୁ । ମୁଁ ଯଦି ଆପଣଙ୍କୁ ମୁକ୍ତି ଦିଏ, ଆପଣ ସେ ସ୍ଥାନକୁ ଯିବାରେ ଆମକୁ ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେବେ ? ତାହେଲେ ଆମେ ସେଠାରେ ପହଞ୍ଚିବାକ୍ଷଣି ଆପଣଙ୍କୁ ଏବଂ ଆପଣଙ୍କ ଦଳର ଅନ୍ୟମାନଙ୍କୁ ମୁକ୍ତି ଦେବୁ ।''

ଡନ୍‌ଡିଗୋ ନତମସ୍ତକରେ ଝରକା ନିକଟକୁ ଚାଲିଗଲେ । ସୂର୍ଯ୍ୟସ୍ନାତ ସମୁଦ୍ରବକ୍ଷକୁ ସେ ଚାହିଁରହିଲେ । ଏଇ ତାଙ୍କର ଜାହାଜ । ଏଇ ଇଂରେଜ କୁକୁରମାନେ ଏହା ତାଙ୍କଠାରୁ ଅପହରଣ କରିନେଇଛନ୍ତି । ଏଣ୍ଣ ଜାହାଜକୁ ତାଙ୍କୁ ଗୋଟାଏ ବନ୍ଦରକୁ ନେଇଯିବାକୁ ହେବ । ସେଇଠି ତାଙ୍କୁ ଏ ଜାହାଜ ଚିରଦିନ ପାଇଁ ହରାଇବାକୁ ପଡ଼ିବ । ଏକପକ୍ଷରେ ଏ ପ୍ରସ୍ତାବ– ଅପରପକ୍ଷରେ ଷୋହଳ ଜଣଙ୍କର ଜୀବନ । ସେଥିରୁ ଚଉଦ ଜଣଙ୍କ ଜୀବନପାଇଁ ସେ ଚିନ୍ତା କରୁନଥିଲେ; କିନ୍ତୁ ଦୁଇଟି ଜୀବନ ଥିଲା ତାଙ୍କର ଚିନ୍ତାର ବିଷୟ– ସେ ହେଲା ତାଙ୍କ ନିଜ ଜୀବନ ଆଉ ତାଙ୍କ ପୁଅର ଜୀବନ ।

Digitized by srujanika@gmail.com

ଶେଷରେ ସେ ଆଲୁଅ ଦିଗକୁ ପଛକରି ଠିଆହେଲେ । ତାଙ୍କର ମୁହଁ କିପରି ବିରସ ହୋଇଯାଇଥିଲା କ୍ୟାପ୍‌ଟେନ ବ୍ଲଡ୍ ଦେଖିପାରିବେନାହିଁ । ''ମୁଁ ରାଜି ଅଛି ।''– ଡନ୍‌ଡିଗୋ ଉତ୍ତରଦେଲେ ।

[୧୦]

ଜାହାଜ ହଲାଣ୍ଡର ଉପନିବେଶ ନିକଟରେ ପହଞ୍ଚିଲା । ସ୍ପେନୀୟମାନଙ୍କୁ ଏକ ନୌକାରେ ଛାଡ଼ିଦିଆଗଲା । ସେମାନେ ଇଂରେଜ ଦସ୍ୟୁମାନଙ୍କୁ ଅଭିଶାପ ଦେଇ ଦେଇ ପ୍ରତିଶୋଧ ନେବାର ପଣକରି ଚାଲିଗଲେ । ଏ ଭିତରେ ଜେରେମିଆ ପିଟ୍ ସଂପୂର୍ଣ୍ଣ ଆରୋଗ୍ୟ ହୋଇଯାଇଥିଲା ଏବଂ ଜାହାଜ ଚଳାଇ ବାର ଦାୟିତ୍ୱ ନେବାକୁ ସମର୍ଥ ହୋଇଥିଲା । ତେଣୁ ଟର୍‌ଟୁଗା ଦ୍ୱୀପକୁ ଯିବାପାଇଁ କ୍ୟାପ୍‌ଟେନ ବ୍ଲଡ୍ ସ୍ଥିରକଲେ । ଏହି ଦ୍ୱୀପ ଜଳଦସ୍ୟୁମାନଙ୍କପାଇଁ ବହୁଦିନ ଧରି ପୂର୍ଣ୍ଣ ନିରାପଦ ଥିଲା । ଏଠାରେ ସେମାନେ ଫ୍ରାନ୍‌ସର ଅର୍ଦ୍ଧ-ସରକାରୀ ସାହାଯ୍ୟ ପାଉଥିଲେ । ତେଣୁ ଟର୍‌ଟୁଗାକୁ ସେମାନେ ସେମାନଙ୍କର ପ୍ରଧାନ ବନ୍ଦର କରିଥିଲେ । ଏଇଠି ଗୁପ୍ତରେ ରହି ସେମାନେ ଦସ୍ୟୁବୃତ୍ତି କରୁଥିଲେ ।

ଫ୍ରାନ୍‌ସ ବା ହଲାଣ୍ଡକୁ ଚାଲିଯିବାପାଇଁ ଡାକ୍ତର ବ୍ଲଡ୍ ପ୍ରଥମେ ଇଚ୍ଛା କରିଥିଲେ । କିନ୍ତୁ ସେଠାକୁ ଯାଉଥିବା ଜାହାଜକୁ ଦୀର୍ଘଦିନ ଅପେକ୍ଷା କରି ତାଙ୍କର ସମସ୍ତ ଅର୍ଥ ଖର୍ଚ୍ଚ ହୋଇଗଲା । ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜ ଛାଡ଼ିଯିବା ସମ୍ଭବନୁହେଁ ବୋଲି ସେ ସନ୍ଦେହ କରିବାକୁ ଆରମ୍ଭ କଲେ । ଆରାବେଲା ବିଶପ୍ ସବୁବେଳେ ତାଙ୍କର ମନେପଡ଼ନ୍ତି । ସେ ପ୍ରାଣଭରି ତାଙ୍କୁ ଭଲପାଉଥିଲେ । ସେ ବୁଝିଥିଲେ ଯେ ଆରାବେଲା ଚିରକାଳପାଇଁ ତାଙ୍କଠାରୁ ବହୁତ ଦୂରରେ, ତଥାପି ତାଙ୍କୁ ଆଉ ଦେଖିପାରିବେନାହିଁ ବୋଲି ଚିନ୍ତା କଲାବେଳକୁ ସେ ବିବ୍ରତ ହୋଇ ପଡୁଥିଲେ । ତା'ଛଡ଼ା ଇଉରୋପରେ ପହଞ୍ଚିବା ପରେ ସେ କ'ଣ କରିବେ କିଛି ସ୍ଥିର କରିପାରୁନଥିଲେ । ସେ ନିଜ ଦେଶରୁ ନିର୍ବାସିତ ଜଣେ ପଳାତକ କ୍ରୀତଦାସ ଏବଂ ଅନ୍ୟ ଦେଶରେ ସେ ଜଣେ ଲକ୍ଷ୍ୟହୀନ ଯାଯାବର । କେବଳ ମାତ୍ର ସମୁଦ୍ର– ଯାହା ସମସ୍ତଙ୍କପାଇଁ ମୁକ୍ତ । ସାରା ପୃଥିବୀ ଯାହାର ବିରୁଦ୍ଧରେ, ସେମାନଙ୍କପାଇଁ ଏଇ ସମୁଦ୍ର ହେଲା ଏକମାତ୍ର ଆଶ୍ରୟ ସ୍ଥାନ ।

ଶେଷରେ ଟର୍‌ଟୁଗାରେ ରହି ଜଳଦସ୍ୟୁମାନଙ୍କ ସହ ଯୋଗଦେବାପାଇଁ କ୍ୟାପ୍‌ଟେନ ବ୍ଲଡ୍ ସ୍ଥିର କଲେ । ଏଥିରେ ବିସ୍ମିତ ହେବାର ବା ତାଙ୍କୁ ଦୋଷ ଦେବାର କାରଣ କିଛିନାହିଁ ।

ଏ ସିଦ୍ଧାନ୍ତ କରି କ୍ୟାପ୍‌ଟେନ ବ୍ଲଡ୍ କାମରେ ଲାଗିଗଲେ । ସେତେବେଳେ

Digitized by srujanika@gmail.com

ଫରାସୀ ସରକାରଙ୍କ ତରଫରୁ ଡିଓଗେରନ୍ ସେ ଦ୍ୱୀପର ଗଭର୍ଣ୍ଣର ଥିଲେ । ନିଜ ଜାହାଜର ଆବଶ୍ୟକୀୟ ପଦାର୍ଥ କିଣିବା ·ଇଁ ବ୍ଲଡ୍ ତାଙ୍କଠାରୁ କିଛି ଅର୍ଥ ଧାର ଆଣିଲେ । ସେ ଏଇ ଜାହାଜର ନାଁ ଦେଲେ 'ଆରାବେଲା' । ତାଙ୍କ ସହିତ ଆଗରୁ କୋଡ଼ିଏ ଜଣ ଥିଲେ । ଟର୍‌ଟୁଗାରୁ ଆଉ ଷାଠିଏ ଜଣ କାର୍ଯ୍ୟକ୍ଷମ ଲୋକ ବାଛି ସେ ନିଜ ଦଳରେ ମିଶାଇଲେ । ସେମାନଙ୍କପାଇଁ ସେ କଠୋର ନିୟମାବଳୀ କରିଦେଲେ । ଯେଉଁମାନେ ପ୍ରତ୍ୟେକ ବିଷୟରେ ତାଙ୍କୁ ମାନିବାକୁ ରାଜିହେଲେ ସେମାନଙ୍କୁ ଦଳରେ ଗ୍ରହଣ କରାଗଲା ।

ଡିସେମ୍ବର ଶେଷଆଡ଼କୁ ସେ ନିଜର ସୁସଜ୍ଜିତ ଜାହାଜରେ ସମୁଦ୍ର ମଧ୍ୟକୁ ଯାତ୍ରା ଆରମ୍ଭ କଲେ । ଦୀର୍ଘ ଅଭିଯାନ ପରେ ମେ ମାସରେ ସେ ପ୍ରତ୍ୟାବର୍ତ୍ତନ କଲେ । ସେତେବେଳକୁ କାରିବିୟାନ୍ ସାଗରରେ କ୍ୟାପ୍‌ଟେନ୍ ବ୍ଲଡ୍‌ଙ୍କ ନାମ ଖ୍ୟାତ ହୋଇଗଲା । ସ୍ପେନ୍‌ର ଏକ ବିଶାଳ ଯୁଦ୍ଧଜାହାଜ ଉପରେ ଆକ୍ରମଣ କରି କ୍ୟାପ୍‌ଟେନ୍ ବ୍ଲଡ୍ ତାକୁ ପରାଜିତ କଲେ । ସ୍ପେନର ଏକ ମୁକ୍ତାବାହୀ ଜାହାଜ ଆକ୍ରମଣ କରି ସେ ପ୍ରଚୁର ମୁକ୍ତା ଲାଭ କରିଥିଲେ । ଏହା ବ୍ୟତୀତ ଅନ୍ୟାନ୍ୟ କେତେଗୁଡ଼ିଏ ଛୋଟଛୋଟ ଅଭିଯାନରେ 'ଆରାବେଲା' ସଫଳତା ଅର୍ଜନ କରିଥିଲା ।

ସେତେବେଳକୁ ଡନ୍ ମିଗୁଏଲଡ଼ି ଏସ୍‌ପିନେସା ପଶ୍ଚିମ-ଭାରତୀୟ ଦ୍ୱୀପପୁଞ୍ଜରେ ସ୍ପେନର ନୌ-ସେନାପତି ଥାନ୍ତି । ସେ ଡନ୍‌ଡିଗୋଙ୍କ ଭାଇ । ଡନ୍‌ଡିଗୋ କ୍ୟୁରାକାଓରେ ପହଞ୍ଚିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଗଲା । ଏଥିପାଇଁ ମିଗୁଏଲ ଏବଂ ତାଙ୍କ ଭ୍ରାତୁଷ୍ପୁତ୍ର ଏଷ୍ଟେବାନ୍ ବ୍ଲଡ୍‌ଙ୍କୁ ଦୋଷୀ ବୋଲି ଭାବିଲେ । ତେଣୁ ପ୍ରତିଶୋଧ ନେବାପାଇଁ ସେମାନେ କୌଣସି ପ୍ରକାରେ ବ୍ଲଡ୍‌ଙ୍କୁ ଧରିବା ପାଇଁ ସଂକଳ୍ପ କରିଥିଲେ ।

ଦିନେ ସମୁଦ୍ର କୂଳରେ ଏକ ହୋଟେଲରେ ବସି କ୍ୟାପ୍‌ଟେନ୍ ବ୍ଲଡ୍ କଥାବାର୍ତ୍ତା କରୁଥିଲେ । ଏ ସମୟରେ ଗାଢ଼ ନୀଳରଙ୍ଗର କୋଟ ପିନ୍ଧି ଜଣେ ଯୁବକ ସେଠାରେ ପହଞ୍ଚିଲା । କୋଟଉପରେ ସୁନାର ଫିତା । ଅଣ୍ଟା ଚାରିପାଖରେ ଲାଲ ରଙ୍ଗର ପଟି ।

ଫରାସୀ ଭାଷାରେ ଯୁବକଟି ପ୍ରଶ୍ନ କଲା, ''ଆପଣ କ୍ୟାପ୍‌ଟେନ୍ ବ୍ଲଡ୍ ?'' ଉତ୍ତର ଦେବା ପୂର୍ବରୁ କ୍ୟାପ୍‌ଟେନ ବ୍ଲଡ୍ ପ୍ରଶ୍ନକର୍ତ୍ତା ମୁହଁକୁ ଥରେ ଭଲକରି ଚାହିଁଲେ । ଲୋକଟା ବେଶ୍ ଉଚ୍ଚ, ସୁନ୍ଦର ଆଉ ସ୍ୱାସ୍ଥ୍ୟବାନ୍ । ମୁହଁଟା ରୁଦ୍ରସୁନ୍ଦର । ତା'ର ଅପରିଷ୍କାର ହାତରେ ହୀରାର ଗୋଟାଏ ମୁଦି । କାନର ସୁନା ବଳା ଲମ୍ବା କେଶରେ ଅଧା ଲୁଚିଯାଇଥାଏ । ମୁହଁରୁ ପାଇପ୍ ବାହାରକରି ବ୍ଲଡ୍ ଉତ୍ତରଦେଲେ, 'ହଁ ମୁଁ କ୍ୟାପ୍‌ଟେନ ବ୍ଲଡ୍ ।'

ଲୋକଟା ଟେବଲ୍ ନିକଟରେ ବସିପଡ଼ି କହିଲା, ''ମୋ ନାଁ ଲେଭାସିଓର । ଆପଣମାନେ ବୋଧହୁଏ ମୋ ନାମ ଶୁଣିଥିବେ ।''

Digitized by srujanika@gmail.com

ସେମାନେ ପ୍ରକୃତରେ ଲୋକଟାର ନାମ ଶୁଣିଥିଲେ । କୋଡ଼ିଏ କମାଣଯୁକ୍ତ ଏକ ଜଳଦସ୍ୟୁ ଜାହାଜର ସେ ଥିଲା ଅଧ୍ୟକ୍ଷ । ଏକ ସପ୍ତାହ ପୂର୍ବେ ସେ ଆସି ଉପସାଗରରେ ପହଞ୍ଚିଥାଏ । ତା'ର ସାଥିରେ ଥାନ୍ତି ଉତ୍ତର ହିସପାନିଓଲାର ବଣ୍ୟ ଗୋରୁ-ଶିକାରୀ ଏକ ଦଳ । ଏ ଲୋକମାନେ ସ୍ପେନୀୟମାନଙ୍କୁ ଖୁବ୍ ଘୃଣା କରୁଥିଲେ । ଲେଭାସିଓର ଅତି କଳହପ୍ରିୟ ଏବଂ ମଦ୍ୟପ ଥିଲେ । ଜଳଦସ୍ୟୁ ହିସାବରେ ତାଙ୍କର ବେଶ୍ ନାମ ଥିଲା । ତାଙ୍କର ଆଉ ଗୋଟାଏ ଖ୍ୟାତି ଥିଲା । ନାରୀମାନେ ତାଙ୍କର ଗର୍ବଭରା ବ୍ୟକ୍ତିତ୍ୱ ଆଡ଼କୁ ସହଜରେ ଆକୃଷ୍ଟ ହୋଇଯାଉଥିଲେ ଏବଂ ନାରୀଜୟରେ ସେ ଖୁବ୍ ଗର୍ବ ଅନୁଭବ କରୁଥିଲେ । ଲୋକେ କହୁଥିଲେ ଯେ ଗଭର୍ଣ୍ଣରଙ୍କ କନ୍ୟା କୁମାରୀ ଡି ଓଗେରନ ମଧ୍ୟ ତାଙ୍କର ପ୍ରେମାସକ୍ତ ଥିଲେ । ଲେଭାସିଓର ତାଙ୍କୁ ବିବାହ କରିବାକୁ ପ୍ରସ୍ତାବ ଦେଇଥିଲେ, ମାତ୍ର ଗଭର୍ଣ୍ଣର ଓଗେରନ ଏ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଲେଭାସିଓରଙ୍କୁ ତାଙ୍କ ଘରୁ ବାହାର କରି ଦେଇଥିଲେ । କ୍ରୋଧଜର୍ଜରିତ ଲେଭାସିଓର ଫେରିଲାବେଳେ ପଣ କରିଥିଲେ ଯେ ସେ କୁମାରୀ ଓଗେରନ୍‌ଙ୍କୁ ନିଶ୍ଚୟ ବିବାହ କରିବେ ଓ ସେତେବେଳେ ଗଭର୍ଣ୍ଣର ନିଶ୍ଚୟ ତାଙ୍କ ଭୁଲପାଇଁ ଗଭୀର ଅନୁତାପ କରିବେ ।

ସେହି ବ୍ୟକ୍ତି ଅତର୍କିତ ଭାବରେ ଆସି କ୍ୟାପ୍‌ଟେନ୍ ବ୍ଲଡ୍‌ଙ୍କୁ ତାଙ୍କର ତରବାରି, ଜାହାଜ ଏବଂ ନାବିକ ସାହାଯ୍ୟ ଦେବାପାଇଁ ପ୍ରସ୍ତାବ ଦେଲେ । ବ୍ଲଡ୍ ବୁଝିଥିଲେ ଯେ ଲେଭାସିଓରଙ୍କ ସାହାଯ୍ୟ ତାଙ୍କର ଯଥେଷ୍ଟ କାମରେ ଆସିବ । କିନ୍ତୁ ସେ ଲୋକଟାକୁ ଘୃଣା କରୁଥିଲେ । ତେଣୁ ହଠାତ୍ ସେ ପ୍ରସ୍ତାବରେ ରାଜି ହେଲେନାହିଁ । ଏ ବିଷୟରେ ବିଚାର କରିବେ ବୋଲି କଥା ଦେଲେ । ହାଗ୍‌ଥ୍ରପ୍ ଓ ୱୋଲଭରଷ୍ଟୋନଙ୍କର ଏହି ଫରାସୀ ଲୋକ ପ୍ରତି କୌଣସି ବିଦ୍ୱେଷ ନଥିଲା । ସେମାନଙ୍କ ପ୍ରରୋଚନାରେ ବ୍ଲଡ୍ ଏ ପ୍ରସ୍ତାବରେ ରାଜି ହେଲେ । ଏକ ସପ୍ତାହ ପରେ ଲେଭାସିଓର ଏବଂ ବ୍ଲଡ୍‌ଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହେଲା । ଅନ୍ୟାନ୍ୟ ବିଷୟ ସହ ଚୁକ୍ତିରେ ଲେଖାଗଲା ଯେ ଦୁଇ ଜାହାଜଦ୍ୱାରା ଲୁଣ୍ଠିତ ଧନ ସମାନଭାବରେ ଭାଗ ହେବ । ଏହାର ଏକ ନିର୍ଦ୍ଦିଷ୍ଟ ଅଂଶ ଜାହାଜର କର୍ମଚାରୀମାନଙ୍କ ମଧ୍ୟରେ ବାଣ୍ଟି ଦିଆଯିବ । କେହି ଅପହୃତ ଧନ ଚୋରିକରିବା କିମ୍ବା ଲୁଚାଇବାର ପ୍ରମାଣିତ ହେଲେ ତାକୁ ଫାଶୀ ଦିଆଯିବ ।

ସବୁ ଠିକ୍ ହେବା ପରେ ସେମାନେ ସମୁଦ୍ର ଯାତ୍ରା ଆରମ୍ଭ କଲେ । ଯିବା ପୂର୍ବରୁ ଲେଭାସିଓର କୁମାରୀ ଓଗେରନ୍‌ଙ୍କ ନିକଟକୁ ବିଦାୟ ନେଇ ଆସିବା ପାଇଁ ଗଭର୍ଣ୍ଣରଙ୍କ ପ୍ରାସାଦର ପାଚେରି ଡେଇଁବାବେଳେ ରକ୍ଷୀ ବନ୍ଧୁକ ଚଳାଇଲା । ଲେଭାସିଓର ଅଳ୍ପକେ ରକ୍ଷାପାଇଗଲେ । ଦୁଇଥର ଆକ୍ରାନ୍ତ ହେବା ପରେ ସେ ସେଠାରୁ ଚାଲିଆସିଲେ ଏବଂ ସମୁଦ୍ର ଯାତ୍ରାରୁ ଫେରିଲା ପରେ କୁମାରୀ ଓଗେରନ୍‌ଙ୍କୁ

Digitized by srujanika@gmail.com

ନେଇଯିବାପାଇଁ ପଣ କଲେ ।

ରାତିରେ ସେ ତାଙ୍କ ଜାହାଜ 'ଲାଇଟ୍‌ନିଙ୍ଗ୍' (ବିଜୁଳି)ରେ ଶୋଇଥାନ୍ତି । ଆଉ କେତେକ ବିଷୟ ନିଷ୍ପତ୍ତି କରିବାପାଇଁ ବ୍ଲଡ୍ ତାଙ୍କ ନିକଟକୁ ଆସିଲେ । କଥାବାର୍ତ୍ତା ଶେଷକରି ସେ ନିଜ ଜାହାଜକୁ ଫେରିଗଲେ । ଲୋକଚରିତ୍ର ବିଶ୍ଳେଷଣରେ ସେ ଦକ୍ଷ ଥିଲେ । ଲେଭାସିଓର ଉପରେ ତାଙ୍କର ସନ୍ଦେହ ହେଲା ଏବଂ କ୍ରମେ କ୍ରମେ ତାହା ଅଧିକ ହେଲା । ମନଟା ତାଙ୍କର ଅଶାନ୍ତ ହୋଇଉଠିଲା । 'ଆରାବେଲା'ରେ ପହଞ୍ଚି ସେ ଉଭରଷ୍ଟୋନ ଆଗରେ ନିଜର ସନ୍ଦେହ କଥା କହିଲେ । ଧୀରଭାବରେ ସେ କହିଲେ, ''ସେ ଲୋକଟା ସହିତ ଯୋଗ ଦେବାପାଇଁ ମୋ ଇଚ୍ଛା ବିରୁଦ୍ଧରେ ତୁମେ ମୋତେ ବାଧ କଲ– ଏହାର ଫଳ କିଛି ଭଲହେବନାହିଁ ।''

ରାକ୍ଷସ-ବପୁ ଉଭରଷ୍ଟୋନ ତା'ର ରକ୍ତଚକ୍ଷୁ ବୁଲାଇ କହିଲା, ''ଯଦି ସେ ବିଶ୍ୱାସଘାତକତା କରେ ତେବେ ସେଇ କୁକୁରଟାର ବେକ ମୋଡ଼ି ଛିଣ୍ଡାଇ ଦେବା ।''

''ଆମେ ବଞ୍ଚିରହିଲେ ତା କରିବା । ଆଚ୍ଛା, କାଲି ସକାଳୁ ଆମେ ଯାତ୍ରା ଆରମ୍ଭ କରିବା ।''– କ୍ୟାପ୍‌ଟେନ୍ ବ୍ଲଡ୍ ତାଙ୍କ କୋଠରିକୁ ଫେରିଗଲେ ।

[୧୧]

ପରଦିନ ସମୁଦ୍ରଯାତ୍ରାର ଏକ ଘଣ୍ଟା ପୂର୍ବରୁ ସକାଳ ଦଶଟା ବେଳେ ଏକ ଛୋଟ ନୌକା ଆସି ଲାଇଟ୍‌ନିଙ୍ଗ ଜାହାଜ ନିକଟରେ ପହଞ୍ଚିଲା । ଜଣେ ଲୋହିତ ଭାରତୀୟ ଶିଡ଼ିଦେଇ ଜାହାଜ ଉପରକୁ ଉଠିଲା । ସେ ଭାଙ୍ଗକରାଯାଇଥିବା ଖଣ୍ଡେ କାଗଜ ଲେଭାସିଓରଙ୍କୁ ବଢ଼ାଇଦେଲା । କ୍ୟାପ୍‌ଟେନ୍ ଲେଭାସିଓର କାଗଜଖଣ୍ଡ ଖୋଲି ଦେଖିଲେ ଯେ ଗଭର୍ଣ୍ଣରଙ୍କ କନ୍ୟା ତରତର ହୋଇ ଖଣ୍ଡେ ଚିଠି ଲେଖିଛନ୍ତି । ଲେଖାଥିଲା –

''ପ୍ରିୟତମ,. ମୁଁ ବର୍ତ୍ତମାନ ହଲାଣ୍ଡର ଜାହାଜ ଫଙ୍ଗ୍‌ଭାଓରେ । ଖୁବ୍ ଶୀଘ୍ର ଏହା ଇଉରୋପ ଅଭିମୁଖେ ଯିବ । ନିଷ୍ଠୁର ବାପା ମୋତେ ଭାଇଙ୍କ ସଙ୍ଗେ ଇଉରୋପ ପଠାଇ ଦେଉଛନ୍ତି । ଆମକୁ ଚିରଦିନଲାଗି ଅଲଗା କରିଦେବାପାଇଁ ସେ ଦୃଢ଼ପ୍ରତିଜ୍ଞ । ମୋତେ ଏଠାରୁ ଉଦ୍ଧାର କରିବାକୁ ମୁଁ ତୁମକୁ ଅନୁରୋଧ କରୁଛି– ତମର ଦୁଃଖିନୀ ଓଗେରନ୍ ।''

ଲେଭାସିଓରଙ୍କ ହିଂସ୍ର ଆଖି ହଲାଣ୍ଡ ଜାହାଜ ଉଦ୍ଦେଶ୍ୟରେ ସମୁଦ୍ର ଉପରେ ବୁଲିଆସିଲା; କିନ୍ତୁ ଜାହାଜ ଦେଖାଗଲାନାହିଁ । ସେ ଗର୍ଜନ କରି କିଛି ପ୍ରଶ୍ନ କଲେ ଏବଂ ଲୋହିତ ଭାରତୀୟଟି ସମୁଦ୍ରବକ୍ଷକୁ ହାତ ଠାରିଲା । ବହୁ ଦୂରରେ ଗୋଟାଏ ପାଲ ଦେଖାଗଲା ।

Digitized by srujanika@gmail.com

''ସେଇ ଦୂରରେ ସେ ଜାହାଜ ।''– ଲୋହିତ ଭାରତୀୟ କହିଲା ।

– ସେଇଠି ! କ୍ରୋଧରେ ଲେଭାସିଓର ଜଳିଉଠିଲେ । ତାଙ୍କର ପଶୁପ୍ରବୃତ୍ତି ଜାଗ୍ରତ ହୋଇଉଠିଲା । ବାର୍ତ୍ତାବହ ଆଡ଼କୁ ବୁଲିପଡ଼ି ସେ ଗର୍ଜି ଉଠିଲେ, ''ଆଉ ତୁ ଏତେବେଳଯାଏଁ କେଉଁଠି ଥିଲୁ ? ପୂର୍ବରୁ ଆସିଲୁନାହିଁ କାହିଁକି ?'' ଲୋକଟାର ଗଳା ଧରି ଲେଭାସିଓର ତାକୁ ଜାହାଜର ଉପରୁ ଫିଙ୍ଗିଦେଲେ । ପଥର ଖଣ୍ଡେ ପରି ବିଚରା ସମୁଦ୍ର ଗର୍ଭରେ ପଡ଼ି ବୁଡ଼ିଗଲା ।

''ଏ କ'ଣ କ୍ୟାପ୍ଟେନ୍, କଥା କ'ଣ ?'' ଉପାଧ୍ୟକ୍ଷ କାହୁଜାକ୍ ତାଙ୍କ କାନ୍ଧରେ ହାତ ପକାଇ ପ୍ରଶ୍ନକଲେ । ଲେଭାସିଓର କ୍ରୋଧରେ ଗର୍ଜନକରି ସମସ୍ତ କଥା କହିଗଲେ । ସବୁ ଶୁଣିସାରି କାହୁଜାକ୍ କହିଲେ, ''ଅସମ୍ଭବ ! ଆମେ ହଲାଣ୍ଡ ଜାହାଜକୁ ଆକ୍ରମଣ କରିପାରିବାନାହିଁ ।''

– କାହିଁକି ? କିଏ ଆମକୁ ବାଧା ଦେବ ?

''ପ୍ରଥମେ ଆମର କର୍ମଚାରୀମାନେ ଏଥିରେ ରାଜି ହେବେନାହିଁ । ଦ୍ୱିତୀୟରେ କ୍ୟାପ୍ଟେନ୍ ବ୍ଲଡ୍ ଅଛନ୍ତି ।''

– ମୁଁ କ୍ୟାପ୍ଟେନ୍ ବ୍ଲଡ୍‌କୁ ଖାତିର କରେନା ।

''କିନ୍ତୁ ଆପଣଙ୍କର କରିବା ଉଚିତ । ସେ ଖୁବ୍ ଶକ୍ତିଶାଳୀ । ମୁଁ ଜାଣେ ଆମେ ହଲାଣ୍ଡ ଜାହାଜ ଆକ୍ରମଣ କରିବା ପୂର୍ବରୁ ସେ ଆମକୁ ଶେଷ କରିଦେବେ । ଦସ୍ୟୁବୃତ୍ତିପାଇଁ ସେ ତାଙ୍କର ନିଜ ମତ ଉପରେ ନିର୍ଭର କରନ୍ତି । ତା'ଛଡ଼ା ହଲାଣ୍ଡ ଆମର ମିତ୍ରରାଜ୍ୟ ।''

ଲେଭାସିଓର କିଛି ସମୟ ଠିଆହୋଇ ଚିନ୍ତା କଲେ । ଖୁବ୍ ଶୀଘ୍ର ସେ ତାଙ୍କର କାର୍ଯ୍ୟପନ୍ଥା ସ୍ଥିର କରିନେଲେ । ସେ ବୁଝିଲେ ଯେ କାହୁଜାକ୍‌ଙ୍କ କଥା ଯଥାର୍ଥ । ବ୍ଲଡ୍ ତାଙ୍କ ଉପସ୍ଥିତିରେ ହଲାଣ୍ଡ ଜାହାଜ ଆକ୍ରମଣ କରିବାକୁ ଦେବେ ନାହିଁ; ତାଙ୍କ ଅନୁପସ୍ଥିତିରେ କିନ୍ତୁ ଏହା କରାଯାଇପାରେ । ସେତେବେଳକୁ ବ୍ଲଡ୍ ବାଧା ଦେବାପାଇଁ ନଥିବ ।

ଘଣ୍ଟାଏ ମଧ୍ୟରେ 'ଆରାବେଲା' ଆଉ 'ଲାଇଟନିଙ୍ଗ' ସାଥିହୋଇ ସମୁଦ୍ର ମଧ୍ୟକୁ ଯାତ୍ରା କଲେ । ଦିନସାରା ହଲାଣ୍ଡର ଜାହାଜ ଦେଖାଯାଉଥାଏ । କିନ୍ତୁ ସୂର୍ଯ୍ୟାସ୍ତ ସମୟକୁ ତାହା ଉତ୍ତର ଦିଗ୍‌ବଳୟରେ ଗୋଟାଏ ବିନ୍ଦୁପରି ଦେଖାଗଲା । ହିସ୍ପାନିଓଲାର କୂଳେ କୂଳେ ପୂର୍ବକୁ ଯାତ୍ରା କରି ସାଲଟାଟ୍ୟୁଡ୍‌ସ ଦ୍ୱୀପକୁ ଯିବାପାଇଁ ବ୍ଲଡ୍ ଆଉ ଲେଭାସିଓର ସ୍ଥିର କରିଥିଲେ । ରାତିସାରା ଆରାବେଲା ସେହି ଦିଗରେ ଗତିକଲା । ସକାଳକୁ ଦେଖାଗଲା ସେ ଏକା, ରାତ୍ରିର ଅନ୍ଧକାରରେ ଲାଇଟ୍‌ନିଙ୍ଗ ଦିଗ ପରିବର୍ତ୍ତନ କରି କ୍ଷିପ୍ରଗତିରେ ଉତ୍ତର ଦିଗକୁ ଗତିକରିଛି ।

Digitized by srujanika@gmail.com

କାହୁଜାକ୍ ପୁଣି ଥରେ ପ୍ରତିବାଦ କଲେ । ରାଗରେ ଲେଭାସିଓର କହିଲେ, ''ତୁମେ ଚୁପ୍ କର । ଜାହାଜହିଁ ଜାହାଜ— ସେ ହଲାଣ୍ଡର ହେଉ ବା ସ୍ପେନ୍‌ର ହେଉ ଆମେ ତାକୁ ଅଧିକାର କରିବା ଉଚିତ ।'' କାହୁଜାକ୍ ଆଉ କିଛି କହିଲେନାହିଁ; କିନ୍ତୁ ଲେଭାସିଓରଙ୍କ ଲକ୍ଷ୍ୟ ଜାହାଜନୁହେଁ; ଜଣେ ନାରୀ ବୋଲି ବୁଝି ସେ ଦୁଃଖରେ ମୁଣ୍ଡ ହଲାଇ ଚାଲିଗଲେ ।

ସକାଳ ହେଲା ବେଳକୁ ଲାଇଟ୍‌ନିଙ୍ଗ୍ ହଲାଣ୍ଡ ଜାହାଜର ଖୁବ୍ ନିକଟରେ ପହଞ୍ଚିଯାଇଥିଲା । ତାକୁ ଦେଖି ହଲାଣ୍ଡ ଜାହାଜର କର୍ମଚାରୀମାନଙ୍କ ମନରେ ସନ୍ଦେହ ଜାତ ହେଲା । ଓଗେରନ୍‌ଙ୍କ ଭାଇ ଲେଭାସିଓରଙ୍କ ଜାହାଜକୁ ଚିହ୍ନିପାରିଲେ ଏବଂ ତାଙ୍କ ଜାହାଜର କ୍ୟାପ୍‌ଟେନ୍‌ଙ୍କୁ ସତର୍କ କରିଦେଲେ । ଶୀଘ୍ର ପଳାଇଯିବାପାଇଁ ଜାହାଜର ସମସ୍ତ ପାଲ ଟାଣି ଦିଆଗଲା । କିନ୍ତୁ ଲାଇଟ୍‌ନିଙ୍ଗ୍‌ର ବେଗ ତା ଅପେକ୍ଷା ଯଥେଷ୍ଟ ଅଧିକ ଥିଲା । ହଲାଣ୍ଡ ଜାହାଜର ନିକଟରେ ପହଞ୍ଚି ଲେଭାସିଓର ତା ଉପରକୁ ଏକ ଗୋଳା ନିକ୍ଷେପ କରି ତାକୁ ସାବଧାନ କରାଇଦେଲେ । ଏହାର ଉତ୍ତରରେ ଅନ୍ୟ ଜାହାଜର ସମସ୍ତ କମାଣ ଏକାବେଳକେ ଗର୍ଜିଉଠିଲା । କିଛି ସମୟ ପାଇଁ ଯୁଦ୍ଧ ଚାଲିଲା; କିନ୍ତୁ ପାଞ୍ଚମିନିଟ୍ ପରେ ଲାଇଟ୍‌ନିଙ୍ଗ ହଲାଣ୍ଡ ଜାହାଜକୁ ପରାଜିତ କଲା । ଲେଭାସିଓରଙ୍କ ଜଳଦସ୍ୟୁମାନେ ଜାହାଜ ଉପରକୁ ଉଠିଗଲେ ।

ଆରକ୍ତ ମୁହଁରେ ହଲାଣ୍ଡ କ୍ୟାପ୍‌ଟେନ୍ ଆଗକୁ ଚାଲିଆସିଲେ । ତାଙ୍କ ସାଥିରେ ବିରସ ମୁହଁରେ ଆଉ ଜଣେ ଯୁବକ ଥିଲେ । ଲେଭାସିଓର ଚିହ୍ନିଲେ ସେ ଗଭର୍ଣ୍ଣରଙ୍କ ପୁଅ । ହଲାଣ୍ଡର କ୍ୟାପ୍‌ଟେନ୍ କ୍ରୁଦ୍ଧ ହୋଇ କହିଲେ, ''କ୍ୟାପ୍‌ଟେନ୍ ଲେଭାସିଓରେ, ଏହା ଏକ ଗୁରୁତର ଅପରାଧ । ଏହାର ଫଳ ଆପଣଙ୍କୁ ଭୋଗ କରିବାକୁ ପଡ଼ିବ । ମୋ ଜାହାଜରେ ଆପଣଙ୍କର କ'ଣ ଦରକାର ?''

''ପ୍ରଥମେ ମୁଁ କେବଳ ମୋ ଜିନିଷ ନେବାପାଇଁ ଇଚ୍ଛା କରିଥିଲି । କିନ୍ତୁ ଆପଣ ଆମ ଉପରେ ଗୋଳା ବର୍ଷଣ କଲେ; ତେଣୁ ଏହା ଯୁଦ୍ଧ । ଯୁଦ୍ଧରେ ଜୟଲାଭ କରିଥିବାରୁ ଆପଣଙ୍କ ଜାହାଜ ବର୍ତ୍ତମାନ ମୋର ।''

ଜାହାଜର ଉପରଭାଗରୁ କୁମାରୀ ଓଗେରନ୍ ତାଙ୍କର ପ୍ରିୟତମଙ୍କୁ ଦେଖୁଥିଲେ । ଲେଭାସିଓର ତାଙ୍କୁ ଦେଖି ଆନନ୍ଦରେ ସେ ଆଡ଼କୁ ଦୌଡ଼ି ଗଲେ । ହଲାଣ୍ଡର କ୍ୟାପ୍‌ଟେନ୍ ତାଙ୍କୁ ଅଟକାଇବାକୁ ଚେଷ୍ଟା କଲେ; କିନ୍ତୁ ଲେଭାସିଓର ଅପେକ୍ଷା କଲେନାହିଁ । ସେ ତାଙ୍କ କୁଠାରରେ ଆଘାତ କଲେ ଏବଂ ହଲାଣ୍ଡର କ୍ୟାପ୍‌ଟେନ୍ ରକ୍ତାକ୍ତ ହୋଇ ତଳେ ପଡ଼ିଗଲେ । ଲେଭାସିଓର ପ୍ରେମପାଗଳ ହୋଇ ତାଙ୍କୁ ଅତିକ୍ରମ କରି ଚାଲିଗଲେ । କୁମାରୀ ଓଗେରନ୍‌ଙ୍କୁ କୋଳ କରିବାପାଇଁ ସେ ବାହୁ ପ୍ରସାରଣ କଲେ । କିନ୍ତୁ କୁମାରୀ ଓଗେରନ୍ ଭୟରେ ପଛକୁ ଘୁଞ୍ଚିଗଲେ । ତାଙ୍କର ସୁନ୍ଦର

Digitized by srujanika@gmail.com

ମୁହଁରେ ଭୀଷଣ ଆତଙ୍କର ଚିହ୍ନ । ସେ ଲେଭାସିଓରଙ୍କ ଛାତିରେ ହାତ ମାରି ତାଙ୍କୁ ପଛକୁ ପେଲିଦେଇ କହିଲେ, ''ତମେ ତାଙ୍କୁ ହତ୍ୟାକଲ କାହିଁକି ?''

ବୀରଦର୍ପରେ ହସି ହସି ଲେଭାସିଓର ଉତ୍ତରଦେଲେ, ''ସେ ଆମ ଭିତରେ ଅନ୍ତରାୟ ହେଲା । ତା'ର ମୃତ୍ୟୁ ଅନ୍ୟମାନଙ୍କୁ ସାବଧାନ କରାଇଦେବ ।''

ହସି ହସି ସେ କୁମାରୀ ଓଗେରନ୍‌ଙ୍କ ଆଡ଼କୁ ଚାହିଁଲେ; କିନ୍ତୁ ଓଗେରନ୍‌ଙ୍କ ବିରସ ମୁହଁରେ ହସ ନଥିଲା । ସେ ତାଙ୍କ ପ୍ରିୟତମର ପ୍ରକୃତ ରୂପ ପ୍ରଥମ ଥର ପାଇଁ ଦେଖିବାକୁ ପାଇଲେ । ହଠାତ୍ ତାଙ୍କର ମନେହେଲା, ଏ ଲୋକ ବିଷୟରେ ଭାଇ ତାଙ୍କୁ ଯାହା କହିଥିଲେ ତାହା ସଂପୂର୍ଣ୍ଣ ସତ୍ୟ । ସେ କାନ୍ଦି କାନ୍ଦି ନିଜର କୋଠରି ଭିତରକୁ ପଳାଇଯାଇ ଭିତରୁ ଦରଜା ବନ୍ଦ କରିଦେଲେ ।

[୧୨]

ପରଦିନ ପ୍ରତ୍ୟୁଷରେ ସାଲଟା ଟ୍ୟୁଡ଼ସ ଉପକୂଳରେ ଏକ ବାଲି ପାହାଡ଼ ତଳେ ଗୋଟିଏ ବିଚିତ୍ର ଦୃଶ୍ୟ ଅଭିନୀତ ହେଲା । ଗୋଟାଏ ଖାଲି ପିମ୍ପା ଉପରେ ବସି ଫରାସୀ ଦସ୍ୟୁ ଲେଭାସିଓର କେତେକ ଗୁରୁତର କାମରେ ଲାଗିଥିଲେ । କାମଟି ହେଲା ଟରଟୁଗାର ଗଭର୍ଣ୍ଣରଙ୍କ ନିକଟରେ ନିଜକୁ ନିରାପଦ ରଖିବା । କାହୁଜାକ୍ ଏବଂ ଆଉ ପାଞ୍ଚଜଣ ଜଳଦସ୍ୟୁ ତାଙ୍କ ନିକଟରେ ଠିଆହୋଇଥାନ୍ତି । ଯୁବକ ଓଗେରନ୍ ମଧ ସେଠାରେ ଠିଆହୋଇଥାନ୍ତି । ଦୁଇଜଣ ନିଗ୍ରୋ ତାଙ୍କୁ ଜଗିଥାନ୍ତି । ତାଙ୍କ ଦେହରେ କୋଟ ବା ହାତରେ ତରବାରି ନଥିଲା ଓ ତାଙ୍କ ଦୁଇ ହାତ ପଛପାଖେ ବନ୍ଧା ହୋଇଥିଲା । ନିକଟରେ ଗୋଟାଏ ବାଲିକୁଦ ଉପରେ ତାଙ୍କ ଭଉଣୀ ବସିଥିଲେ । ତାଙ୍କ ଚାରି ପାଖରେ ମଧ ଜଗୁଆଳି ଥିଲେ । ଭାଇଭଉଣୀ ଦୁଇଜଣଙ୍କର ମୁହଁ ବିରସ ଏବଂ ଆତଙ୍କିତ ଥିଲା ।

ଲେଭାସିଓର କିଛି ସମୟପାଇଁ ଯୁବକ ଓଗେରନ୍‌ଙ୍କ ସହିତ କଥାବାର୍ତ୍ତା କଲେ । ଶେଷରେ ସେ କହିଲେ, ''ମୁଁ ପରିଷ୍କାର କରି ସବୁ କହିଲି । ପ୍ରଧାନ ପ୍ରଧାନ ବିଷୟଗୁଡ଼ିକ ଆଉ ଥରେ କହିଦିଏ ତାହେଲେ ମୋତେ ଭୁଲ ବୁଝିବେ ନାହିଁ । ଆପଣଙ୍କ ମୁକ୍ତିପାଇଁ କୋଡ଼ିଏ ହଜାର ମୁଦ୍ରା ଦେବାକୁ ପଡ଼ିବ । ଆପଣ ଟରଟୁଗା ଯାଇ ଏହା ସଂଗ୍ରହ କରିବାକୁ ସୁଯୋଗ ଦିଆଯିବ । ମୋ ଜାହାଜ ଆପଣଙ୍କୁ ସେଠାକୁ ନେଇଯିବ ଏବଂ ଆପଣଙ୍କୁ ଏକ ମାସ ସମୟ ଦିଆଯିବ । ସେପର୍ଯ୍ୟନ୍ତ ଆପଣଙ୍କ ଭଉଣୀ ଏଠି ବନ୍ଦୀ ରହିବେ ।''

ଯୁବକ ଓଗେରନ୍ ମୁଣ୍ଡ ଟେକି ନିର୍ଭୀକଭାବରେ କ୍ୟାପ୍‌ଟେନ୍‌ଙ୍କୁ ଚାହିଁ

Digitized by srujanika@gmail.com

ଉତ୍ତରଦେଲେ, ''ମୁଁ ଏ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରୁଛି– ବୁଝିପାରିଲେ ?''

ଅଟ୍ଟହାସ୍ୟ କରି ଲେଭାସିଓର କହିଲେ, ''କେଉଁ ସାହସରେ ? କି ନିର୍ବୋଧତା ! ଏହାର ପରିଣାମ ଆପଣ ବୋଧହୁଏ ଚିନ୍ତା କରିନାହାନ୍ତି । ଆପଣଙ୍କର ଭଉଣୀର ଅନିଷ୍ଟ ଦେଖିବାକୁ ଆପଣ ବୋଧେ ଇଚ୍ଛା କରିବେନାହିଁ ।''

ଯୁବକ ଓଗେରନ୍ ଆଉ ତାଙ୍କ ଭଉଣୀଙ୍କ ମୁହଁରେ ଗଭୀର ବିଷାଦ ଓ ଆତଙ୍କର ଛାୟା ଖେଳିଗଲା ।

ଲେଭାସିଓର ପୁଣି କହିଚାଲିଲେ, ''ମୋର ଆଶା ଆପଣ ନିଜକୁ ଏବଂ ଆପଣଙ୍କ ଭଉଣୀକୁ ରକ୍ଷା କରିବେ । ମୁଁ ଯେଉଁ ଅର୍ଥ ଦାବି କରିଛି ତାହା ଆପଣଙ୍କ ଧନଶାଳୀ ପିତାଙ୍କ ପକ୍ଷରେ କିଛି ନୁହେଁ । ସେ ଏହାର ଦୁଇଗୁଣ ଖୁସିରେ ଦେଇପାରିବେ; କିନ୍ତୁ ମୁଁ ଯେତେବେଳେ କୋଡ଼ିଏ ହଜାର ମୁଦ୍ରା କହିଛି ସେଇ କୋଡ଼ିଏ ହଜାର ମୋର ଆବଶ୍ୟକ ।''

''କାହିଁକି ଏ କୋଡ଼ିଏ ହଜାର ମୁଦ୍ରା ଆପଣ ଦାବି କରୁଛନ୍ତି ?'' – ବାଲିଗଦା ଉପରୁ ଏକ ଧୀର ସ୍ଥିର କଣ୍ଠରୁ ଏହା ଶୁଣାଗଲା ।

ଏ ପ୍ରଶ୍ନରେ ଚମକିଉଠି ଲେଭାସିଓର ଏବଂ ତାଙ୍କର କର୍ମଚାରୀମାନେ ଚାରି ଦିଗକୁ ଚାହିଁଲେ । ସେମାନେ ପଛପାଖ ବାଲିଗଦା ଉପରେ ଗୋଟିଏ ଉଚ୍ଚ ମୂର୍ତ୍ତିଦେଖିଲେ । ସେ ମୂର୍ତ୍ତି କଳାପୋଷାକ ପିନ୍ଧିଥିଲା । ତା' ଉପରେ ରୂପାର ଫିତା । ମୁଣ୍ଡରେ ଲାଲପରଘେରା ଟୋପି । ସେଇ ଟୋପି ତଳୁ କ୍ୟାପ୍‌ଟେନ୍ ବ୍ଲଡ୍‌ଙ୍କର ହସ ହସ ମୁହଁ ଦେଖାଗଲା । ବିସ୍ମୟରେ ଚିତ୍କାର କରି ଲେଭାସିଓର ଠିଆହୋଇପଡ଼ିଲେ । ଦ୍ୱୀପର ଏ ଅଞ୍ଚଳରେ ସେ କ୍ୟାପ୍‌ଟେନ ବ୍ଲଡ୍‌ଙ୍କୁ ଭେଟିବା ଆଶା କରିନଥିଲେ । ଯେଉଁ ପ୍ରାକୃତିକ ବନ୍ଦରକୁ ସେମାନେ ଫେରିବା କଥା ଥିଲା, ଏ ସ୍ଥାନ ତା'ଠାରୁ ବହୁତ ଦୂରରେ ! କ୍ୟାପ୍‌ଟେନ ବ୍ଲଡ୍ ବାଲିଗଦା ଉପରୁ ଧୀରେ ତଳକୁ ଓହ୍ଲାଇ ଆସିଲେ । ତାଙ୍କ ପଛରେ ଓଭରଷ୍ଟୋନ୍ ଏବଂ ଆଉ ବାରଜଣ । ତଳକୁ ଆସି ସେ ମୁଣ୍ଡର ଟୋପି ଖୋଲି ଭଦ୍ରମହିଳାଙ୍କୁ ଅଭିବାଦନ କଲେ । ତା'ପରେ ଲେଭାସିଓରଙ୍କ ଆଡ଼କୁ ଫେରି କହିଲେ, ''କ୍ୟାପ୍‌ଟେନ୍, ଆପଣ ଯେତେବେଳେ ଆମର ନିର୍ଦ୍ଦିଷ୍ଟ ସ୍ଥାନକୁ ନଫେରିଲେ ମୁଁ ଆପଣଙ୍କୁ ଖୋଜିବାପାଇଁ ସ୍ଥିର କଲି । ଆମେ ଚାଲି ଚାଲି ଦ୍ୱିପଟା ଅତିକ୍ରମ କରିଛୁ । କିନ୍ତୁ ଏମାନେ କିଏ ? –ସେ ଓଗେରନ୍ ଭାଇଭଉଣୀଙ୍କୁ ନିର୍ଦ୍ଦେଶ କଲେ ।

ନିଜର କ୍ରୋଧକୁ କୌଣସି ପ୍ରକାରେ ଚାପିରଖି ଲେଭାସିଓର ଉତ୍ତର ଦେଲେ, 'ଦୁଇଜଣ ବନ୍ଦୀ ।'

– ବୋଧହୁଏ ଝଡ଼-ତୋଫାନରେ ଭାସିଆସି କୂଳରେ ଲାଗିଥିଲେ ?

– ନା, ସେମାନେ ହଲାଣ୍ଡର ଏକ ଜାହାଜରେ ଥିଲେ ।

Digitized by srujanika@gmail.com

– ତାହାହେଲେ ଆପଣ ହଲାଣ୍ଡର ଏକ ଜାହାଜ ଆକ୍ରମଣ କରି ଅଧିକାର କରିଛନ୍ତି ?

– ହଁ, ମୁଁ କରିଛି । ଆଉ ସେଇ ବନ୍ଦୀ ଦୁଇଜଣ ମୋର ବ୍ୟକ୍ତିଗତ ସମସ୍ୟା । ସେମାନେ ଫରାସୀ ।

''ଫରାସୀ ?'' ବିସ୍ମୟ-ବିସ୍ଫାରିତ ନେତ୍ରରେ ବ୍ଲଡ୍ ଲେଭାସିଓର ଏବଂ ବନ୍ଦୀ ଦୁଇଜଣଙ୍କୁ ଚାହିଁଲେ । ଯୁବକ ଓଗେରନ୍ ସେଇପରି ନିଶ୍ଚଳ ହୋଇ ଠିଆହୋଇଥାନ୍ତି । କିନ୍ତୁ ତାଙ୍କ ମୁହଁରୁ ଆତଙ୍କ ଦୂର ହୋଇଯାଇଥାଏ । କ୍ୟାପ୍ଟେନ ବ୍ଲଡ୍‌ଙ୍କ ଅପ୍ରତ୍ୟାଶିତ ଉପସ୍ଥିତି ତାଙ୍କ ମନରେ ଆଶା ସଞ୍ଚାର କଲା । ତାଙ୍କର ଭଉଣୀଙ୍କ ମନରେ ମଧ ଅନୁରୂପ ଭାବ ଜାତ ହେଲା । ଭ୍ରୂକୁଞ୍ଚନ କରି ବ୍ଲଡ୍ କହିଲେ, ''ଦେଖାଯାଉଛି ଆପଣଙ୍କ ନିଜ ଦେଶର ଲୋକେ ମଧ ଆପଣଙ୍କଠାରୁ ନିରାପଦ ନୁହନ୍ତି ।''

ରାଗିଯାଇ ଲେଭାସିଓର କହିଲେ, ''ଏଇଟା ମୋର ବ୍ୟକ୍ତିଗତ ବିଷୟ ବୋଲି ମୁଁ କହିଲି ପରା ।''

– ଆଚ୍ଛା, ସେମାନଙ୍କର ନାମ ?

ଲେଭାସିଓର ନୀରବ ରହିଲେ । କିନ୍ତୁ ତାଙ୍କର ବନ୍ଦୀ ଉତ୍ତର ଦେଲେ– ''ମୁଁ ହେନେରୀ ଡି ଓଗେରନ୍ ଆଉ ଏ ମୋର ଭଉଣୀ ।''

''ଡି ଓଗେରନ୍ ? ଆପଣ ମୋର ପ୍ରିୟ ବନ୍ଧୁ ଟରୁଟୁଗାର ଗଭର୍ଣ୍ଣର୍‌ଙ୍କର କିଛି ନୁହନ୍ତି ତ ?''

– ସେ ମୋର ବାପା ।

କ୍ୟାପ୍ଟେନ ବ୍ଲଡ୍ ବୁଲିପଡ଼ି କହିଲେ, ''ଆପଣ କ'ଣ ପାଗଳହେଲେ ଲେଭାସିଓର ପ୍ରଥମେ ଆପଣ ଆମର ବନ୍ଧୁ ରାଷ୍ଟ୍ର ହଲାଣ୍ଡର ଜାହାଜ ଆକ୍ରମଣ କଲେ; ତା'ପରେ ଆପଣ ଦୁଇ ଜଣ ଫରାସୀଙ୍କୁ ବନ୍ଦୀ କଲେ । ସେମାନେ ପୁଣି ଟରଟୁଗାର ଗଭର୍ଣ୍ଣରଙ୍କ ସନ୍ତାନ । ଏ ଦ୍ୱୀପପୁଞ୍ଜରେ ଟରଟୁଗା ଆମର ଏକମାତ୍ର ଆଶ୍ରୟସ୍ଥଳ ।''

ବିରକ୍ତ ହୋଇ ଲେଭାସିଓର କହିଲେ, ''ପୁଣି ଥରେ କ'ଣ ମୋତେ କହିବାକୁ ହେବ ଯେ ଏଇଟା ମୋର ବ୍ୟକ୍ତିଗତ ବିଷୟ ? ଏଥିପାଇଁ ମୁଁ ବ୍ୟକ୍ତିଗତଭାବେ ଗଭର୍ଣ୍ଣରଙ୍କ ନିକଟରେ ଦାୟୀ ।''

–ଆଉ କୋଡ଼ିଏ ହଜାର ମୁଦ୍ରା– ସେଇଟା ବି କ'ଣ ଆପଣଙ୍କ ବ୍ୟକ୍ତିଗତ ବିଷୟ ?

– ନିଶ୍ଚୟ ।

''ମୁଁ କିନ୍ତୁ ଏଥିରେ ଆପଣଙ୍କ ସହିତ ଏକମତ ନୁହେଁ । ସମୟ ନଷ୍ଟ ନକରି ମୁଁ ଆପଣଙ୍କୁ କହିଦେଉଛି, ଏଇ ଭଦ୍ରବ୍ୟକ୍ତି ଏବଂ ଭଦ୍ରମହିଳାଙ୍କୁ ଆପଣ ଯେଉଁ ପ୍ରସ୍ତାବ ଦେଉଥିଲେ ତାହା ମୁଁ ଶୁଣିଛି । ଆମର ଚୁକ୍ତି ମୁଁ ଆପଣଙ୍କୁ ମନେପକାଇ ଦିଏ ।

Digitized by srujanika@gmail.com

ଆପଣ ସେମାନଙ୍କ ମୁକ୍ତିପାଇଁ କୋଡ଼ିଏ ହଜାର ମୁଦ୍ରା ସ୍ଥିର କରିଛନ୍ତି । ତାହା ଚୁକ୍ତି ଅନୁସାରେ ମୋ କର୍ମଚାରୀ ଏବଂ ଆପଣଙ୍କ କର୍ମଚାରୀଙ୍କ ମଧ୍ୟରେ ସମାନ ଭାଗ ହେବ । ଏହା ଆପଣ ଅସ୍ୱୀକାର କରିପାରିବେନାହିଁ । କିନ୍ତୁ ମୁଁ ଦେଖୁଛି, ଆପଣ ଏ କାଣ୍ଡ ମୋ ନିକଟରେ ଗୋପନ ରଖିବାକୁ ଇଚ୍ଛା କରିଥିଲେ । ଆମର ଚୁକ୍ତି ଅନୁସାରେ ଏ ଅପରାଧର ଶାସ୍ତି ଅତି ଭୀଷଣ ।''

ହୋ-ହୋ ହୋଇ ହସି ଲେଭାସିଓର କହିଲେ, ''ଯଦି ମୋର ବ୍ୟବହାର ଆପଣଙ୍କୁ ଭଲ ନଲାଗିଲା ତେବେ ଆପଣ ଆମର ଚୁକ୍ତି ଶେଷ ହୋଇଗଲା ବୋଲି ଧରିନେଇପାରନ୍ତି ।''

''ତାହାହିଁ ମୁଁ କରିବି– କିନ୍ତୁ ମୋର ଯେତେବେଳେ ଇଚ୍ଛା ହେବ । ଆମେ ଯେଉଁ ସର୍ତ୍ତରେ ଏ ଯାତ୍ରା ଆରମ୍ଭ କରିଥିଲେ ପ୍ରଥମେ ଆପଣଙ୍କୁ ତାହା ରକ୍ଷା କରିବାକୁ ହେବ ।''

– ଏ କଥାର ଅର୍ଥ ?

''ମୁଁ ସଂକ୍ଷେପରେ କହୁଛି । ଏ ଦୁଇଜଣଙ୍କ ମୁକ୍ତିପାଇଁ ଆପଣ କୋଡ଼ିଏ ହଜାର ମୁଦ୍ରା ଦାବି କରିଛନ୍ତି । ଆଉ ଆପଣଙ୍କ ଉଦ୍ଦେଶ୍ୟ ଏ ଭଦ୍ରମହିଳା ଆପଣଙ୍କ ନିକଟରେ ରହିବେ । କିନ୍ତୁ ଆପଣ କାହିଁକି ଏକା ତାଙ୍କର ଅଧିକାରୀ ହେବେ– ଚୁକ୍ତି ଅନୁସାରେ ସେ ଆମ ସମସ୍ତଙ୍କର ସଂପତ୍ତି ।''

ଲେଭାସିଓରଙ୍କ ମୁହଁ କଳାପଡ଼ିଗଲା । ବ୍ଲଡ୍ ପୁଣି କହିଲେ, ''ଆପଣ ଯଦି ତାଙ୍କୁ କିଣିନିଅନ୍ତି ଆମେ ଆପତ୍ତି କରିବୁ ନାହିଁ ।

– କିଣିନେବି ?

– ହଁ, କୋଡ଼ିଏ ହଜାର ମୁଦ୍ରା ଦେଇ ।

''ସେଇଟା ଏଇ ଯୁବକର ମୂଲ୍ୟ ଆଉ ସେ ଅର୍ଥ ଦେବେ ଟରଟୁଗାର ଗଭର୍ଣ୍ଣର ।'' ଲେଭାସିଓର ଗର୍ଜନ କରିଉଠିଲେ ।

''ନା, ନା, ଆପଣ ଦୁଇଜଣଙ୍କ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି ଏବଂ ତାହା କୋଡ଼ିଏ ହଜାର ମୁଦ୍ରା । ତାହା ଦେଇ ଆପଣ ସେମାନଙ୍କୁ ନେଇପାରନ୍ତି; କିନ୍ତୁ ଆପଣଙ୍କୁ ସେ ଅର୍ଥ ବର୍ତ୍ତମାନ ଦେବାକୁ ପଡ଼ିବ । ତାହା ଆମର କର୍ମଚାରୀମାନଙ୍କ ମଧ୍ୟରେ ଭାଗକରିଦିଆଯିବ ।''

ଲେଭାସିଓର ପଶୁପରି ହସିଉଠିଲେ– ''ଭଗବାନ୍ ! ଆପଣ ବେଶ୍ ପରିହାସ କରୁଛନ୍ତି ।''

– ମୁଁ ଆପଣଙ୍କ ସହିତ ସଂପୂର୍ଣ୍ଣ ଏକମତ ।

ଲେଭାସିଓରଙ୍କ ପାଖରେ ଶହେ ଜଣେ ଲୋକ ଥିଲେ । ତାଙ୍କର ମାତ୍ର ବାରଜଣ

Digitized by srujanika@gmail.com

ଲୋକ ସଙ୍ଗେନେଇ ତାଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିବାଟା ହାସ୍ୟାସ୍ପଦ ବୋଲି ଲେଭାସିଓର ମନେକଲେ । କିନ୍ତୁ ସେ ଯେତେବେଳେ ନିଜର କର୍ମଚାରୀମାନଙ୍କ ଆଡ଼କୁ ଚାହିଁଲେ, ହସଟା ତାଙ୍କ କଣ୍ଠରେ ହିଁ ଅଟକିଗଲା । ସେମାନଙ୍କ ମୁହଁରୁ ସେ ବୁଝିଲେ ଯେ ସେମାନେ ବ୍ଲଡ୍‌ଙ୍କ ସହିତ ଏକମତ । ସେ ଟିକିଏ ଶଙ୍କିଗଲେ । କ୍ରୋଧ ସମ୍ବରଣ କରି ସେ କହିଲେ, ''ଆପଣ ମୋତେ ଭୁଲ ବୁଝୁଛନ୍ତି । ଅର୍ଥଟା ଆସିଲା ପରେ ଅବଶ୍ୟ ଭାଗକରାଯିବ ।''

''ମନେକରନ୍ତୁ ମିଷ୍ଟର ଓଗେରନ୍ ଏ ଅର୍ଥ ଦେବାକୁ ରାଜି ନହେଲେ– ତେବେ କ'ଣ ହେବ ?'' ହସି ହସି ବ୍ଲଡ୍ ଉଠି ଠିଆହେଲେ । ''ନା, ନା, ଆପଣ ଯଦି ସେହି ବାଳିକାକୁ ରଖିବାକୁ ଇଚ୍ଛା କରନ୍ତି, ତେବେ ଆପଣଙ୍କୁ ସେ ଅର୍ଥ ବର୍ତ୍ତମାନ ଦେବାକୁ ପଡ଼ିବ ।'' ଲେଭାସିଓରଙ୍କ କର୍ମଚାରୀମାନେ ଏହାକୁ ସମର୍ଥନ କଲେ ।

''କି ମୂର୍ଖତା !'' ଲେଭାସିଓର ଗର୍ଜନ କରିଉଠିଲେ, ''ମୁଁ କୋଡ଼ିଏ ହଜାର ମୁଦ୍ରା ଆଣିବି କେଉଁଠୁ ?''

''ତାହାହେଲେ ଯାହା ପାଖରେ ଅର୍ଥ ଅଛି ସେ ଏ ବନ୍ଦୀମାନଙ୍କୁ କିଣି ନେଉ ।''

''ମୋ ପାଖରେ ଯେତେବେଳେ ଅର୍ଥନାହିଁ ଆଉ କାହା ପାଖରେ ଥିବ ବୋଲି ଆପଣ ଭାବୁଛନ୍ତି ?''

''ମୋ ପାଖରେ ଅଛି ।'' ବ୍ଲଡ୍ ପୁଣି ବସିଯାଇ କୋଟ୍ ପକେଟରୁ ଗୋଟାଏ ଛୋଟ ଚମଡ଼ା ବ୍ୟାଗ୍ ବାହାର କଲେ । ''ସୁଖର କଥା ମୁଁ ଏ ଅସୁବିଧା ଦୂର କରିବାକୁ ସମର୍ଥ ।'' ବ୍ୟାଗ୍ ଖୋଲି ସେ ଚାରି-ପାଞ୍ଚଟି ମୁକ୍ତା ବାହାର କଲେ । ବ୍ୟାଗ୍ ଭିତରେ ସେହିପରି କୋଡ଼ିଏଟି ମୁକ୍ତା ଥିଲା । ପୂର୍ବବର୍ଷ ଜାହାଜ ଆକ୍ରମଣରୁ ଯେଉଁ ମୁକ୍ତା ମିଳିଥିଲା ସେଥିରୁ ସେ ଏହି କୋଡ଼ିଏଟି ଭାଗ ପାଇଥିଲେ । କାହୁଜାକ୍ ମୁକ୍ତାରୁ ଗୋଟିଏ ନେଇ ଖୁବ୍ ଯତ୍ନରେ ପରୀକ୍ଷା କରି କହିଲେ, ''ଏହାର ମୂଲ୍ୟ ଏକହଜାର ମୁଦ୍ରା ହେବ ।''

ବ୍ଲଡ୍ ଉତ୍ତରଦେଲେ, ''ମୁଁ ତାହା ଗ୍ରହଣ କରୁଛି । ଏଇ ନିଅନ୍ତୁ ଦଶଟା ଆପଣଙ୍କ ଲାଇଟ୍‌ନିଙ୍ଗ୍‌ର ଭାଗ । ଅନ୍ୟ ଦଶହଜାର ମୁଦ୍ରା ମୁଁ ମୋ କର୍ମଚାରୀଙ୍କ ମଧ୍ୟରେ ବାଣ୍ଟିଦେବି । ଉଭରଷ୍ଟୋନ୍ ! ତମେ ବର୍ତ୍ତମାନ ମୋର ସଂପତ୍ତି ମୋ ଜାହାଜ 'ଆରାବେଲା' ଉପରକୁ ନେଇଯାଅ ।'' ପୁଣି ଠିଆହୋଇ ସେ ବନ୍ଦୀମାନଙ୍କ ଆଡ଼କୁ ନିର୍ଦ୍ଦେଶ ଦେଲେ ।

ରାଗରେ ଜଳିଉଠି ଲେଭାସିଓର କହିଲେ, ''ନା, ନା, ଅସମ୍ଭବ । ତୁମେ ସେ ବାଳିକାକୁ ନେଇପାରିବନାହିଁ ।'' ତରବାରିରେ ହାତ ପକାଇ ସେ ଡାକ୍ତର ବ୍ଲଡ୍‌ଙ୍କ ସମ୍ମୁଖରେ ଠିଆହେଲେ । ''ମୁଁ ବଞ୍ଚିଥିବା ପର୍ଯ୍ୟନ୍ତ ତୁମେ ତାକୁ ନେଇପାରିବନାହିଁ ।''

Digitized by srujanika@gmail.com

"ତାହାହେଲେ ତୁମର ମୃତ୍ୟୁ ପରେ ମୁଁ ତାଙ୍କୁ ନେଇଯିବି ।" ବ୍ଲଡ୍‌ଙ୍କ ହାତର ତରବାରି ସୂର୍ଯ୍ୟକିରଣରେ ଝଲସିଉଠିଲା । ପାଖରେ ଥିବା ଲୋକମାନଙ୍କୁ ସେ ଦୂରକୁ ଘୁଞ୍ଚାଇଦେଲେ । ଦୁଇଟି ତରବାରି ଝନ୍‌ଝନ୍ କରି ଉଠିଲା । ମାତ୍ର ଖୁବ୍ ଚଞ୍ଚଳ ଏହା ଶେଷ ହୋଇଗଲା । ବ୍ଲଡ୍‌ଙ୍କ ଅଭ୍ୟସ୍ତ କୁଶଳତା ନିକଟରେ ଲେଭାସିଓରଙ୍କର ଶାରୀରିକ ବଳ ପରାଜିତ ହେଲା । ମାତ୍ର କେତେ ମିନିଟ ମଧ୍ୟରେ ଲେଭାସିଓର ସେଇ ଧଳା ବାଲି ଉପରେ ପଡ଼ିଗଲେ । ତାଙ୍କର ଘୃଣ୍ୟ ଜୀବନ ଧୀରେ ଶେଷ ହୋଇଆସିଲା.।

ସ୍ଥିରଭାବରେ କାହୁଜାକ୍ ଆଡ଼କୁ ଚାହିଁ ବ୍ଲଡ୍ କହିଲେ, "ଆମର ଚୁକ୍ତି ଏଇଠି ଶେଷ ହେଲା ବୋଧହୁଏ ?"

କାହୁଜାକ୍ ତାଙ୍କର କ୍ୟାପ୍‌ଟେନଙ୍କ ମୃତ ଶରୀର ଆଡ଼କୁ ଚାହିଁଲେ । ସେ ଚାହାଣିରେ ସହାନୁଭୂତିର ଚିହ୍ନ ନଥିଲା । ଲେଭାସିଓରଙ୍କ ପ୍ରତି ତାଙ୍କର ସ୍ନେହ ବା ଭକ୍ତି ନଥିଲା, କାରଣ ଲେଭାସିଓର ଅପହୃତ ଧନ ଅନେକ ସମୟରେ ଅନ୍ୟମାନଙ୍କୁ ନଦେଇ ନିଜେ ରଖୁଥିଲେ । ଜଳଦସ୍ୟୁମାନେ ଏହାକୁ ଏକ ଅକ୍ଷମଣୀୟ ଅପରାଧ ବୋଲି ବିବେଚନା କରୁଥିଲେ ।

କ୍ୟାପ୍‌ଟେନ୍ ବ୍ଲଡ୍ ପୁଣି କାହୁଜାକ୍‌ଙ୍କୁ କହିଲେ, "ଆପଣ ଯଦି ମୋ ସହିତ ଯାତ୍ରା କରିବାକୁ ଇଚ୍ଛା କରନ୍ତି ତେବେ ତା କରିପାରନ୍ତି । କିନ୍ତୁ ତା ପୂର୍ବରୁ ହଲାଣ୍ଡର ଜାହାଜ ଏବଂ ଅନ୍ୟାନ୍ୟ ସମସ୍ତ ପଦାର୍ଥ ଆପଣଙ୍କୁ ଫେରାଇଦେବାକୁ ହେବ ।"

କାହୁଜାକ୍ ଏ ସର୍ତ୍ତରେ ରାଜି ହେଲେ । ତା'ପରେ ବ୍ଲଡ୍ ଗଭର୍ଣ୍ଣରଙ୍କ ସନ୍ତାନଙ୍କ ଆଡ଼କୁ ବୁଲି, ମୁଣ୍ଡର ଟୋପି ଉଠାଇ ଭଦ୍ରଭାବରେ କହିଲେ, "ମହାଶୟା, ଭୟ କରନ୍ତୁନାହିଁ । ମୋ ଜାହାଜରେ ଆପଣ ସବୁପ୍ରକାର ସମ୍ମାନ ପାଇବେ । ଆମେ ଆପଣଙ୍କୁ ଆପଣଙ୍କ ବାପାଙ୍କ ପାଖରେ ଛାଡ଼ିଦେବା ପାଇଁ ଖୁବ୍ ଶୀଘ୍ର ଟରଟୁଗା ଯାତ୍ରା କରିବୁ ।"

କୁମାରୀ ଓଗେରନ୍ ତାଙ୍କୁ ବିଶ୍ୱାସ କରିପାରିଲେନାହିଁ । ତାଙ୍କ ଭାଇ ଠିଆହୋଇ ପ୍ରଶ୍ନ କଲେ, 'ମହାଶୟ, ଏହା କ'ଣ ଆପଣଙ୍କ ଅନ୍ତରର କଥା ?"

"ନିଶ୍ଚୟ । ବର୍ତ୍ତମାନ ଯୁଗରେ ଅବଶ୍ୟ ଏହା ଅସମ୍ଭବ ମନେହେବ । ମୁଁ ଜଳଦସ୍ୟୁ ହୋଇପାରେ, କିନ୍ତୁ ମୋର ପନ୍ଥା ଲେଭାସିଓରଙ୍କ ପନ୍ଥାଠାରୁ ସମ୍ପୂର୍ଣ୍ଣ ଅଲଗା । ମୋର ଅନ୍ତତଃ କିଛି ସମ୍ମାନ ଅଛି ।"

ମୁଣ୍ଡ ନୁଆଇଁ ସେମାନଙ୍କୁ ସମ୍ମାନ ଜଣାଇ ବ୍ଲଡ୍ ଯିବାକୁ ବାହାରିଲେ । କିନ୍ତୁ କୁମାରୀ ଓଗେରନ୍ ତାଙ୍କୁ ପଛରୁ ଡାକିଲେ । ବ୍ଲଡ୍ ବୁଲି ଠିଆହେଲେ ଏବଂ ଭଦ୍ରମହିଳା ତାଙ୍କ ନିକଟକୁ ଗଲେ । "ଆପଣ କେଡ଼େ ଉଦାର ଆଉ ମହତ୍ !" ଏହା କହି ସେ ବ୍ଲଡ୍‌ଙ୍କ କର ଚୁମ୍ବନ କଲେ ।

Digitized by srujanika@gmail.com

ବ୍ଲଡ୍ ତାଙ୍କ ଆଡ଼କୁ ଚାହିଁ ମୃଦୁ ହସି କହିଲେ, "ମୋର ମୂଲ୍ୟ ଏତେ ବେଶି ବୋଲି ମୁଁ ମନେକରେନାହିଁ।" ତା'ପରେ ସେ ଦୀର୍ଘଶ୍ୱାସ ପକାଇଲେ। ଜଳଦସ୍ୟୁ ହିସାବରେ ତାଙ୍କର ଖ୍ୟାତି ଗଭର୍ଣ୍ଣରଙ୍କ କାନକୁ ନିଶ୍ଚୟ ଯାଇଥିବ। ଆରାବେଲା ତାଙ୍କୁ ଘୃଣା କରିବେ ବୋଲି ସେ ଜାଣିଥିଲେ। କିନ୍ତୁ ବର୍ତ୍ତମାନର ଘଟଣା ତାଙ୍କ କାନକୁ ଗଲେ ତାଙ୍କର ଘୃଣା ନିଶ୍ଚୟ କମିଯିବ ବୋଲି ବ୍ଲଡ୍ ଆଶା କଲେ। କୁମାରୀ ଓଗେରନ୍‌ଙ୍କୁ ରକ୍ଷା କରିବାପାଇଁ ସେ ନିଜ ଜୀବନକୁ ବିପନ୍ନ କରିଥିଲେ। କାରଣ ସେ ଭାବିଥିଲେ ଯେ କୁମାରୀ ଆରାବେଲା ବିଶପ୍ ସେଠାରେ ଉପସ୍ଥିତ ଥିଲେ ତାଙ୍କର ଏ କାମରେ ନିଶ୍ଚୟ ଆନନ୍ଦିତ ହୋଇଥାନ୍ତେ।

[୧୩]

କୁମାରୀ ଓଗେରନ୍‌ଙ୍କ ଉଦ୍ଧାର ଯୋଗୁଁ ଟର୍‌ଟୁଗାର ଗଭର୍ଣ୍ଣର ବ୍ଲଡ୍‌ଙ୍କ ନିକଟରେ କୃତଜ୍ଞ ରହିଲେ। ତାଙ୍କର ଶକ୍ତିଶାଳୀ ଆଶ୍ରୟରେ ଜଳଦସ୍ୟୁ ମହଲରେ ବ୍ଲଡ୍‌ଙ୍କ ଖ୍ୟାତି ଆହୁରି ବଢ଼ିଗଲା। ସେମାନେ ତାଙ୍କୁ ଦେବତା ତୁଲ୍ୟ ମନେକଲେ ଏବଂ ତାଙ୍କ ଅଧୀନରେ କାମ କରିବାପାଇଁ ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କଲେ। ପୁଣି ଟର୍‌ଟୁଗା ଛାଡ଼ି ସମୁଦ୍ରକୁ ବାହାରିଲା ବେଳକୁ ତାଙ୍କ ଅଧୀନରେ ପାଞ୍ଚଟି ସୁନ୍ଦର ଜାହାଜ ଆଉ ଏକହଜାରରୁ ଅଧିକ ଲୋକ ଥିଲେ।

ଇତିମଧ୍ୟରେ ସ୍ପେନ୍‌ର ନୌ-ସେନାପତି ଡନ୍ ମିଗୁଏଲ୍ କାରିବିଆନ୍ ଉପସାଗରରେ ସୁଯୋଗ ଅପେକ୍ଷାରେ ଥାନ୍ତି। ବ୍ଲଡ୍‌ଙ୍କ ପ୍ରତି ତାଙ୍କର ଘୃଣା ଏବଂ ପ୍ରତିଶୋଧର ଇଚ୍ଛା ଦିନକୁ ଦିନ ବଢ଼ିଚାଲିଲା। ସେ ସମୁଦ୍ରର ଚାରିଆଡ଼େ ବୁଲି ତାଙ୍କର ଶତ୍ରୁକୁ ଖୋଜିବାରେ ଲାଗିଲେ। ବୃଥାରେ ଗୋଟାଏ ବର୍ଷ ବିତିଗଲା। କେବେ ଦୁଇଜଣଙ୍କର ଦେଖାହେଲେ ମଧ୍ୟ ପରିସ୍ଥିତି ଅନୁକୂଳ ନଥିଲା।

୧୬୮୮ ସେପ୍‌ଟେମ୍ବର ୧୫ ତାରିଖ ଦିନ କାରିବିଆନ୍ ଉପସାଗରରେ ତିନୋଟି ଜାହାଜ ଭାସୁଥିଲା। ଏହି ଗଳ୍ପରେ ଏହି ଜାହାଜ ତିନୋଟିର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏଥିମଧ୍ୟରୁ ପ୍ରଥମଟି ଥିଲା ବ୍ଲଡ୍‌ଙ୍କ ଜାହାଜ ଆରାବେଲା। ଗୋଟାଏ ଝଡ଼ରେ ତାହା ତାଙ୍କର ଅନ୍ୟ ଜାହାଜମାନଙ୍କଠାରୁ ବିଚ୍ଛିନ୍ନ ହୋଇଯାଇଥିଲା। ଦ୍ୱିତୀୟ ଜାହାଜ ହେଲା ବିରାଟ ସ୍ପେନୀୟ ଯୁଦ୍ଧ ଜାହାଜ ମିଲାଗ୍ରୋସା। ପ୍ରତିହିଂସାପ୍ରିୟ ଡନ୍ ମିଗୁଏଲ୍ ଏହି ଜାହାଜରେ ଥିଲେ। ତୃତୀୟ ଏବଂ ଶେଷ ଜାହାଜ ହେଲା ଇଂଲଣ୍ଡର ଯୁଦ୍ଧ ଜାହାଜ ରୟାଲମେରୀ। ଏହା ପ୍ଲାଇମାଉଥ୍‌ରୁ ଜାମାଇକା ଯାତ୍ରା କରୁଥିଲା। ଲର୍ଡ ଜୁଲିଆନ୍ ଉଏଡ୍ ଏଥିରେ ଯାତ୍ରା କରୁଥିଲେ। ଏକ ବିଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ କାମରେ ତାଙ୍କୁ

Digitized by srujanika@gmail.com

ଇଂଲଣ୍ଡରୁ ପଠାଯାଇଥିଲା । ରାଜା ଦ୍ୱିତୀୟ ଜେମ୍‌ସ ଜଳଦସ୍ୟୁମାନଙ୍କର ଆଚରଣ ଏବଂ ସ୍ପେନ୍‌ର ବାରମ୍ବାର ଅଭିଯୋଗରେ ବିରକ୍ତ ହୋଇଗଲେ । ତେଣୁ ମୁଖ୍ୟ ସଚିବ ଲର୍ଡ ସଣ୍ଡରଲାଣ୍ଡ ଜଣେ ଶକ୍ତିଶାଳୀ ବ୍ୟକ୍ତିଙ୍କୁ ଜାମାଇକାର ଡେପୁଟି ଗଭର୍ଣ୍ଣର ପଦରେ ନିଯୁକ୍ତ କଲେ । ଏହି ଶକ୍ତିଶାଳୀ ବ୍ୟକ୍ତି ହେଲେ ସେନାପତି ବିଶପ୍ ।

ସେନାପତି ବିଶପ୍ ଆଗ୍ରହର ସହିତ ଏ ନିଯୁକ୍ତି ଗ୍ରହଣ କଲେ । ଏହା ଦ୍ୱାରା ସେ ବ୍ଲଡ୍‌ଙ୍କ ଉପରେ ପ୍ରତିଶୋଧ ନେବାର ସୁଯୋଗ ପାଇପାରିବେ । ଦିନେ ତାଙ୍କ ନିକଟରେ କ୍ରୀତଦାସ ଥିବା ପିଟର୍ ବ୍ଲଡ୍ କୌଣସି ପ୍ରକାରେ ଖସିଯାଇ ସମୁଦ୍ର ଏବଂ ସ୍ଥଳଭାଗରେ ସ୍ପେନୀୟମାନଙ୍କୁ ହଇରାଣ କରୁଛି । ଫଳରେ ଇଂଲଣ୍ଡ ଏବଂ ସ୍ପେନ୍ ମଧ୍ୟରେ ତିକ୍ତତା ବଢ଼ିଚାଲିଛି । ଏ ସମସ୍ୟାର ସମ୍ମୁଖୀନ ହେବା ତାଙ୍କ ପକ୍ଷରେ ଅସମ୍ଭବ ବୋଲି ବିଶପ୍ ମୁଖ୍ୟ ସଚିବଙ୍କ ନିକଟକୁ ଲେଖିଥିଲେ । ସାଧାରଣ ଉପାୟରେ ଏହାର ସମାଧାନ ହୋଇ ନପାରେ ଜାଣି ଲର୍ଡ ସଣ୍ଡରଲାଣ୍ଡ ଭିନ୍ନପନ୍ଥା ଗ୍ରହଣକଲେ । ତାଙ୍କର ମନେହେଲା ଡାକ୍ତର ବ୍ଲଡ୍ ହୁଏତ ଜଳଦସ୍ୟୁ ହେବାକୁ ଚାହାଁନ୍ତି ନାହିଁ । ନିର୍ବାସିତ ହୋଇ ସେ ଏ ବୃତ୍ତି କରିବାକୁ ବାଧ୍ୟ ହୋଇଛନ୍ତି । ପୁଣି ଜଣେ ଭଦ୍ରବ୍ୟକ୍ତିଭାବରେ ରହିବାକୁ ସେ ଖୁସିରେ ରାଜି ହେବେ । ତେଣୁ ସଣ୍ଡରଲାଣ୍ଡ ତାଙ୍କର ସମ୍ପର୍କୀୟ ଭାଇ ଲର୍ଡ ଜୁଲିଆନ୍ ୱଏଡ୍‌ଙ୍କୁ ପଠାଇଥିଲେ । ବ୍ଲଡ୍ ରାଜାଙ୍କ ନୌସେନାରେ ଯୋଗଦେଲେ ତାଙ୍କୁ କ୍ଷମା କରାଯିବ ବୋଲି କହିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ ।

ରୟାଲ୍‌ମେରୀ ନିର୍ବିଘ୍ନରେ ସେଣ୍ଟ୍‌ନିକୋଲାସ୍ ପର୍ଯ୍ୟନ୍ତ ଯାତ୍ରା କଲା । ଜାମାଇକାରେ ପହଞ୍ଚିବା ପୂର୍ବରୁ ଏହା ଶେଷ ବନ୍ଦର । ଦୈବକ୍ରମେ ସେନାପତି ବିଶପ୍‌ଙ୍କ ଝିଆରୀ କୁମାରୀ ଆରାବେଲା ତାଙ୍କର ବନ୍ଧୁମାନଙ୍କ ନିକଟକୁ ସେଣ୍ଟ୍ ନିକୋଲାସ ଆସିଥିଲେ । ସେ ଜାମାଇକା ଫେରିବାକୁ ଇଚ୍ଛା କଲେ । ରୟାଲ ମେରୀରେ ତାଙ୍କ ଯିବାପାଇଁ ବ୍ୟବସ୍ଥା କରାଗଲା । ଲର୍ଡ ଜୁଲିଆନ୍ କୁମାରୀ ଆରାବେଲାଙ୍କ ସାହଚର୍ଯ୍ୟରେ ବେଶ୍ ସନ୍ତୁଷ୍ଟ ଥିଲେ । ସେଣ୍ଟ୍ ନିକୋଲାସ ତାଙ୍କର ଦୃଷ୍ଟିର ଅନ୍ତରାଳ ହେବାପୂର୍ବରୁ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ବେଶ୍ ଜମିଗଲା । ଲର୍ଡ ଜୁଲିଆନ୍ ତାଙ୍କ ସଙ୍ଗେ ବ୍ଲଡ୍‌ଙ୍କ ବିଷୟରେ କଥାବାର୍ତ୍ତା କଲେ ।

ଜାହାଜ ଛାତ ଉପରେ ବୁଲୁ ବୁଲୁ ସେ କହିଲେ, "ଏଇ ବ୍ଲଡ୍ ଆପଣଙ୍କ ପିତୃବ୍ୟଙ୍କ କ୍ଷେତରେ କ୍ରୀତଦାସ ଥିଲେ । ଆପଣ ତାଙ୍କୁ ଦେଖିଥିବେ ବୋଧହୁଏ ।"

କୁମାରୀ ବିଶପ୍ ଜାହାଜଧାରକୁ ଆଉଜି ଠିଆହୋଇ ଉତ୍ତରଦେଲେ, "ମୁଁ ଅନେକଥର ତାଙ୍କୁ ଦେଖିଛି । ମୁଁ ତାଙ୍କୁ ଭଲଭାବରେ ଜାଣେ ।"

— ସତେ ? ସେ କେମିତିକା ଲୋକ ?

— ସତେବେଳେ ମୋର ମନେହେଲା ସେ ଜଣେ ହତଭାଗ୍ୟ ଭଦ୍ର ବ୍ୟକ୍ତି ।

Digitized by srujanika@gmail.com

— ଆପଣ ତାଙ୍କ ଜୀବନ ଇତିହାସ ଜାଣିଥିଲେ ?''

''ସେ ମୋତେ କହିଥିଲେ । ତାଙ୍କର ଶାନ୍ତ ସତ୍‌ସାହସ ଯୋଗୁଁ ମୁଁ ତାଙ୍କୁ ପ୍ରଶଂସା କରୁଥିଲି । କିନ୍ତୁ ତାଙ୍କର ବର୍ତ୍ତମାନ କାର୍ଯ୍ୟକଳାପ ବିଚାର କଲେ ମୋର ସନ୍ଦେହ ହୁଏ ଯେ ସେ ମୋତେ ସତ କହିନଥିଲେ ।''

ଲର୍ଡ ଜୁଲିଆନ ଉତ୍ତରଦେଲେ, ''ମନ୍‌ମାଉଥ୍ ବିଦ୍ରୋହ ପରେ ତାଙ୍କ ପ୍ରତି ଅନ୍ୟାୟ ବିଚାର କରାଯାଇଛି, ଏଥିରେ ସନ୍ଦେହନାହିଁ । ମନ୍‌ମାଉଥ୍ ବିଦ୍ରୋହରେ ସେ ମୋଟେ ଅଂଶ ଗ୍ରହଣ କରିନଥିଲେ ।''

— ବଡ଼ କ୍ଷୋଭର କଥା । ଏହା ତାଙ୍କ ଜୀବନକୁ ନଷ୍ଟ କରିଦେଇଛି ।

''ନଷ୍ଟ କରିଦେଇଛି ? କାହିଁକି ? ମୁଁ ଶୁଣିଲି ସେ ଯଥେଷ୍ଟ ଧନଶାଳୀ ହୋଇପାରିଛନ୍ତି ଏବଂ ତାଙ୍କର ଧନରତ୍ନ ଫ୍ରାନ୍‌ସରେ ଜମାକରି ରଖିଛନ୍ତି । ତାଙ୍କର ଭାବୀଶ୍ୱଶୁର ମିଷ୍ଟର ଓଗେରନ୍ ସେସବୁ ଦେଖାଶୁଣା କରୁଛନ୍ତି ।''

— ତାଙ୍କର ଭାବୀଶ୍ୱଶୁର ? ଟର୍‌ଟୁଗାର ଗଭର୍ଣ୍ଣର ?

''ହଁ— ତାଙ୍କରି ନିରାପଦ ଆଶ୍ରୟରେ ବ୍ଲଡ୍ ରହିଛନ୍ତି । ସେଣ୍ଟ୍ ନିକୋଲାସରେ ମୁଁ ଏ ସମ୍ବାଦ ପାଇଲି— ଆପଣ ଜାଣିନାହାନ୍ତି ?''

କିଛି ନକହି କୁମାରୀ ବିଶପ୍ କେବଳ ମୁଣ୍ଡ ହଲାଇଲେ । ମୁହଁ ବୁଲାଇ ସେ ସମୁଦ୍ରର ନୀଳ ଜଳଆଡ଼େ ଚାହିଁରହିଲେ ।

କିଛି ସମୟ ପରେ ଧୈର୍ଯ୍ୟଧରି ସେ କହିଲେ, ''ସେ ଯଦି ଏତେ ଧନଶାଳୀ ଏବଂ ଜଣେ ନାରୀ ସହିତ ପ୍ରେମରେ ଆବଦ୍ଧ ତେବେ ସେ ତ ତାଙ୍କର ଏଇ ଦସ୍ୟୁ ଜୀବନ ଛାଡ଼ିଦେଇଥାନ୍ତେ ।''

''ନିଶ୍ଚୟ— ତା' ଭାବିବା ସ୍ୱାଭାବିକ । କିନ୍ତୁ ମୁଁ ବୁଝିଛି, ମିଷ୍ଟର ଓଗେରନ ଅଧିକ ସୁନାପାଇଁ ଲାଳାୟିତ । ସେଇ ବାଳିକା ମଧ ଅତି କ୍ରୁର । ବ୍ଲଡ୍‌ଙ୍କ ପରି ଜଣେ ଲୋକର ପତ୍ନୀ ହେବାର ଯୋଗ୍ୟ । ସେ ବୋଧହୁଏ ଏଇ ଦସ୍ୟୁ ବୃତ୍ତି କରିବାକୁ ତାଙ୍କୁ ଉତ୍ସାହିତ କରୁଛନ୍ତି । ସେଇ ବାଳିକାପାଇଁ ସେ ଜଣେ ଲୋକକୁ ହତ୍ୟା କରିଛନ୍ତି ।''

''ଜଣେ ଲୋକକୁ ହତ୍ୟାକରିଛନ୍ତି ?'' କଣ୍ଠରେ ତାଙ୍କର ଆତଙ୍କର ସ୍ୱର ।

''ହଁ, ଲେଭାସିଓର ନାମକ ଜଣେ ଫରାସୀ ଜଳଦସ୍ୟୁ । ସେ ଏହି ବାଳିକାକୁ ପ୍ରେମ କରୁଥିଲେ । ଏଇଟା ବଡ଼ ଅସୁନ୍ଦର କଥା ।''

ଆରାବେଲାଙ୍କ ଆଖି କ୍ରୋଧରେ ଜଳିଉଠିଲା । ସେ ପ୍ରଶ୍ନ କଲେ ''ଆପଣଙ୍କୁ ଏ ବିଷୟ କିଏ କହିଲା ?''

''ତାଙ୍କ ସାଥିରେ ଥିବା ଜଣେ ଫରାସୀ ନାବିକ । ତା ନାଁ କାହୁଜାକ । ଲେଭାସିଓରଙ୍କ ମୃତ୍ୟୁବେଳେ ସେ ସେଠାରେ ଉପସ୍ଥିତ ଥିଲା ।''

Digitized by srujanika@gmail.com

— ଆଉ ସେଇ ବାଳିକା ? ସେ ମଧ୍ୟ ଉପସ୍ଥିତ ଥିଲେ ନା କ'ଣ ?

— ହଁ, ଲୋକଟାକୁ ହତ୍ୟାକରି ବ୍ଲଡ୍ ତାଙ୍କୁ ଧରି ଚାଲିଗଲେ ।

କୁମାରୀ ଆରାବେଲା ବିରସ ବଦନରେ କହିଲେ, ''ମୋର ବିଚାର କେଡ଼େ ଭ୍ରାନ୍ତ ! ମୁଁ ତାଙ୍କୁ ଜଣେ ଭାଗ୍ୟବାନ୍ ସାହସୀ ଭଦ୍ରଲୋକ ବୋଲି ଭାବିଥିଲି । କିନ୍ତୁ ବର୍ତ୍ତମାନ... ସେପରି ଲୋକଙ୍କୁ ଭୁଲିଯିବା ଭଲ ।'' ଏହାପରେ ସେ ଅନ୍ୟ ବିଷୟରେ କଥା ଆରମ୍ଭ କଲେ ।

ସେମାନଙ୍କ ବନ୍ଧୁତା ଘନିଷ୍ଠ ହୋଇ ଆସିଲା । ଏହି ସମୟରେ ତାଙ୍କର ସୁଖମୟ ଯାତ୍ରାରେ ବ୍ୟାଘାତ ସୃଷ୍ଟିକରି ଏକ ଘଟଣା ଘଟିଲା । ସେମାନେ ଗୋନେଭସ୍ ପ୍ରଣାଳୀର ଅର୍ଦ୍ଧପଥ ଅତିକ୍ରମ କରିଥିବାବେଳେ ସ୍ପେନ୍ ନୌସେନାପତି ଡନ୍ ମିଗୁଏଲ ତାଙ୍କ ଜାହାଜକୁ ଆକ୍ରମଣ କଲେ । ରୟାଲମେରୀ ତା'ର ଠିକଣା ଜବାବ୍ ଦେଲା । ସେଇଦିନ ଡନ୍ ମିଗୁଏଲ୍‌ଙ୍କ ଦୁର୍ଦ୍ଦାନ୍ତ ଜୀବନର ଅବସାନ ଘଟିଥାନ୍ତା । କିନ୍ତୁ ତା'ର ଭାଗ୍ୟକୁ ମିଲାଗ୍ରୋସାର ଏକ ଗୋଳା ରୟାଲମେରୀ ଉପରେ ଥିବା ଗୋଳାବାରୁଦ ଉପରେ ନିକ୍ଷିପ୍ତ ହେଲା । ଫଳରେ ଯୁଦ୍ଧ ଆରମ୍ଭ ହେବାପୂର୍ବରୁ ରୟାଲମେରୀର ଅଧାଅଧି ନଷ୍ଟ ହୋଇଗଲା । ଇଂରେଜ ଜାହାଜର ଅଧ୍ୟକ୍ଷ ମୃତ୍ୟୁମୁଖରେ ପତିତ ହେଲେ ଏବଂ କର୍ମଚାରୀମାନଙ୍କ ମଧ୍ୟରୁ ଅଧା ମଧ୍ୟ ପ୍ରାଣ ହରାଇଲେ । ଅନ୍ୟମାନେ କିଛି କରିବା ପୂର୍ବରୁ ସ୍ପେନୀୟମାନେ ଇଂଲଣ୍ଡର ଜାହାଜ ଉପରକୁ ଉଠିଆସିଲେ ।

କ୍ୟାପ୍‌ଟେନ୍‌ଙ୍କ କୋଠରିରେ ଲର୍ଡ ଜୁଲିଆନ୍ ଏବଂ କୁମାରୀ ଆରାବେଲା ବିଶପ୍ ବସିଥିଲେ । ଲର୍ଡ ଜୁଲିଆନ କୁମାରୀ ବିଶପ୍‌ଙ୍କୁ ସାନ୍ତ୍ୱନା ଏବଂ ସାହସ ଦେଉଥାନ୍ତି । ହଠାତ୍ ଦରଜା ଖୋଲି ଡନ୍ ମିଗୁଏଲ କୋଠରିରେ ପ୍ରବେଶ କଲେ । ତାଙ୍କୁ ଦେଖି ଲର୍ଡ ଜୁଲିଆନ ତରବାରିରେ ହାତ ପକାଇଲେ । ଡନ୍ ମିଗୁଏଲ କହିଲେ, ''ବୋକାମି କରନ୍ତୁନାହିଁ, ନଚେତ୍ ତା'ର ପରିଣାମ ଭୋଗ କରିବେ । ଆପଣଙ୍କ ଜାହାଜ ବୁଡ଼ିଯିବାକୁ ଆରମ୍ଭ କଲାଣି ।''

ଡନ୍ ମିଗୁଏଲଙ୍କ ପଛରେ ଚାରିଜଣ ସଶସ୍ତ୍ର ସୈନିକ ଥିଲେ । ଲର୍ଡ ଜୁଲିଆନ ପରିସ୍ଥିତି ହୃଦୟଙ୍ଗମ କରି ନିଜ ତରବାରି ଖୋଳ ଭିତରେ ରଖିଦେଲେ ।

ସମସ୍ତେ ମୋ ଜାହାଜକୁ ଚାଲିଆସନ୍ତୁ । ଏହା କହି ଡନ୍ ମିଗୁଏଲ ସେ କୋଠରିରୁ ବାହାରିଗଲେ ।

ସେମାନେ ତାଙ୍କ ପଛରେ ଚାଲିଲେ । ଆଉ କିଛି କରିବାର ନଥିଲା । କାରଣ ତାଙ୍କ ନିଜ ଜାହାଜ ବୁଡ଼ିବାକୁ ଲାଗିଥିଲା । କିନ୍ତୁ ଲର୍ଡ ଜୁଲିଆନ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇଥିଲେ । ସ୍ପେନୀୟ ଜାହାଜରେ ପହଞ୍ଚିବା ମାତ୍ରେ ସେ ତାଙ୍କ ଆକ୍ରମଣକାରୀଙ୍କର ନାଁ ଜାଣିବାକୁ ଚାହିଁଲେ ।

Digitized by srujanika@gmail.com

''ମୁଁ ସ୍ପେନ ରାଜାଙ୍କ ନୌ-ସେନାପତି ଡନ୍ ମିଗୁଏଲ ଡି ଏସ୍ ପି ନୋସା ।''

ଲର୍ଡ ଜୁଲିଆନ ବିସ୍ମିତ ହେଲେ, ''ତାହାହେଲେ ଆପଣ ଏପରି ଘୃଣ୍ୟ ଜଳଦସ୍ୟୁ ପରି ଆଚରଣ କରୁଛନ୍ତି କାହିଁକି ?''

ଡନ୍ ମିଗୁଏଲ ହସିଉଠିଲେ, ''ସେନାପତି ବିଶପ୍ ଖୁବ୍ ଧନଶାଳୀ । ଆଉ ଆପଣ ମଧ୍ୟ ନିଶ୍ଚୟ ଧନଶାଳୀ ହୋଇଥିବେ । ଆପଣଙ୍କ ମୁକ୍ତିପାଇଁ କେତେ ଅର୍ଥ ଆବଶ୍ୟକ ତା ମୁଁ ସ୍ଥିରକରିଦେବି ।''

ଲର୍ଡ ଜୁଲିଆନ ଗର୍ଜନ କରିଉଠିଲେ, ''ତୁମେ ଗୋଟାଏ ଆତତାୟୀ ଜଳଦସ୍ୟୁ ବ୍ୟତୀତ ଅନ୍ୟକିଛି ନୁହଁ । ତୁମେ ନିଜକୁ ସ୍ପେନ୍ ନୌ-ସେନାପତି ବୋଲି କହିବାର ସାହସ କରୁଛ ? ସ୍ପେନ୍ ରାଜା ଏ ବିଷୟରେ କ'ଣ ଜବାବ ଦେବେ ମୁଁ ଦେଖିବି ।''

ହସ ବନ୍ଦକରି ଡନ୍ ମିଗୁଏଲ କହିଲେ, ''ଏହା ମୋର ବ୍ୟକ୍ତିଗତ କାମ ବୋଲି ମୁଁ ସ୍ୱୀକାର କରିପାରେ । କିନ୍ତୁ ତୁମେ ପ୍ରତାରକ ଇଂରେଜ ପଶୁଦଳ, ତୁମେ ତୁମର ବ୍ଲଡ୍, ହାଗ୍ଥ୍ରପ୍, ମୋରଗାନ୍‌ମାନଙ୍କୁ ଆମ ବିରୁଦ୍ଧରେ ପଠାଇ ଦେଉଛ– ଆଉ ସେମାନଙ୍କ କାମପାଇଁ ତୁମେ ଦାୟୀନୁହଁ ବୋଲି କହୁଛ ।''

''କିନ୍ତୁ କ୍ୟାପ୍‌ଟେନ୍ ବ୍ଲଡ୍ ବା ଅନ୍ୟମାନେ ଇଂଲଣ୍ଡର ନୌ-ସେନାପତି ନୁହନ୍ତି ।''

''ନୁହନ୍ତି ? କିନ୍ତୁ ତା ମୁଁ ଜାଣିବି କିପରି ? ସ୍ପେନ୍ ଜାଣିବ କିପରି ? ସବୁ ଇଂରେଜ ମିଥ୍ୟାବାଦୀ ନୁହନ୍ତି କି ?''

ରାଗରେ ଲର୍ଡ ଜୁଲିଆନ ଜଳିଗଲେ । ତରବାରି ଉପରକୁ ହାତ ତାଙ୍କର ଆପେ ଆପେ ଚାଲିଗଲା । ତା'ପରେ ଟିକିଏ ରହି ସେ ଘୃଣାରେ କହିଲେ, ''ନିରସ୍ତ୍ର ବନ୍ଦୀକୁ ଅପମାନିତ କରିବା ବାସ୍ତବିକ ସ୍ପେନ୍‌ର ଏକ ବିଶେଷ ସଭ୍ୟତା ।''

ଡନ୍ ମିଗୁଏଲଙ୍କ ମୁହଁ ରକ୍ତବର୍ଣ୍ଣ ହୋଇଗଲା । ଲର୍ଡ ଜୁଲିଆନଙ୍କୁ ଆଘାତ କରିବାପାଇଁ ସେ ହାତ ଉଠାଉ ଉଠାଉ ରହିଗଲେ । ତା'ପରେ କିଛି ନକହି ସେ ସେଠାରୁ ଚାଲିଗଲେ ।

[୧୪]

ବନ୍ଦୀମାନଙ୍କ ପ୍ରତି ଡନ୍ ମିଗୁଏଲଙ୍କର ବ୍ୟବହାର ଭଦ୍ର ଥିଲା । ଲର୍ଡ ଜୁଲିଆନ ଏବଂ କୁମାରୀ ବିଶପ୍ ବୁଝିଲେ ଯେ ତାଙ୍କ ଉପରେ କୌଣସି ପ୍ରକାର ଅତ୍ୟାଚାର କରାଯିବନାହିଁ, କାରଣ ଅର୍ଥ ଲୋଭରେ ସେମାନଙ୍କୁ ବନ୍ଦୀ କରାଯାଇଥିଲା । ମିଲାଗ୍ରୋସା ଏବଂ ତା'ର ସାଥୀ ଜାହାଜ ଡିଙ୍ଗାଲ୍‌ଗା କିଛି ଦୂର ଦକ୍ଷିଣ-ପଶ୍ଚିମକୁ ଯାଇ ତା'ପରେ ପୂର୍ବକୁ ଗତିଗଲେ । ଫଳରେ ସେମାନେ ସିଧାସଳଖ ବ୍ଲଡ୍‌ଙ୍କ

Digitized by srujanika@gmail.com

ସାମନାରେ ପଡ଼ିଗଲେ । ବର୍ଷେ କାଳ ତାଙ୍କର ଶତ୍ରୁ ବ୍ଲଡ୍‌ଙ୍କୁ ଖୋଜି ଖୋଜି ବ୍ୟର୍ଥ ହୋଇ ଡନ୍ ମିଗୁଏଲ ଅତି ଅପ୍ରତ୍ୟାଶିତଭାବେ ତାଙ୍କୁ ଭେଟିଲେ । ସେ ହେଲା ଭାଗ୍ୟଚକ୍ରର ଗତି । ସେଇ ଭାଗ୍ୟର ଗତି ଅନୁସାରେ ଡନ୍ ମିଗୁଏଲ ଯେତେବେଳେ ଆରାବେଲା ଜାହାଜକୁ ଭେଟିଲେ ସେତେବେଳେ ସେ ଏକା ଥିଲା– ତା'ର ସାଥୀ ଜାହାଜମାନଙ୍କଠାରୁ ଅଲଗା ହୋଇଯାଇଥିଲା ।

କୁମାରୀ ବିଶପ୍ ଲର୍ଡ ଜୁଲିଆନଙ୍କ ସଂଗେ ଜାହାଜର ଛାତ ଉପରକୁ ଆସିଥିଲେ । ହଠାତ୍ ସେ ଦେଖିଲେ ଧଳା ପାଲ ଉଡ଼ାଇ ଏକ ବିଶାଳ ନାଲି ରଙ୍ଗର ଜାହାଜ ତାଙ୍କ ଆଡ଼କୁ ଆସୁଛି । ସକାଳର ଧୀର ପବନରେ ତା ଉପରେ ଉଡୁଥିଲା ଇଂଲଣ୍ଡର ପତାକା । ଆନନ୍ଦରେ ସେ ଶିହରୀଉଠିଲେ । ଏଇ ଦେଖନ୍ତୁ– ''ସେ ଜାହାଜ ଆଡ଼କୁ ଲର୍ଡ୍ ଜୁଲିଆନଙ୍କ ଦୃଷ୍ଟି ଆକର୍ଷଣ କଲେ । ଆଶାରେ ଆଖି ତାଙ୍କର ଉଜ୍ଜ୍ୱଳ ଦିଶୁଥିଲା । ଏହା ଏକ ଇଂରେଜ ଜାହାଜ । ସେ ଯୁଦ୍ଧ କରିବା ଜଣାଯାଉଛି ।''

''ଭଗବାନ୍ ତା'ର ସହାୟ ହୁଅନ୍ତୁ ।'' କହିଲେ ଲର୍ଡ୍ ଜୁଲିଆନ । ''ତା'ର କ୍ୟାପ୍‌ଟେନ୍ ନିଶ୍ଚୟ ପାଗଳ । ଏଇ ଦୁଇ ବିରାଟ ଜାହାଜ ବିରୁଦ୍ଧରେ ସେ କ'ଣ କରିପାରିବା ଆଶା କରୁଛି ? ସୟତାନ୍ ଡନ୍ ମିଗୁଏଲ ଆଡ଼କୁ ଚାହାନ୍ତୁ । ସେ ଆନନ୍ଦରେ ବେଶ୍ ଉତ୍‌ଫୁଲ୍ଲ ।''

ଜାହାଜର ନିମ୍ନଦେଶରୁ ଡନ୍ ମିଗୁଏଲ ତାଙ୍କ ବନ୍ଦୀମାନଙ୍କ ଆଡ଼କୁ ବୁଲି ଚାହିଁଲେ । ଆଖି ତାଙ୍କର ଉଜ୍ଜ୍ୱଳ ଏବଂ ମୁହଁରେ ହସ । ଆଗରୁ ଆସୁଥିବା ଜାହାଜ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରି ସେ ତାଙ୍କର କର୍ମଚାରୀମାନଙ୍କୁ ସ୍ପେନ୍ ଭାଷାରେ କିଛି କହିଲେ । କମାଣ ଚାଳକମାନେ ସେମାନଙ୍କ କମାଣ ନିକଟରେ ପ୍ରସ୍ତୁତ ହୋଇ ରହିଲେ ଏବଂ ନାବିକମାନେ ଯୁଦ୍ଧପାଇଁ ପ୍ରସ୍ତୁତ ହେଲେ । ଡନ୍ ମିଗୁଏଲ ହିଡ଼ାଲ୍‌ଗା ଜାହାଜକୁ ନିର୍ଦ୍ଦେଶ ଦେଲେ ଏବଂ ତାହା ମିଲାଗ୍ରୋସାର ନିକଟକୁ ଚାଲିଆସିଲା । ଇଂରେଜ ଜାହାଜରେ ଯୁଦ୍ଧ ପ୍ରସ୍ତୁତି ମଧ୍ୟ ସେମାନେ ଦେଖିପାରିଲେ । ଆରାବେଲା ଗୋଳା ଆଘାତ କରିବାର ସୀମା ଭିତରକୁ ଆସିଗଲା । ମିଲାଗ୍ରୋସାର କମାଣ ଚାଳକମାନେ ଅଧୈର୍ଯ୍ୟ ହୋଇ ତାଙ୍କର ସେନାପତିଙ୍କ ଆଡ଼କୁ ଚାହିଁଲେ । ମୁଣ୍ଡ ହଲାଇ ସେ କହିଲେ, ''ଧୈର୍ଯ୍ୟ ଧର । ସେ ଆମର କବଳକୁ ଆସିବାଯାଏଁ ଗୋଳା ଫୁଟାଅନାହିଁ । ସେ ସିଧା ମରଣ ମୁହଁକୁ ଆସୁଛି ।''

ଆରାବେଲାର ଗତିରୁ ଜଣାଯାଉଥିଲା ସେ ଠିକ୍ ଦୁଇ ସ୍ପେନୀୟ ଜାହାଜ ମଝିକୁ ଚାଲିଆସିବ । ଲର୍ଡ ଜୁଲିଆନ କହିଉଠିଲେ, ''ସେ ନିଶ୍ଚୟ ପାଗଳ । ସେ ସିଧା ମୃତ୍ୟୁଫାନ୍ଦ ଭିତରକୁ ଚାଲିଆସୁଛି । ଏଇ ଦୁଇ ଜାହାଜ ମଝିରେ ସେ ଖଣ୍ଡ ଖଣ୍ଡ ହୋଇଯିବ ।''

Digitized by srujanika@gmail.com

ଏତିକିବେଳେ ସେନାପତି ଡନ୍ ମିଗୁଏଲ ହାତ ଉଠାଇଲେ ଏବଂ କମାଣ ଚାଳକମାନେ ଗୋଳା ଫୁଟାଇଲେ । ଇଂରେଜ ଜାହାଜର ଠିକ୍ ଆଗରେ ପାଣି ଭିତରେ ଦୁଇଥର ଆଲୋଡ଼ନ ସୃଷ୍ଟି ହେଲା । ସେଇ ସଙ୍ଗେ ସଙ୍ଗେ ଆରାବେଲାର ଦୁଇଟି କମାଣ ଗର୍ଜିଉଠିଲା ଏବଂ ମିଲାଗ୍ରୋସା ଆମୂଳଚୂଳ ଦୋହଲି ଉଠିଲା । ଏହାର ପ୍ରତିଶୋଧ ନେବାପାଇଁ ହିଡ଼ାଲ୍‌ଗାର ଆଗ ପାଖରେ ଥିବା କମାଣ ଫୁଟାଗଲା । କିନ୍ତୁ ଦୁଇଟିଯାକ ଗୋଳା ଲକ୍ଷ୍ୟସ୍ଥଳରେ ବାଜିଲା ନାହିଁ । ଶହେଗଜ ଦୂରରୁ ଆରାବେଲାର କମାଣ ମିଲାଗ୍ରୋସାକୁ ଲକ୍ଷ୍ୟକରି ପୁଣି ଗର୍ଜିଉଠିଲା ଏବଂ ତା'ର ଆଗ ଅଂଶ ଧ୍ୱଂସ ହୋଇଗଲା । ଧୂଆଁ ପରିଷ୍କାର ହେଲାବେଳକୁ ଦେଖାଗଲା ଇଂରେଜ ଜାହାଜ ପ୍ରାୟ ଦୁଇ ସ୍ପେନୀୟ ଜାହାଜ ମଝିରେ ଆଗକୁ ମାଡ଼ିଚାଲିଛି । ଲର୍ଡ ଜୁଲିଆନ ରୁଦ୍ଧଶ୍ୱାସରେ ରହିଗଲେ । କୁମାରୀ ବିଶପ୍ ଜାହାଜର ବାଡ଼ାକୁ ଧରି ଚିତ୍କାର କରିଉଠିଲେ । ଶେଷରେ ଆରାବେଲା ଦୁଇ ସ୍ପେନୀୟ ଜାହାଜର ଠିକ୍ ମଝିରେ ପହଞ୍ଚିଗଲା । ଡନ୍ ମିଗୁଏଲ ତାଙ୍କର ତୂରୀବାଦକକୁ କିଛି କହିଲେ । ଲୋକଟା ତା'ର ରୂପାର ତୂରୀ ବଜାଇ ଉଭୟ ଜାହାଜକୁ ଗୋଳାବର୍ଷଣ କରିବାକୁ ଜଣାଇବାକୁ ବାହାରିଲା । କିନ୍ତୁ ସେ ତୂରୀଟା ଠିକ୍ ମୁହଁରେ ଲଗାଇଲାବେଳକୁ ସେନାପତି ତାକୁ ଟାଣି ବନ୍ଦ କରିଦେଲେ । ସେ ହଠାତ୍ ବୁଝିପାରିଲେ ଯେ ତାଙ୍କର କୌଣସି ଜାହାଜ ଇଂରେଜ ଜାହାଜ ଉପରେ ଗୋଳାବର୍ଷଣ କରିବା ଅର୍ଥ ନିଜର ଅନ୍ୟ ଜାହାଜ ଉପରେ ମଧ୍ୟ ଗୋଳା ବର୍ଷଣ କରିବା । ବ୍ଲଡ୍ ମଧ୍ୟ ଠିକ୍ ଏଇ ଯୋଜନା କରିଥିଲେ । ସେହି ମୁହୂର୍ତ୍ତରେ ଆରାବେଲାର ଉଭୟ ପାର୍ଶ୍ୱରୁ ମିଲାଗ୍ରୋସା ଆଉ ହିଡ଼ାଲଗାକୁ ଲକ୍ଷ୍ୟକରି ଅଠରଟି କମାଣ ଫୁଟାଗଲା ।

ଚାରିଆଡ଼େ ଧୂଆଁ ପୂର୍ଣ୍ଣହୋଇଗଲା ଏବଂ ପରିସ୍ଥିତି ଗଣ୍ଡଗୋଳିଆ ହୋଇଗଲା । ଆହତ ସ୍ପେନୀୟମାନଙ୍କ ଆର୍ତ୍ତଚିତ୍କାରରେ ଆକାଶ ପୂରିଗଲା । ମିଲାଗ୍ରୋସାର ଏକ ପାଖର ଏକ ବିରାଟ ଅଂଶ ଭାଙ୍ଗିଗଲା । ହିଡ଼ାଲ୍‌ଗାର ଅବସ୍ଥା ତା ଅପେକ୍ଷା ଆହୁରି ଶୋଚନୀୟ ହୋଇଗଲା । ତାହା ଖୁବ୍ ଶୀଘ୍ର ବୁଡ଼ିଯିବାକୁ ଲାଗିଲା ଏବଂ ତା'ର କର୍ମଚାରୀଗଣ ନୌକାରେ ପଳାଇବାକୁ ବାହାରିଲେ ।

ଡନ୍ ମିଗୁଏଲ ପାଗଳପରି ଚିତ୍କାରକରି ଆଦେଶ ଦେଲେ– କିନ୍ତୁ କିଛି କରାଯାଇ ପାରିଲାନାହିଁ । ଆରାବେଲା ବୁଲିଆସି ମିଲାଗ୍ରୋସାର ଏକ ପାଖରେ ପହଞ୍ଚିଲା । ଲୁହା ଶିକୁଳିର ଶବ୍ଦ ଶୁଣାଗଲା ଏବଂ ସ୍ପେନୀୟ ଜାହାଜକୁ ଇଂରେଜ ଜାହାଜ ପୂରା କାବୁ କରିନେଲା । ମୁହୂର୍ତ୍ତକ ପରେ ଚିତ୍କାରକରି ଦଳେ ଜଳଦସ୍ୟୁ ମିଲାଗ୍ରୋସା ଉପରକୁ ଉଠିଗଲେ । ସ୍ପେନୀୟମାନେ ଅସହାୟ ହୋଇପଡ଼ିଲେ । ଦଳେ ଦଳେ ଲୋକଙ୍କ ମଧ୍ୟରେ ଯୁଦ୍ଧ ଲାଗିଗଲା । ବ୍ଲଡ୍‌ଙ୍କ ଦଳ ଶକ୍ତିଶାଳୀ ପ୍ରମାଣିତ ହେଲେ । ଉପରେ ଡନ୍ ମିଗୁଏଲ ଅସହାୟ ହୋଇ ଠିଆହୋଇଥାନ୍ତି । ତାଙ୍କ ପଛରେ ଠିଆହୋଇ ଲର୍ଡ ଜୁଲିଆନ ଏବଂ

Digitized by srujanika@gmail.com

କୁମାରୀ ବିଶପ୍ ବିସ୍ମିତ ଆଉ ଆତଙ୍କିତ ହୋଇ ଯୁଦ୍ଧ ଦେଖୁଥାନ୍ତି । ସେମାନେ ଦେଖିଲେ ଜାହାଜ ଉପରୁ ସ୍ପେନ୍‌ର ପତାକା ଖସିଆସିଲା । ଇଂରେଜମାନେ ଜାହାଜ ଦଖଲ କରିନେଲେ । ନିରସ୍ତ୍ର ସ୍ପେନୀୟମାନେ ମେଣ୍ଢାପଲପରି ଚାରିଆଡ଼େ ଠିଆହୋଇଥାନ୍ତି ।

କୁମାରୀ ବିଶପ୍ ଲଇଁପଡ଼ି ଆଗକୁ ଚାହିଁଲେ । ହଠାତ୍ ତାଙ୍କ ମୁହଁ ମଉଳିଗଲା । ସେ ଦେଖିଲେ ଜଣେ ଉଚ୍ଚ ସୁନ୍ଦର ବ୍ୟକ୍ତି ଶିଡ଼ିଦେଇ ଉପରକୁ ଉଠିଆସିଲେ । ଗମ୍ଭୀରଭାବରେ ଆସି ସେ ସ୍ପେନ ନୌ-ସେନାପତିଙ୍କ ଆଗରେ ଠିଆହେଲେ । ପରିଷ୍କାର ସ୍ପେନ୍ ଭାଷାରେ ସେ କହିଲେ, "ପୁଣି ଆମର ସାକ୍ଷାତ୍ ହେଲା ଡନ୍ ମିଗୁଏଲ । ମୋର ଆଶା ଏଥର ଆପଣଙ୍କ ମନବୋଧ ହେଲା । ଅବଶ୍ୟ ସାକ୍ଷାତ୍‌ଟା ଆପଣ ଯେପରି ଆଶା କରିଥିଲେ ସେପରି ହୋଇପାରିଲାନାହିଁ ।"

ଡନ୍ ମିଗୁଏଲ କ୍ରୋଧରେ ଗର୍ଜିଉଠି ତରବାରିରେ ହାତ ପକାଇଲେ । କିନ୍ତୁ କ୍ୟାପ୍‌ଟେନ୍ ବ୍ଲଡ୍ ତାଙ୍କ ହାତଧରି ଟାଣିଆଣି କହିଲେ– "ମୁଁ ଆପଣଙ୍କ ସଙ୍ଗେ ଯୁଦ୍ଧ କରିବିନାହିଁ ଡନ୍ ମିଗୁଏଲ । ବର୍ତ୍ତମାନ ଆପଣ ମୋର ବନ୍ଦୀ ।"

ସେମାନେ କିଛି ସମୟଯାଏ ପରସ୍ପରକୁ ଚାହିଁ ରହିଲେ । ରୁକ୍ଷ କଣ୍ଠରେ ଡନ୍ ମିଗୁଏଲ ପ୍ରଶ୍ନ କଲେ, "ଆପଣ କ'ଣ କରିବାକୁ ଯାଉଛନ୍ତି ?"

ସାମାନ୍ୟ ହସି ବ୍ଲଡ୍ କହିଲେ, "ମୁଁ ଯାହା କରିବାକୁ ଇଚ୍ଛା କରିଥିଲି, ତା କରିସାରିଛି । ଆପଣଙ୍କ ନୌକା ସବୁ ପ୍ରସ୍ତୁତ ଅଛି । ଆମେ ଏ ଜାହାଜ ବୁଡ଼ାଇଦେବା ପୂର୍ବରୁ ଆପଣ ଏବଂ ଆପଣଙ୍କ ଲୋକମାନେ ସେ ନୌକାରେ ଚାଲିଯିବାପାଇଁ ମୁଁ ଅନୁମତି ଦେଉଛି । ହିସ୍‌ପାନିଓଲା ଦ୍ୱୀପ ଖୁବ୍ ନିକଟରେ । ଆପଣ ନିରାପଦରେ ସେଠାରେ ପହଞ୍ଚିପାରିବେ । ମୋ ଉପଦେଶ ମାନି ଆଉ କେବେ ମୋ ବିରୁଦ୍ଧରେ ଯିବେନାହିଁ । ମୋପାଇଁ ଆପଣଙ୍କ ଭାଗ୍ୟ ଭଲନୁହେଁ ।"

ପରାଜିତ ନୌ-ସେନାପତି ନୀରବରେ ନୌକା ଉପରକୁ ଓହ୍ଲାଇଗଲେ । ତାଙ୍କର ବିଜେତା ତାଙ୍କଠାରୁ ଅସ୍ତ୍ର ବାହାର କରି ନେବାକୁ ମଧ ଇଚ୍ଛା କଲେ ନାହିଁ । ତା'ପରେ ବ୍ଲଡ୍ ଛାତ ଉପରେ ଥିବା ଦୁଇଜଣଙ୍କ ଆଡ଼କୁ ଚାହିଁଲେ । ହଠାତ୍ ତାଙ୍କ ମୁହଁ ଶୁଖିଗଲା । ସେ ଶୀଘ୍ର ପାହାଚ ଅତିକ୍ରମ କରି ଉପରକୁ ଉଠିଲେ । ଲର୍ଡ ଜୁଲିଆନ ତାଙ୍କ ନିକଟକୁ ଆଗେଇ ଆସିଲେ ।

– ଆପଣ ସେ ସୟତାନ ସ୍ପେନୀୟଟାକୁ ଛାଡ଼ିଦେଲେ ?

– ଆପଣ କିଏ ? ସେଥିରେ ଆପଣଙ୍କର କ'ଣ ଯାଏ ଆସେ ?

– ମୁଁ ଲର୍ଡ ଜୁଲିଆନ ଉଏଡ୍ ।

ବ୍ଲଡ୍ ନାଁଟା ସଙ୍ଗେ ପରିଚିତ ନଥିଲେ । ସେ କହିଲେ– "ଆପଣ ଯେ ହୁଅନ୍ତୁ ଏ ଜାହାଜରେ କ'ଣ କରୁଥିଲେ ?"

Digitized by srujanika@gmail.com

ଲର୍ଡ ଜୁଲିଆନ ଅସ୍ଥିର ହୋଇ ସଂକ୍ଷେପରେ ସବୁ କହିଗଲେ ।

"ଡନ୍ ମିଗୁଏଲ ତେବେ ଆପଣଙ୍କୁ ଆଉ କୁମାରୀ ବିଶପ୍‌ଙ୍କୁ ବନ୍ଦୀ କରିଥିଲେ ?"

ଆଶ୍ଚର୍ଯ୍ୟ ହୋଇ ଲର୍ଡ ଜୁଲିଆନ ପଚାରିଲେ, "ଆପଣ କୁମାରୀ ବିଶପ୍‌ଙ୍କୁ ଜାଣନ୍ତି ନା କ'ଣ ?"

"ସେ ଭାଗ୍ୟ ମୋର ଥରେ ହୋଇଥିଲା । କିନ୍ତୁ ଜଣାଯାଉଛି କୁମାରୀ ବିଶପ୍‌ଙ୍କ ସ୍ମୃତିଶକ୍ତି କ୍ଷୀଣ ।"

କୁମାରୀ ଆରାବେଲା ଘୃଣାରେ ତାଙ୍କ ଆଡ଼କୁ ଚାହିଁ କହିଲେ, "ଚୋର ଏବଂ ଦସ୍ୟୁଙ୍କ ମଧ୍ୟରେ ମୋର କେହି ବନ୍ଧୁ ନାହାନ୍ତି କ୍ୟାପ୍‌ଟେନ ବ୍ଲଡ୍ ।"

ଲର୍ଡ ଜୁଲିଆନ ଚମକିପଡ଼ିଲେ । "କ୍ୟାପ୍‌ଟେନ୍ ବ୍ଲଡ୍ ! ଆପଣ ତା'ହେଲେ କ୍ୟାପ୍‌ଟେନ୍ ବ୍ଲଡ୍ ?"

"ହଁ ଆଜ୍ଞା ! ବ୍ୟସ୍ତ ହୋଇ ବ୍ଲଡ୍ ଉତ୍ତର ଦେଲେ । ମନରେ ତାଙ୍କର ଅନ୍ୟ ଚିନ୍ତା । ଚୋର ଏବଂ ଦସ୍ୟୁଙ୍କ ମଧ୍ୟରେ ମୋର କେହି ବନ୍ଧୁ ନାହାନ୍ତି ।" ଏଇ ନିଷ୍ଠୁର ବାକ୍ୟ ମନମଧ୍ୟରେ ବାଜିଉଠିଲା ଏବଂ ଆଖିରେ ତାଙ୍କର ଦୁଃଖ ଫୁଟିଉଠିଲା । ସେ ଧୀରଭାବରେ କହିଲେ, "କୁମାରୀ ବିଶପ୍‌ଙ୍କ ସଙ୍ଗେ ଆପଣ ମୋ ଜାହାଜକୁ ଚାଲିଯିବେ କି ? ଯେକୌଣସି ମୁହୂର୍ତ୍ତରେ ଏ ଜାହାଜ ବୁଡ଼ିଯିବ ?"

ଆରାବେଲା ବିଶପ୍‌ଙ୍କ ଆଡ଼କୁ ଚାହିଁ ବ୍ଲଡ୍ ସେଠାରୁ ଚାଲିଗଲେ ।

[୧୫]

ସେଦିନ ସଂଧ୍ୟାରେ ବ୍ଲଡ୍ ଏକା ଏକା ଜାହାଜର ଛାତ ଉପରେ ବୁଲୁଥିଲେ । ପରିବେଶ ଶାନ୍ତ ଥିଲା । ଦିନବେଳେ ଯୁଦ୍ଧର ଚିହ୍ନ ଦୂର ହୋଇଯାଇଥିଲା । ଦଳେ ନାବିକ ରାତ୍ରିର ନୀରବତା ଭାଙ୍ଗି ମନ ଆନନ୍ଦରେ ଗୀତ ଗାଉଥିଲେ । ବ୍ଲଡ୍‌ଙ୍କୁ କିନ୍ତୁ ତାହା ଶୁଣାଯାଉନଥିଲା । ତାଙ୍କୁ ଚୋର ଆଉ ଦସ୍ୟୁ ବୋଲି କୁହାଯାଇଥିବା ଶବ୍ଦଗୁଡ଼ାକର ପ୍ରତିଧ୍ୱନି ବ୍ୟତୀତ ସେ ଆଉ କିଛି ଶୁଣିପାରୁନଥିଲେ ।

– ଚୋର ଏବଂ ଦସ୍ୟୁ !

ତିନି ବର୍ଷ ପୂର୍ବେ ସେ ଯେତେବେଳେ ଟର୍‌ଟୁଗାରେ ଏଇ ବିପଦସଂକୁଳ ଜୀବନ ଆରମ୍ଭ କଲେ ସେତେବେଳେ ସେ ଜାଣିଥିଲେ ଯେ ଏଥିପାଇଁ କୁମାରୀ ଆରାବେଲା ବିଶପ୍ ତାଙ୍କୁ ଘୃଣା କରିବେ । କିନ୍ତୁ ସେ ବୁଝିଥିଲେ କୁମାରୀ ବିଶପ୍‌ଙ୍କୁ ସେ ଚିରଦିନପାଇଁ ହରାଇଛନ୍ତି । ଜୀବନରେ ତାଙ୍କ ସଙ୍ଗେ ଆଉ ଦେଖାହେବା ସେ ଆଶା କରିନଥିଲେ । ତଥାପି ତାଙ୍କରିପାଇଁ ସେ ନିଜ ଦଳରେ କଠୋର ନିୟମାବଳୀ ପ୍ରଣୟନ

Digitized by srujanika@gmail.com

କରିଥିଲେ ଏବଂ ଅନ୍ୟ ଜଳଦସ୍ୟୁଙ୍କ ପରି ଅମାନୁଷିକ ଏବଂ ପାଶବିକ ହେବାପାଇଁ ତାଙ୍କର କର୍ମଚାରୀମାନଙ୍କୁ ନିଷେଧ କରିଥିଲେ । ତେବେ ବି କୁମାରୀ ଆରାବେଲା କହିଲେ ଯେ ଚୋର ଏବଂ ଦସ୍ୟୁଙ୍କ ମଧ୍ୟରେ ତାଙ୍କର କେହି ବନ୍ଧୁନାହାନ୍ତି ।

ଚୋର ଏବଂ ଦସ୍ୟୁ । ଶବ୍ଦଗୁଡ଼ାକ ତାଙ୍କ ଅନ୍ତରକୁ ଜାଳିଦେଲା । କୁମାରୀ ଆରାବେଲା ତାଙ୍କୁ ଏଇ ସମ୍ବୋଧନ କଲେ । ତାଙ୍କ ପ୍ରତି ଯେଉଁ ଘୋର ଅନ୍ୟାୟ କରାଯାଇଛି ତାହା ସେ ବୁଝିଲେନାହିଁ ? ସେଇ ପଦେ କଥାରେ ସେ ତାଙ୍କୁ ଦୋଷୀ କରି ଦଣ୍ଡବିଧାନ ମଧ୍ୟ କରିଗଲେ । ତାଙ୍କ ଆଖିରେ ବ୍ଲଡ୍ ଜଣେ ଚୋର ଆଉ ଦସ୍ୟୁ– ଅନ୍ୟ କିଛି ନୁହଁ ! ଦୁଃଖରେ ତାଙ୍କର ଅନ୍ତରରୁ କୋହ ଜାତ ହେଲା ।

ଲର୍ଡ ଜୁଲିଆନ୍ କ୍ୟାପ୍‌ଟେନ୍ ବ୍ଲଡ୍‌ଙ୍କ ଅପେକ୍ଷା ନାରୀ ଚରିତ୍ର ଅଧିକ ଜାଣିଥିଲେ । ସେ ଏ ସମସ୍ୟାର ସମାଧାନ କରିବାକୁ ଚିନ୍ତା କଲେ । କୁମାରୀ ବିଶପ୍ ବ୍ଲଡ୍‌ଙ୍କ ଉପରେ ଏଡ଼େ ନିଷ୍ଠୁର କାହିଁକି ? ସ୍ପେନୀୟ ଜାହାଜରୁ ତାଙ୍କର ରକ୍ଷାପାଇଁ ସେ କୃତଜ୍ଞତା ପ୍ରକାଶ ନକଲେ କାହିଁକି ? ବ୍ଲଡ୍ କ୍ରୀତଦାସ ଥିବାବେଳେ ସେ ତାଙ୍କୁ କେତେଦୂର ଜାଣିଛନ୍ତି ? ଲର୍ଡ ଜୁଲିଆନ୍ ଲକ୍ଷ୍ୟକଲେ ଯେ ବ୍ଲଡ୍‌ଙ୍କ ଜାହାଜର ନାଁ ଆରାବେଲା । ଏଣେ କୁମାରୀ ବିଶପ୍‌ଙ୍କ ନାଁ ମଧ୍ୟ ଆରାବେଲା । ନିଶ୍ଚୟ ୟା ଭିତରେ କିଛି ସମ୍ବନ୍ଧ ଅଛି । ଲେଭାସିଓର ସଙ୍ଗେ ବ୍ଲଡ୍‌ଙ୍କ ଯୁଦ୍ଧ ଏବଂ କୁମାରୀ ଓଗେରନ୍‌ଙ୍କ ଉଦ୍ଧାର କଥା କହିଲାବେଳେ କୁମାରୀ ବିଶପ୍‌ଙ୍କର ଅନାଗ୍ରହ ସେ ଲକ୍ଷ୍ୟ କରିଛନ୍ତି । କୁମାରୀ ବିଶପ୍‌ଙ୍କର ବର୍ତ୍ତମାନ ବ୍ୟବହାର ତେବେ କ'ଣ କ୍ରୋଧ ଏବଂ ଈର୍ଷାଜନିତ ? ଲର୍ଡ ଜୁଲିଆନ୍‌ଙ୍କ ଜିଜ୍ଞାସୁ ଆଖି କୁମାରୀ ବିଶପ୍‌ଙ୍କ ଉପରେ ବୁଲିଆସିଲା । ସେ କାହିଁକି ବ୍ଲଡ୍‌ଙ୍କୁ ଏତେ ଘୃଣା କରନ୍ତି ? ମନେ ମନେ କହିଉଠିଲେ ଲର୍ଡ ଜୁଲିଆନ୍ ।

ଲର୍ଡ ଜୁଲିଆନ୍ ନିଜେ କ୍ୟାପ୍‌ଟେନ୍ ବ୍ଲଡ୍‌ଙ୍କୁ ଜଣେ ନାବିକ ଏବଂ ଜଣେ ମନୁଷ୍ୟ ହିସାବରେ ଖୁବ୍ ପସନ୍ଦ କଲେ । ଏହି ଜଳଦସ୍ୟୁକୁ ପୁଣି ଜଣେ ଭଦ୍ର ନାଗରିକ କରିବାର ସୁଯୋଗ ପାଇଥିବାରୁ ସେ ଆନନ୍ଦିତ ହେଲେ । ସେ ଜାହାଜର ଛାତ ଉପରେ ବ୍ଲଡ୍‌ଙ୍କୁ ବୁଲୁଥିବାର ଦେଖିଲେ । ନୀରବରେ ଯାଇ ସେ ନିଜ ହାତରେ ବ୍ଲଡ୍‌ଙ୍କ ହାତ ଧରି ତାଙ୍କ ସାଥିରେ ପଦଚାରଣ କଲେ ।

ସଂକ୍ଷେପରେ ବ୍ଲଡ୍ ପଚାରିଲେ, ''ଏ କ'ଣ ?'' ସେତେବେଳେ ତାଙ୍କ ମନର ଅବସ୍ଥା ଭଲନଥିଲା ।

ଲର୍ଡ ଜୁଲିଆନ୍ ବିଚଳିତ ନହୋଇ ଉତ୍ତରଦେଲେ, ''ମୁଁ ଚାହେଁ ଆମ ମଧ୍ୟରେ ବନ୍ଧୁତା । ମୁଁ ଆପଣଙ୍କୁ ଖୋଜିବାପାଇଁ ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜକୁ ଆସିଥିଲି । ବିଧାତାର ବିଧାନ ବିଚିତ୍ର । ଆମର ସାକ୍ଷାତ୍ ଏପରିଭାବରେ ଘଟିଲା ।'' ତା'ପରେ

Digitized by srujanika@gmail.com

ସେ ତାଙ୍କ ଯାତ୍ରାର ଉଦ୍ଦେଶ୍ୟ ବୁଝାଦେଲେ ।

ସବୁ ଶୁଣିଲା ପରେ କ୍ୟାପ୍‌ଟେନ୍ ବ୍ଲଡ୍ ତାଙ୍କ ହାତ ଖସାଇନେଇ ଲର୍ଡ ଜୁଲିଆନ୍‌ଙ୍କ ଆଗରେ ସଳଖି ଠିଆହେଲେ ।

"ଆପଣ ଏ ଜାହାଜରେ ମୋର ଅତିଥି । ମୁଁ ଚୋର ବା ଦସ୍ୟୁ ହେଲେ ମଧ୍ୟ ମୋର ଭଦ୍ର ବ୍ୟବହାର ବିଷୟରେ କିଛି ଜ୍ଞାନ ଅଛି । ତେଣୁ ଆପଣ ଯେଉଁ ପ୍ରସ୍ତାବ ଦେଲେ ସେଥିରେ ଆପଣଙ୍କ ଉପରେ ମୋର ଧାରଣା କିମ୍ବା ଲର୍ଡ ସଣ୍ଡରଲାଣ୍ଡ୍ ଆପଣଙ୍କୁ ପଠାଇଥିବାରୁ ତାଙ୍କ ଉପରେ ମୋର ଧାରଣା କ'ଣ ମୁଁ କହିବିନାହିଁ । କିନ୍ତୁ ଆପଣ କ'ଣ ଭାବୁଛନ୍ତି ମୁଁ ରାଜା ଜେମ୍‌ସଙ୍କ ଅଧୀନରେ ଚାକିରି ଗ୍ରହଣ କରିପାରେ ? ମୁଁ ଆପଣଙ୍କୁ କହୁଛି, ଏହା କରି ମୁଁ ମୋ ହାତକୁ କଳଙ୍କିତ କରିପାରିବିନାହିଁ– ହୋଇପାରେ ଏହା ଚୋର ବା ଦସ୍ୟୁର ହାତ । କିଏ ମୋତେ ଆଜି ଚୋର ଆଉ ଦସ୍ୟୁ କରିଛି ? ଆପଣଙ୍କ ରାଜା ଜେମ୍‌ସ ଷ୍ଟୁଆର୍ଟ ନୁହଁନ୍ତି କି ? ମୁଁ ବିଦ୍ରୋହ କରିନଥିଲି । ଡାକ୍ତର ହିସାବରେ ମୋର କର୍ତ୍ତବ୍ୟ କରି ମୁଁ ଦଣ୍ଡପାଇଛି– କାରଣ ମୁଁ ଜଣେ ବିଦ୍ରୋହୀର ଚିକିତ୍ସା କରିଥିଲି । ବିଚାରର ବିବରଣୀରେ ଆପଣ ଏହା ପାଇବେ । ସେଇଥିପାଇଁ ମୁଁ କ୍ରୀତଦାସ ରୂପେ ବିକାହେଲି ।"

କ୍ରୋଧର ଚରମ ସୀମାରେ ସେ ପହଞ୍ଚିଗଲେ । ହଠାତ୍ ସେ କଥା ବନ୍ଦକରି ଏକ ବିରସ ହସ ହସିଲେ । ତା'ପରେ ପୁଣି କହିଲେ, "ତଥାପି କାରଣ ନଥାଇ ମୁଁ କେବେ ଉତ୍ତ୍ୟକ୍ତ ହୁଏନାହିଁ । ଆପଣଙ୍କ ମହତ୍ ଉଦ୍ଦେଶ୍ୟ ଯୋଗୁଁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ ! ମୁଁ ଭାବୁଛି ଆପଣ ନିଶ୍ଚୟ ମୋ ଅନ୍ତରର ଭାବ ବୁଝିପାରୁଥିବେ ।"

ଲର୍ଡ ଜୁଲିଆନ୍ ନିଶ୍ଚଳ ହୋଇ ଠିଆହେଲେ । ବ୍ଲଡ୍‌ଙ୍କ କ୍ରୋଧପୂର୍ଣ୍ଣ ଉକ୍ତି ତାଙ୍କ ମନରେ ଗଭୀର ରେଖାପାତ କଲା । ବାସ୍ତବିକ ବ୍ଲଡ୍‌ଙ୍କ ପ୍ରତି ଏ ଅବିଚାର ଅମାନୁଷିକ । ସେ ବ୍ଲଡ୍‌ଙ୍କ ସୁନ୍ଦର ଭୟଶୂନ୍ୟ ମୁହଁକୁ ଚାହିଁରହିଲେ । ଦୀର୍ଘନିଃଶ୍ୱାସ ପକାଇ ସେ କହିଲେ, "ପ୍ରକୃତରେ ଏହା ଅତ୍ୟନ୍ତ ଦୁଃଖର କଥା; କିନ୍ତୁ ଆମ ଭିତରେ ତ କୌଣସି କଳହନାହିଁ କ୍ୟାପ୍‌ଟେନ୍ ବ୍ଲଡ୍ !"

"ନା, କୌଣସି କଳହନାହିଁ । କିନ୍ତୁ... ମୁଁ ଗୋଟାଏ ଚୋର ଆଉ ଦସ୍ୟୁ ।" ବିରସ ହସ ହସି ଆଉ ମୁହୂର୍ତ୍ତେ ମଧ୍ୟ ଅପେକ୍ଷା ନକରି କ୍ୟାପଟେନ୍ ବ୍ଲଡ୍ ସେଠାରୁ ଚାଲିଗଲେ ।

ଲର୍ଡ ଜୁଲିଆନ୍ ତାଙ୍କ ଆଡ଼କୁ ଚାହିଁ ମନେ ମନେ କହିଉଠିଲେ, "ମୋ ଜୀବନରେ ମୁଁ ଅନ୍ୟ କୌଣସି ଲୋକକୁ ଭେଟିନାହିଁ ଯାହାକୁ ମୁଁ ଅଧିକ ଭଲପାଏ । ତଥାପି ତାଙ୍କପାଇଁ ମୁଁ କିଛି କରିପାରିବିନାହିଁ ।"

Digitized by srujanika@gmail.com

[୧୬]

ତିନିମାସ ପରେ କ୍ୟାପ୍‌ଟେନ୍ ବ୍ଲଡ୍ ଟରଟୁଗାରେ ପହଞ୍ଚିଲେ । ବାଟରେ ଜାମାଇକାର ରାଜଧାନୀ ପୋର୍ଟ ରୟାଲଠାରେ କୁମାରୀ ବିଶପ୍ ଏବଂ ଲର୍ଡ ଜୁଲିଆନ୍‌ଙ୍କୁ ଓହ୍ଲାଇଦିଆଗଲା । ଡେପୁଟି ଗଭର୍ଣ୍ଣର ବିଶପ୍ ତାଙ୍କୁ ପାଇବା ପୂର୍ବରୁ ବ୍ଲଡ୍ ଜାହାଜ ନେଇ ଚାଲିଯାଇଥିଲେ । ବ୍ଲଡ୍ ତାଙ୍କ ଝିଆରୀଙ୍କୁ ଉଦ୍ଧାର କରିଥିବାରୁ ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବା ପରିବର୍ତ୍ତେ ସେନାପତି ବିଶପ୍ ତାଙ୍କୁ ଅଧିକ ଘୃଣା କରିବାରେ ଲାଗିଲେ । ଆରାବେଲା ଜାହାଜ ତାଙ୍କ ହାବୁଡ଼ରୁ ଖସିଯାଇଥିବାରୁ ସେ ରାଗରେ ଜଳୁଥିଲେ । ଶେଷରେ ଜାମାଇକାର ସମସ୍ତ ଜାହାଜ ନେଇ ସେ ତାଙ୍କ ଶତ୍ରୁକୁ ଖୋଜି ଆକ୍ରମଣ କରିବାପାଇଁ ସ୍ଥିର କଲେ । ସେ ଜାଣିଥିଲେ ଯେ ଜଳଦସ୍ୟୁମାନେ ବେଶି ଦିନ ଟର୍‌ଟୁଗାରେ ରହିବେନାହିଁ । ସେମାନେ ସମୁଦ୍ର ଯାତ୍ରା ଆରମ୍ଭ କରିବାମାତ୍ରେ ସେନାପତି ବିଶପ୍ ତାଙ୍କୁ ଆକ୍ରମଣ କରିବେ । ସେତେବେଳକୁ ଫ୍ରାନ୍‌ସ ଏବଂ ସ୍ପେନ୍ ସହିତ ଇଂଲଣ୍ଡର ଯୁଦ୍ଧ ଲାଗିଯିବାର ଯଥେଷ୍ଟ ସମ୍ଭାବନା ଥିଲା । ତେଣୁ ସେତେବେଳେ ଡେପୁଟି ଗଭର୍ଣ୍ଣର ହିସାବରେ ଜାମାଇକାରେ ରହିବା ତାଙ୍କର କର୍ତ୍ତବ୍ୟ । ମାତ୍ର ସେ ନିଜର କର୍ତ୍ତବ୍ୟ ପ୍ରତି ମଧ୍ୟ ଧ୍ୟାନ ଦେଲେନାହିଁ ।

ଫ୍ରାନ୍‌ସର ଚତୁର୍ଦ୍ଦଶ ଲୁଇ ସାରା ଇଉରୋପରେ ଯୁଦ୍ଧର ନିଆଁ ଜାଳି ଦେଇଥିଲେ । ତା ବ୍ୟତୀତ ନିଷ୍ଠୁର ରାଜା ଜେମ୍‌ସଙ୍କ ସ୍ୱାର୍ଥପରତାରେ ଇଂଲଣ୍ଡର ଲୋକେ ଘୋର ଅସନ୍ତୁଷ୍ଟ ଥିଲେ ଏବଂ ଇଂଲଣ୍ଡରେ ଗୃହଯୁଦ୍ଧ ଲାଗିଯିବାର ଶୁଣାଯାଉଥିଲା । ଆଉ ମଧ୍ୟ ଶୁଣାଯାଉଥିଲା ଲୋକେ ଅରେନ୍‌ଜର ଉଇଲିୟମ୍‌ଙ୍କୁ ଇଂଲଣ୍ଡ ସିଂହାସନ ଅଧିକାର କରିବାପାଇଁ ଆହ୍ୱାନ କରିଥିଲେ ।

ସପ୍ତାହ ପରେ ସପ୍ତାହ ବିତିଗଲା । ଇଂଲଣ୍ଡରୁ ଆସୁଥିବା ପ୍ରତ୍ୟେକ ଜାହାଜରେ ନୂଆ ନୂଆ ଖବର ଆସୁଥିଲା । ୧୬୮୯ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ଜାମାଇକାରେ ଖବର ପହଞ୍ଚିଲା ଯେ ଉଇଲିୟମ୍ ଇଂଲଣ୍ଡର ରାଜମୁକୁଟ ଗ୍ରହଣ କରିଛନ୍ତି ଏବଂ ଜେମ୍‌ସ ଫ୍ରାନ୍‌ସକୁ ପଳାୟନ କରିଛନ୍ତି । ଏତେବେଳେ କର୍ତ୍ତବ୍ୟଦୃଷ୍ଟିରୁ ସେନାପତି ବିଶପ୍ ପୋର୍ଟ ରୟାଲରେ ଉପସ୍ଥିତ ରହିବା କଥା । କିନ୍ତୁ ବ୍ଲଡ୍‌ଙ୍କ ପ୍ରତି ଘୃଣା ଭିତରେ ତାଙ୍କର କର୍ତ୍ତବ୍ୟବୋଧ ଲୋପ ପାଇଥିଲା । ଇଂରେଜ ଜାହାଜ ଇମ୍ପେରେଟର୍‌ର କୋଠରିରେ ବସି ସେ ବ୍ଲଡ୍‌ଙ୍କ ଦସ୍ୟୁ-ଜୀବନର ଶେଷ ମୁହୂର୍ତ୍ତ ମନେ ମନେ ଚିନ୍ତା କରି ମାତାଲ ହୋଇଉଠୁଥିଲେ ।

ଇତ୍ୟବସରରେ ଟର୍‌ଟୁଗାକୁ ଫେରି ବ୍ଲଡ୍ ଦେଖିଲେ ଯେ ତାଙ୍କର ଅନ୍ୟ ଚାରୋଟି ଜାହାଜ ତାଙ୍କୁ ଅପେକ୍ଷା କରିଛନ୍ତି । ସେତେବେଳେ ତାଙ୍କ ମନର ଅବସ୍ଥା ଭଲନଥିଲା ।

Digitized by srujanika@gmail.com

ବେଳେବେଳେ ସେ ନିଜକୁ ପ୍ରଶ୍ନ କରୁଥିଲେ– କାହିଁକି ସେ ଟର୍‌ଟୁଗା ଫେରିଲେ ? ତାଙ୍କୁ ଚୋର ଆଉ ଦସ୍ୟୁ ବୋଲି କହି ଆରାବେଲା ଯେଉଁ ଘୃଣା ପ୍ରକାଶ କଲେ ସେଥିରେ ସେ ଦସ୍ୟୁବୃତ୍ତି ଛାଡ଼ିଦେବା ସ୍ଥିର କରିଥିଲେ । କାହିଁକି ତେବେ ସେ ପୁଣି ଟର୍‌ଟୁଗା ଆସିଲେ ? ଏ ପ୍ରଶ୍ନର ଉତ୍ତର ସେ ଅନ୍ୟ ଏକ ପ୍ରଶ୍ନରେହିଁ ପାଇଲେ– ଆଉ କେଉଁଠାକୁ ସେ ଯିବେ ? ଜଣାଗଲା, ସେ ଯେପରି ଆଗକୁ ବା ପଛକୁ ଯାଇପାରିବେନାହିଁ । ଶେଷରେ ବ୍ଲଡ୍‌ଙ୍କ ଚିନ୍ତା ଦୂର କରିବାକୁ ଏକ ଘଟଣା ଘଟିଲା । ଦିନେ ସକାଳେ ଟର୍‌ଟୁଗାର ଗଭର୍ଣ୍ଣର ଆରାବେଲା ଜାହାଜରେ ପହଞ୍ଚିଲେ । ସାଥିରେ ତାଙ୍କର ଜଣେ ସୁସ୍ଥ ସବଳ ଭଦ୍ରବ୍ୟକ୍ତି । ମିଷ୍ଟର୍ ଓଗେରନ୍ ତାଙ୍କର ପରିଚୟ ଦେଲେ । ସେ ଫରାସୀ ହିସ୍‌ପାନିଓଲାର ଗଭର୍ଣ୍ଣର ମିଷ୍ଟର୍ ଡି.କୁସି ।

ବ୍ଲଡ୍ ଏବଂ ଡି. କୁସି ପରସ୍ପରକୁ ଅଭିବାଦନ କଲେ । ଗଭର୍ଣ୍ଣର କୁସି କହିଲେ, ‘‘ଶୁଣୁଛି ଆପଣଙ୍କର ଏଠାରେ ଏକ ବଡ଼ ଦଳ ଅଛି ?’’

– ହଁ, ପ୍ରାୟ ଆଠଶହ ଜଣ ।

‘‘ଆଉ ମଧ ଶୁଣିଲି ସେମାନେ କିଛି ନକରି ବସି ବସି ବିରକ୍ତ ହୋଇଗଲେଣି ?’’

– ସେମାନେ ଇଚ୍ଛା କଲେ ଯାହା ଇଚ୍ଛା ତାହା କରିପାରନ୍ତି ।

ମିଷ୍ଟର୍ କୁସି ସାମାନ୍ୟ ହସିଲେ– ‘‘ମୁଁ ଆଉ ଏକ ଭଲ ପ୍ରସ୍ତାବ ଦେବି । ଫ୍ରାନ୍‌ସରୁ ଆମେ ଖବରପାଇଛୁ ଯେ ସ୍ପେନ୍ ସହ ଆମର ଯୁଦ୍ଧ ଲାଗିଛି । ଏଇ ନୂତନ ଜଗତ ପଶ୍ଚିମ-ଭାରତୀୟ ଦ୍ୱୀପପୁଞ୍ଜକୁ ସେ ଯୁଦ୍ଧ ଟାଣିଆଣିବା ଆମର ଉଦ୍ଦେଶ୍ୟ । ସେଥିପାଇଁ ମିଷ୍ଟର୍ ବାରନ୍ ରିଭାରଲ୍‌ଙ୍କ ଅଧୀନରେ ଏକ ନୌବାହିନୀ ଫ୍ରାନ୍‌ସର ବ୍ରେଷ୍ଟ୍ ବନ୍ଦରରୁ ଆସୁଛି । ତାଙ୍କ ସହ ଯୋଗଦେବା ପାଇଁ ଏକହଜାର ଲୋକ ଯୋଗାଡ଼ କରିବାକୁ ସେ ମୋ ନିକଟକୁ ଲେଖିଛନ୍ତି । ତେଣୁ ଆପଣ ଆପଣଙ୍କ ଜାହାଜ ସହ ରିଭାରଲ୍‌ଙ୍କ ପତାକା ତଳେ ଯୋଗଦେବାପାଇଁ ପ୍ରସ୍ତାବ ଦେବାକୁ ମୁଁ ଆସିଛି ।’’

କ୍ୟାପ୍‌ଟେନ୍ ବ୍ଲଡ୍ କିଛି ସମୟ ଚିନ୍ତା କଲେ । ଏହା ଅନ୍ତତଃ ଦସ୍ୟୁବୃତ୍ତି ନୁହେଁ; ଫ୍ରାନ୍‌ସ ରାଜାଙ୍କ ଅଧୀନରେ ସମ୍ମାନଜନକ ଚାକିରି । ‘‘ମୁଁ ମୋର କର୍ମଚାରୀମାନଙ୍କୁ ପଚାରେ ।’’ ବ୍ଲଡ୍ ଉତ୍ତର ଦେଲେ । ତା’ପରେ ସେ ହାଗ୍‌ଥ୍ରପ୍, ଉଲରଷ୍ଟୋନ୍ ଏବଂ ଉଆଇବର୍‌ଭାଇଲ୍‌ଙ୍କୁ ଡକାଇଲେ । ଏହି ଉଆଇବର୍‌ଭାଇଲ୍ ଫ୍ରାନ୍‌ସର ଜଣେ ଜଳଦସ୍ୟୁ ଏବଂ ଲାଚେସିସ୍ ନାମକ ଜାହାଜର ଅଧ୍ୟକ୍ଷ । କେତେକ ସର୍ତ୍ତ ବିଷୟରେ ଆଲୋଚନା ପରେ ସେହିଦିନ ଚୁକ୍ତି ସ୍ୱାକ୍ଷରିତ ହେଲା । ସ୍ଥିର ହେଲା ଜାନୁୟାରୀ ଶେଷ ବେଳକୁ ଜଳଦସ୍ୟୁମାନେ ପେଟିଟ୍ ଗୋଆଭ୍ ଉପସାଗରରେ ପହଞ୍ଚିବେ । ରିଭାରଲ୍ ମଧ ସେହି ସମୟରେ ସେଠାରେ ପହଞ୍ଚିବା ଆଶା କରାଯାଉଥିଲା ।

Digitized by srujanika@gmail.com

ତା' ପର ମାସରେ କ୍ୟାପ୍ଟେନ୍ ବ୍ଲଡ୍ ଏବଂ ତାଙ୍କ ନୌବାହିନୀ ଟର୍‌ଟୁଗାରୁ ବାହାରି ପେଟିଟ୍ ଗୋଆଭ୍ ଉପସାଗରରେ ପହଞ୍ଚିଲେ । କିଛିଦିନ ପରେ ରିଭାରଲ୍ ସେଠାରେ ପହଞ୍ଚିଲେ । ନିଗ୍ରୋ ଓ ସ୍ୱେଚ୍ଛାସେବକମାନଙ୍କୁ ମିଶାଇ ବାରଶହ ଜଣ ରିଭାରଲ୍‌ଙ୍କ ଅଧୀନରେ ଥିଲେ । କ୍ୟାପ୍ଟେନ୍ ବ୍ଲଡ୍‌ଙ୍କ ଆଠଶହ ଜଳଦସ୍ୟୁ ତାଙ୍କ ସହ ମିଶିବାରୁ ଏକ ଶକ୍ତିଶାଳୀ ନୌବାହିନୀ ଗଠିତ ହେଲା । ମାର୍ଚ୍ଚ ମାସ ମଧ୍ୟଭାଗରେ ସେମାନେ ସ୍ପେନ୍‌ର ନୌବାହିନୀକୁ ଆକ୍ରମଣ କରିବା ଉଦ୍ଦେଶ୍ୟରେ କାର୍ଟାଜେନା ଅଭିମୁଖେ ଯାତ୍ରାକଲେ ।

ଏଣେ ଦୁଇଦିନ ପରେ ସେନାପତି ବିଶପ୍‌ଙ୍କ ଜାମାଇକା ନୌବାହିନୀ ବ୍ଲଡ୍‌ଙ୍କୁ ଖୋଜିବା ଉଦ୍ଦେଶ୍ୟରେ ଟର୍‌ଟୁଗା ଦିଗରେ ଯାତ୍ରା କଲା । କାହା ସହିତ କାହାର ଭେଟ ହୋଇପାରିଲାନାହିଁ ।

[୧୭]

ଏପ୍ରିଲ ମାସ ଆରମ୍ଭରେ ଫରାସୀ ନୌବାହିନୀ କାର୍ଟାଜେନା ନିକଟରେ ପହଞ୍ଚିଲା । ମିଷ୍ଟର ରିଭାରଲ୍ ତାଙ୍କ ପ୍ରଧାନ ଜାହାଜରେ ଅନ୍ୟମାନଙ୍କ ସହ ଆକ୍ରମଣ ପଦ୍ଧତି ବିଷୟ ଆଲୋଚନା କରୁଥାନ୍ତି । ସେ କହିଲେ, "ଆମେ ଅତର୍କିତଭାବରେ ସହର ଦଖଲ କରିନେବା ହେଲା ଗୁରୁତ୍ୱପୂର୍ଣ୍ଣ । ତା'ହେଲେ ସେମାନେ ପ୍ରତିରୋଧ କରିପାରିବେନାହିଁ କିମ୍ବା ସହରରୁ ଧନରତ୍ନ ଦ୍ୱୀପର ଅଭ୍ୟନ୍ତରଣକୁ ନେଇଯାଇପାରିବେନାହିଁ । ଆଜି ରାତି ଅନ୍ଧାରରେ ଦଳେ ସୈନ୍ୟଙ୍କୁ ସହରର ଉତ୍ତର ପାଖରେ ଓହ୍ଲାଇଦେବାକୁ ମୁଁ ଭାବୁଛି ।" ସେ ତାଙ୍କ ଯୋଜନା ଟିକିନିଖି କରି ବୁଝାଇଲେ ।

ତାଙ୍କର କର୍ମଚାରୀମାନେ ମନଦେଇ ତାଙ୍କ କଥା ଶୁଣୁଥାନ୍ତି; କିନ୍ତୁ କ୍ୟାପ୍ଟେନ୍ ବ୍ଲଡ୍ ସେଥିରେ ମୋଟେ କାନ ଦେଉନଥାନ୍ତି । ସମ୍ମୁଖରେ କି କି ଅସୁବିଧା ତାହା ସେ ଜାଣିଥିଲେ । କାରଣ ଦୁଇବର୍ଷ ପୂର୍ବେ ସେ ଏ ସହର ଆକ୍ରମଣ କରିବାର ଯୋଜନା କରିଥିଲେ । ସେ ଗୁପ୍ତଭାବରେ କାର୍ଟାଜେନାରେ ପ୍ରବେଶ କରି ପ୍ରତ୍ୟେକ ସ୍ଥାନ ଭଲଭାବରେ ଦେଖିଥିଲେ । ଅନ୍ୟପକ୍ଷରେ କାର୍ଟାଜେନା ବିଷୟରେ ରିଭାରଲ୍‌ଙ୍କ ଜ୍ଞାନ କେବଳ ମାନଚିତ୍ର ମଧ୍ୟରେ ସୀମାବଦ୍ଧ ଥିଲା । କାର୍ଟାଜେନାର ଭୌଗୋଳିକ ଅବସ୍ଥିତିରେ କେତେକ ବୈଶିଷ୍ଟ୍ୟ ଥିଲା । ଉତ୍ତର ଏବଂ ପୂର୍ବ ଦିଗରେ ଏହା ପାହାଡ଼ଦ୍ୱାରା ସୁରକ୍ଷିତ । ସହରର ପ୍ରବେଶପଥର ଦକ୍ଷିଣ ଦିଗରେ ଦୁଇଟି ପ୍ରାକୃତିକ ପୋତାଶ୍ରୟ । ପ୍ରଥମ ପୋତାଶ୍ରୟରେ ପ୍ରବେଶ କରିବାକୁ ଏକ ଅଣଓସାରିଆ ପ୍ରଣାଳୀ

Digitized by srujanika@gmail.com

ଦେଇ ଯିବାକୁ ହେବ । ଏହା ଏକ ଦୁର୍ଗଦ୍ୱାରା ସୁରକ୍ଷିତ । ପ୍ରଥମ ପୋତାଶ୍ରୟ ପରେ ଆଉ ଏକ ଅତି ଅଣଓସାରିଆ ପ୍ରଣାଳୀ । ଏହା ଭିତରେ ପୋତାଶ୍ରୟର ପ୍ରବେଶପଥ । ଏହି ପ୍ରଣାଳୀ ଅନ୍ୟ ଏକ ଦୁର୍ଗଦ୍ୱାରା ସୁରକ୍ଷିତ । ତେଣୁ ଏ ପୋତାଶ୍ରୟ ପୂର୍ଣ୍ଣ ନିରାପଦ । ପଶ୍ଚିମ ଏବଂ ଉତ୍ତର-ପଶ୍ଚିମ ଦିଗରେ ସହରଟି ସମୁଦ୍ର ଆଡ଼କୁ ଉନ୍ମୁକ୍ତ । ଏ ଦିଗରେ ପ୍ରତିରକ୍ଷାର କିଛି ବ୍ୟବସ୍ଥା ନଥିଲା ଏହା ମିଷ୍ଟର୍ ଡି. ରିଭାଲ୍‌ଙ୍କୁ ଭ୍ରାନ୍ତପଥକୁ ଟାଣିନେଲା ।

କ୍ୟାପ୍‌ଟେନ୍ ବ୍ଲଡ୍‌ଙ୍କର କିନ୍ତୁ ଏ ବିଷୟରେ ଅଧିକ ଜ୍ଞାନ ଥିଲା । ସେ କହିଲେ, ‘‘ମିଷ୍ଟର୍ ବାରନ୍, ଆପଣ ନିଶ୍ଚୟ ଆକ୍ରମଣ ଯୋଜନା ଆଲୋଚନା କରିବାକୁ ଆମକୁ ଡାକିଥିଲେ ।’’

‘‘ତାହେଲେ ଆପଣ ଭୁଲ ବୁଝିଛନ୍ତି । ଆପଣ ମୋ ଆଦେଶ ପାଳନ କରିବା କଥା । ମୁଁ ଯୋଜନା ପ୍ରସ୍ତୁତ କରିସାରିଛି । ବୁଝିଲେ ତ ?’’

ହସି ହସି ବ୍ଲଡ୍ ଉତ୍ତରଦେଲେ, ‘‘ଓଃ, ମୁଁ ବୁଝିଲି । କିନ୍ତୁ ଆପଣ ବୁଝିଛନ୍ତି ତ ?’’ ବାରନ୍‌ଙ୍କୁ ଉତ୍ତର ଦେବାପାଇଁ ସମୟ ନଦେଇ ସେ କହିଚାଲିଲେ, ‘‘ଆପଣ କହୁଛନ୍ତି ଯେ ଆପଣ ଯୋଜନା ସ୍ଥିର କରିସାରିଛନ୍ତି । କିନ୍ତୁ ମୋ କଥା ଶୁଣିଲା ପରେ ଯଦି ଆମ ସମସ୍ତଙ୍କୁ ଧ୍ୱଂସ କରିବା ଆପଣଙ୍କ ଉଦ୍ଦେଶ୍ୟ ନଥାଏ ତେବେ ଆପଣ ନିଶ୍ଚୟ ଆପଣଙ୍କ ବିଚାର ବଦଳାଇବେ । ଉତ୍ତର ଦିଗରୁ ଏହି କାର୍ଟାଜେନା ସହର ଆକ୍ରମଣ କରିବା ବେଶ୍ ସହଜ ଜଣାଯାଉଛି । କିନ୍ତୁ ନିଜକୁ ପଚାରନ୍ତୁ ମିଷ୍ଟର୍ ବାରନ୍, ସ୍ପେନୀୟ ମାନେ ଏହାକୁ ଦକ୍ଷିଣ ଦିଗରୁ ସୁରକ୍ଷା କରିବାପାଇଁ ଏତେ ଯତ୍ନ କରିଛନ୍ତି କାହିଁକି ?’’

ମିଷ୍ଟର୍ ରିଭାରଲ୍ ନୀରବରେ ଓଠ କାମୁଡ଼ିଲେ । ବ୍ଲଡ୍ ପୁଣି କହିଲେ, ‘‘ଆପଣ ଯେପରି ଭାବୁଛନ୍ତି, ସ୍ପେନୀୟମାନେ ସେତେ ବୋକା ନୁହନ୍ତି । ଦୁଇବର୍ଷ ପୂର୍ବେ ମୁଁ ଏ ସହରକୁ ପରୀକ୍ଷା କରି ଦେଖିଥିଲି । କାରଣ ମୁଁ ଏ ସହର ଆକ୍ରମଣ କରିବାର ଯୋଜନା କରିଥିଲି । ଯେଉଁ ଉତ୍ତର ଦିଗରୁ ସହର ଆକ୍ରମଣ କରିବା ସହଜ ମନେହେଉଛି ସେ ଦିଗରେ କୂଳରୁ ସମୁଦ୍ର ଭିତରକୁ ପ୍ରାୟ ଅଧମାଇଲିଏ ପର୍ଯ୍ୟନ୍ତ ପାଣିର ଗଭୀରତା ଖୁବ୍ କମ୍ । କୌଣସି ଜାହାଜ କମାଣ ଚଳାଇବାପାଇଁ କୂଳ ନିକଟକୁ ଯାଇପାରିବନାହିଁ । ମୁଁ ଏହା ଅନୁସନ୍ଧାନ କରି ଜାଣିଛି ।’’

ଜଣେ ଫରାସୀ ଅଫିସର କହିଉଠିଲେ, ‘‘କିନ୍ତୁ ଆମେ ଛୋଟ ନୌକାରେ ଆମ ସୈନ୍ୟମାନଙ୍କୁ କୂଳନିକଟକୁ ନେଇଯାଇପାରିବା ।’’

‘‘ତା ମଧ୍ୟ ସମ୍ଭବ ନୁହେଁ । ପାଣିର ଠିକ୍ ତଳେ ଏକ ଛୋଟ ପାହାଡ଼ ଶ୍ରେଣୀ ରହିଛି । ଢେଉ ମଧ୍ୟ ଏତେ ପ୍ରବଳ ଯେ ଛୋଟ ଛୋଟ ନୌକା ସବୁ ଓଲଟି ଚୁରମାର୍ ହୋଇଯିବ ।’’

ବାରନ୍ ଉତ୍ତର ଦେଲେ, ‘‘ତଥାପି ଆମେ ଚେଷ୍ଟା କରିବା ।’’ ତାଙ୍କର ଗର୍ବିତ

Digitized by srujanika@gmail.com

ମନ ନିଜ କର୍ମଚାରୀଙ୍କ ନିକଟରେ ହାରମାନିବାକୁ ରାଜିନଥିଲା ।

ଧୀରଭାବରେ ବ୍ଲଡ୍ କହିଲେ, ‘‘ମୋର ବାରଣ ସତ୍ତ୍ୱେ ଆପଣ ଯଦି ତାହା କରିବାକୁ ଇଚ୍ଛା କରନ୍ତି ତେବେ କରିପାରନ୍ତି । ମୁଁ କିନ୍ତୁ ମୋର ଲୋକମାନଙ୍କୁ ଅକାରଣ ବିପଦ ଭିତରକୁ ଟାଣିନେଇ ପାରିବିନାହିଁ ।’’

‘‘ଯଦି ମୁଁ ଆଦେଶ ଦିଏ...’’ବାରନ୍ ଆରମ୍ଭ କଲେ ।

ତାଙ୍କ କଥାରେ ବାଧାଦେଇ ବ୍ଲଡ୍ କହିଲେ, ‘‘ମିଷ୍ଟର୍ କୁସି ! ଆପଣଙ୍କ ସହିତ ଯୋଗଦେବାକୁ ଆମକୁ କହିଥିଲେ– ତା’ର କାରଣ ଏପ୍ରକାର ଯୁଦ୍ଧରେ ଆମର ଜ୍ଞାନ ଏବଂ ଅନୁଭୂତି ଅଧିକ । ଏ ବିଷୟରେ ମୋର ଜ୍ଞାନ ଏବଂ ଅନୁଭୂତି କଥା ମୁଁ ଆପଣଙ୍କୁ କହିବି । ଆଉ ମଧ କହୁଛି ଯେ ମୁଁ କାର୍ଟାଜେନା ଆକ୍ରମଣ କରିବା ଯୋଜନା ତ୍ୟାଗ କଲି । ତା’ର କାରଣ ସହର ଭିତରକୁ ଯିବାର ଏକମାତ୍ର ବାଟ ସେହି ପୋତାଶ୍ରୟ ଯେଉଁ ଦୁର୍ଗଦ୍ୱାରା ସୁରକ୍ଷିତ ତାକୁ ଜିଣିବାର ଶକ୍ତି ମୋର ନଥିଲା । ବର୍ତ୍ତମାନ ଦୁର୍ଗ ଆକ୍ରମଣ କରିବାପାଇଁ ଆପଣଙ୍କର ଯଥେଷ୍ଟ ସୈନ୍ୟ ଅଛନ୍ତି ।’’

‘‘କିନ୍ତୁ ଆମେ ଦୁର୍ଗ ଆକ୍ରମଣ କରିବା ସମୟରେ ସ୍ପେନୀୟମାନେ ତାଙ୍କର ସମସ୍ତ ଧନରତ୍ନ ଅନ୍ୟ ସ୍ଥାନକୁ ନେଇଯିବେ । ନା, ଆମେ ଅତର୍କିତଭାବରେ ତାଙ୍କୁ ଆକ୍ରମଣ କରିବା ।’’

କ୍ୟାପ୍‌ଟେନ୍ ବ୍ଲଡ୍ ଘୃଣାରେ ଉତ୍ତରଦେଲେ, ‘‘ଦସ୍ୟୁବୃତ୍ତି ଏ ଆକ୍ରମଣର ଉଦ୍ଦେଶ୍ୟ ବୋଲି ମୁଁ ଜାଣିନଥିଲି ।’’

କ୍ରୋଧରେ ମିଷ୍ଟର୍ ରିଭାରଲ୍ ଓଠ କାମୁଡ଼ି ଉଠିଲେ । ଗର୍ଜିଉଠି ସେ କହିଲେ, ‘‘ଗୁଡ଼ାଏ କାପୁରୁଷ ମୋ ଦଳରେ ଯୋଗ ଦେଇଛନ୍ତି । ଯଦି ମୋ ଯୋଜନା ଅନୁସାରେ କାମ କରିବାକୁ ଆପଣ ଭୟ କରୁଛନ୍ତି ମୁଁ ନିଜେ ତାହା କରିବି । ବାୟୁମଣ୍ଡଳ ବେଶ୍ ଶାନ୍ତ ଅଛି । ସୁବିଧାରେ କୂଳକୁ ଯାଇହେବ ନିଶ୍ଚୟ । ଆପଣ ବର୍ତ୍ତମାନ ଆପଣଙ୍କ ଜାହାଜକୁ ଯାଇପାରନ୍ତି ।

ମିଷ୍ଟର୍ ରିଭାରଲ୍ ଉପଯୁକ୍ତ ଫଳ ପାଇଲେ । ସନ୍ଧ୍ୟାପୂର୍ବରୁ ସେ ତାଙ୍କର ଜାହାଜଗୁଡ଼ିକୁ କୂଳର ମାତ୍ର ଏକମାଇଲ ଦୂରକୁ ନେଇଗଲେ । ଅନ୍ଧାର ହେବା ମାତ୍ରେ ତିନିଶହ ଲୋକ ଛୋଟ ଛୋଟ ନୌକାରେ କୂଳ ଆଡ଼କୁ ଚାଲିଲେ । ପ୍ରଥମ ଛଅଟି ନୌକା ପ୍ରବଳ ଢେଉରେ ପଡ଼ି ପଥରରେ ବାଜି ଖଣ୍ଡ ଖଣ୍ଡ ହୋଇଗଲା । ନୌକାର ସମସ୍ତ ଆରୋହୀ ମୃତ୍ୟୁମୁଖରେ ପଡ଼ିଲେ । ସେମାନଙ୍କର ଆର୍ତ୍ତଚିତ୍କାର ଅନ୍ୟ ନୌକାଗୁଡ଼ିକୁ ସତର୍କ କରାଇଦେଲା । ସେମାନେ ନୌକା ଫେରାଇ ବିପଦ ବାହାରକୁ ଚାଲିଆସିଲେ । ଏ ଅଭିଯାନରେ ପଚାଶଜଣ ମୃତ୍ୟୁମୁଖରେ ପଡ଼ିଲେ । ତା ବ୍ୟତୀତ ଗୋଳା-ଗୁଳି ନେଇ ଯାଉଥିବା ଛଅଟି ନୌକା ମଧ ଧ୍ୱଂସ ହେଲା ।

Digitized by srujanika@gmail.com

କ୍ରୋଧଜର୍ଜରିତ ବାରନ୍ ନିଜ ଜାହାଜକୁ ଫେରିଗଲେ । ତାଙ୍କର ରାଗ ସମସ୍ତଙ୍କ ଉପରେ, ବିଶେଷତଃ କ୍ୟାପ୍ଟେନ୍ ବ୍ଲଡ୍‌ଙ୍କ ଉପରେ । ଏଇ ଦୁର୍ଦ୍ଦଶା ପାଇଁ ସେ ଏହି ଜଳଦସ୍ୟୁଙ୍କୁ ଦାୟୀ କଲେ । ପରଦିନ ସକାଳେ କ୍ୟାପ୍ଟେନ୍ ବ୍ଲଡ୍‌କୁ କି ଜବାବ ଦେବେ ଭାବୁ ଭାବୁ ସେ ଶୋଇପଡ଼ିଲେ ।

ସକାଳେ କମାଣର ଗମ୍ଭୀର ଗର୍ଜନରେ ତାଙ୍କର ନିଦ ଭାଙ୍ଗିଗଲା । ରାତି-ପୋଷାକ ନବଦଳାଇ ସେ ଜାହାଜର ଛାତ ଉପରକୁ ଉଠିଯାଇ ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଦେଖିଲେ । ଜଳଦସ୍ୟୁମାନଙ୍କର ଚାରୋଟିଯାକ ଜାହାଜ ଦ୍ରୁତଗତିରେ ଯାଇ ବନ୍ଦର ମୁଖରେ ଥିବା ଦୁର୍ଗ ଉପରେ ପ୍ରବଳ ଆକ୍ରମଣ ଚଳାଇଛନ୍ତି । ଦୁର୍ଗରୁ ମଧ୍ୟ କମାଣ ଫୁଟାଯାଉଛି । କିନ୍ତୁ ଜଳଦସ୍ୟୁମାନେ ଖୁବ୍ ଚତୁରତାର ସହ ଠିକ୍ ସମୟରେ ଆକ୍ରମଣ କରୁଛନ୍ତି । ଦୁର୍ଗ ପ୍ରତିରକ୍ଷାକାରୀମାନେ ସେମାନଙ୍କର ବନ୍ଧୁକରେ ଗୁଳି ଭର୍ତ୍ତି କଲାବେଳେ ଜଳଦସ୍ୟୁମାନେ ସେମାନଙ୍କୁ ଆକ୍ରମଣ କରୁଥାନ୍ତି । ସ୍ପେନୀୟମାନେ ସେମାନଙ୍କ ଉପରକୁ ଗୋଳା ବର୍ଷଣ କଲାବେଳକୁ ସେମାନେ ପଛକୁ ହଟିଆସୁଥାନ୍ତି ।

ରିଭାରଲ୍ ଠିଆହୋଇ ଏ ଦୃଶ୍ୟ ଦେଖୁଥାନ୍ତି । ତାଙ୍କର ବିନାନୁମତିରେ ଆକ୍ରମଣ କରିଥିବାରୁ ବ୍ଲଡ୍‌ଙ୍କ ଉପରେ ସେ ରକ୍ତ-ଚାଉଳ ଚୋବାଉଥାନ୍ତି । ତାଙ୍କ କର୍ମଚାରୀମାନେ ତାଙ୍କ ଚାରିପାଖେ ଘେରି ତାଙ୍କୁ ସମର୍ଥନ କରୁଥାନ୍ତି । କାରଣ ସେମାନେ ମଧ୍ୟ ବ୍ଲଡ୍‌ଙ୍କୁ ଘୃଣା କରୁଥିଲେ । ଯା ଭିତରେ ଯୁଦ୍ଧ ଘନେଇ ଉଠିଲା । ଦୁର୍ଗର ବିଶେଷ କ୍ଷତି ଘଟିଲା । ଜଳଦସ୍ୟୁମାନେ ମଧ୍ୟ ଅକ୍ଷତ ରହିଲେ ନାହିଁ । ତାଙ୍କର ଚାରୋଟିଯାକ ଜାହାଜରେ ଆଘାତ ଲାଗିଲା । ଆରାବେଲାର ପ୍ରଧାନ ମାସ୍ତୁଲ ପୂରାପୂରି ନଷ୍ଟ ହୋଇଗଲା । ଏହା ଦେଖି ବାରନ୍‌ଙ୍କ ମୁହଁରେ ତୃପ୍ତିର ହସ ଦେଖାଗଲା । ସେ କହିଲେ— "ଭଗବାନ୍ କରନ୍ତୁ, ସ୍ପେନୀୟମାନେ ତାଙ୍କର ସବୁ ଜାହାଜ ବୁଡ଼ାଇଦିଅନ୍ତୁ ।"

କିନ୍ତୁ ଭଗବାନ୍ ତାଙ୍କ ଡାକ ଶୁଣିଲେନାହିଁ । ତାଙ୍କ ତୁଣ୍ଡରୁ କଥା ସରୁ ନସରୁଣୁ ଗୋଟାଏ ପ୍ରଚଣ୍ଡ ବିସ୍ଫୋରଣ ଘଟିଲା ଏବଂ ଦୁର୍ଗର ପ୍ରାୟ ଅଧା ଉଡ଼ିଗଲା । ଜଳଦସ୍ୟୁମାନଙ୍କର ଏକ ଗୋଳା ଦୁର୍ଗର ଗୋଳାବାରୁଦ ଭଣ୍ଡାରରେ ଯାଇ ପଡ଼ିଲା ।

ଦୁଇଘଣ୍ଟା ପରେ କ୍ୟାପ୍ଟେନ୍ ବ୍ଲଡ୍ ରିଭାରଲ୍‌ଙ୍କ ଜାହାଜ ଭିକ୍ଟୋରିଅସ୍ ଉପରକୁ ଉଠିଆସି ତାଙ୍କୁ ଅଭିବାଦନ କଲେ । ସେପର୍ଯ୍ୟନ୍ତ ରିଭାରଲ୍ ତାଙ୍କର ରାତ୍ରିପୋଷାକ ପିନ୍ଧିଥାନ୍ତି । କ୍ୟାପ୍ଟେନ୍ ବ୍ଲଡ୍ ହସି ହସି କହିଲେ, "ଆମେ ବୋକାଚିକା ଦୁର୍ଗ ଅଧିକାର କରିଛୁ ମିଷ୍ଟର୍ ବାରନ୍ ! ଦୁର୍ଗ ଉପରେ ଫ୍ରାନ୍‌ସର ପତାକା ଉଡୁଛି । ଆପଣଙ୍କ ଜାହାଜ ପୋତାଶ୍ରୟ ଭିତରକୁ ଯିବାର ପଥ ପରିଷ୍କାର ହୋଇଯାଇଛି ।"

ବହୁ କଷ୍ଟରେ କ୍ରୋଧ ସମ୍ବରଣ କରି ରିଭାରଲ୍ କହିଲେ, "ଯୁଦ୍ଧରେ ଜୟଲାଭ କରିବା ଆପଣଙ୍କର ଭାଗ୍ୟବଳ । ଏଣିକି ଆକ୍ରମଣ କରିବା ପୂର୍ବରୁ ଆପଣ ମୋ

Digitized by srujanika@gmail.com

ଆଦେଶକୁ ଅପେକ୍ଷା କରିବେ।''

ହସି ହସି ବ୍ଲଡ୍ ମଥା ନତ କରି କହିଲେ, ''ବର୍ତ୍ତମାନ ଆପଣଙ୍କ ଆଦେଶ ପାଇଲେ ମୁଁ ବିଶେଷ ଖୁସିହେବି। ଆପଣ ଜାଣନ୍ତି ଆମକୁ ଶୀଘ୍ର ସହର ଆକ୍ରମଣ କରିବାକୁ ହେବ।''

ସେ ଭିତର ପୋତାଶ୍ରୟ ନିକଟସ୍ଥ ଦୁର୍ଗକୁ ନିର୍ଦ୍ଦେଶ କରି କହିଲେ, ''ସହର ଅଧିକାର କରିବା ପୂର୍ବରୁ ଏଇ ଦୁର୍ଗର ପତନ ଆବଶ୍ୟକ।'' ଫରାସୀ ଜାହାଜ ସବୁ ପ୍ରଥମ ପୋତାଶ୍ରୟ ମଧ୍ୟକୁ ଯାଇ ଆକ୍ରମଣ ଆରମ୍ଭ କରିଦେବାକୁ ସେ ପ୍ରସ୍ତାବ ଦେଲେ। ଇତ୍ୟବସରରେ ସେ ତିନି ଶହ ଜଳଦସ୍ୟୁଙ୍କୁ ନେଇ ପୂର୍ବଦିଗରେ ପହଞ୍ଚିବେ ଏବଂ ପଛପାଖରୁ ଦୁର୍ଗ ଆକ୍ରମଣ କରିବେ।

ରିଭାରଲ୍‌ଙ୍କ ମନର ଭାବ ହଠାତ୍ ବଦଳିଗଲା। ସେ ବ୍ଲଡ୍‌ଙ୍କ ଚତୁର ଯୋଜନା ବୁଝିପାରିଲେ ଏବଂ ସଙ୍ଗେ ସଙ୍ଗେ ଆବଶ୍ୟକ ଆଦେଶ ଦେଲେ। ସନ୍ଧ୍ୟାପୂର୍ବରୁ ଦୁର୍ଗର ପତନ ଘଟିଲା ଏବଂ କାର୍ଟାଜେନା ରିଭାରଲ୍‌ଙ୍କ ନିକଟରେ ଆତ୍ମସମର୍ପଣ କଲା।

କାର୍ଟାଜେନାରୁ ଫରାସୀମାନେ ବିପୁଳ ଧନରତ୍ନ ଲାଭ କଲେ। ପରବର୍ତ୍ତୀ ଚାରିଦିନ ଶହେରୁ ଅଧିକ ଘୋଡ଼ା ଉପରେ ସୁନା ଏବଂ ଅନ୍ୟ ଧନରତ୍ନ ସହରରୁ ସମୁଦ୍ର କୂଳକୁ ବୁହାଚାଲିଲା। ସେଠାରୁ ନୌକାରେ ଏହି ଧନରତ୍ନ ଫରାସୀ ଜାହାଜକୁ ଚାଲିଗଲା।

[୧୮]

କାର୍ଟାଜେନାର ଆତ୍ମସମର୍ପଣ ପରେ ଅନେକ ସମୟ ଯାଏ ଯାହାସବୁ ଘଟିଲା ସେ ବିଷୟରେ କ୍ୟାପ୍‌ଟେନ୍ ବ୍ଲଡ୍ ଆଉ ତାଙ୍କର ସାଥୀମାନେ ସଂପୂର୍ଣ୍ଣ ଅଜ୍ଞ ରହିଲେ। ସହର ଅଧିକାର କରିବା ମୁଖ୍ୟତଃ ବ୍ଲଡ୍‌ଙ୍କ ଯୋଗୁ ସମ୍ଭବ ହୋଇଥିଲା; ତଥାପି ଆତ୍ମସମର୍ପଣର ସର୍ତ୍ତ ବିଷୟ ଆଲୋଚନା କରାଗଲାବେଳେ ତାଙ୍କୁ ଡକାଯାଇ ନଥିଲା। ଏ ଅପମାନ ବ୍ଲଡ୍ ସହିଗଲେ; କିନ୍ତୁ ତାଙ୍କର କର୍ମଚାରୀମାନଙ୍କ ମଧ୍ୟରେ ରାଗ ଏବଂ ସନ୍ଦେହ ଦେଖାଗଲା। ଶେଷରେ ବାରନ୍‌ଙ୍କ ନିକଟକୁ ଯାଇ ଅପହୃତ ଧନରୁ ତାଙ୍କ ଭାଗ ବିଷୟ ଆଲୋଚନା କରିବାକୁ ସେମାନେ ତାଙ୍କୁ ବାଧ କଲେ। ମାତ୍ର ବ୍ଲଡ୍‌ଙ୍କ ପ୍ରଥମ ଉକ୍ତିରେହିଁ ରିଭାରଲ୍ କ୍ଷିପ୍ତ ହୋଇଉଠିଲେ।

କ୍ୟାପ୍‌ଟେନ୍ ବ୍ଲଡ୍ କହିଲେ, ''ମୁଁ ଆପଣଙ୍କୁ ସ୍ମରଣ କରାଇଦେବାକୁ ଆସିଛି ଯେ, ଆପଣ ଆମ ସହିତ ଏକ ଚୁକ୍ତି କରିଥିଲେ। ସର୍ତ୍ତ ଥିଲା କାର୍ଟାଜେନାରୁ ପ୍ରାପ୍ତ ଧନରତ୍ନରୁ ଆମକୁ ଉପଯୁକ୍ତ ଭାଗ ଦେବେ। କିନ୍ତୁ ଏ ପର୍ଯ୍ୟନ୍ତ ଆମେ କିଛି

Digitized by srujanika@gmail.com

ପାଇଲୁନାହିଁ; ତେଣୁ ମୋର ଲୋକମାନଙ୍କ ମନରେ ସନ୍ଦେହ ହେଉଛି ।''

— କେଉଁ ବିଷୟରେ ସନ୍ଦେହ ହେଉଛି ?

— ଆପଣଙ୍କ ସାଧୁତା ବିଷୟରେ ।

ରାଗରେ ଜଳିଉଠି ବାରନ୍ କହିଲେ, ''ତୁମେ ଏବଂ ତୁମର ଘୃଣ୍ୟ ଦସ୍ୟୁଦଳ ଏକଥା କହିବାର ସାହସ କରିପାରିଲ ?''

ତାଙ୍କ କଥାରେ ବାଧାଦେଇ ବ୍ଲଡ୍ କହିଲେ, ''ମୋ ଲୋକମାନେ ଜାଣନ୍ତି ଯେ ଆପଣ କାର୍ଟାଜେନାରୁ ଯଥେଷ୍ଟ ଧନରତ୍ନ ଆଣି ଜାହାଜରେ ରଖିଛନ୍ତି । ସେମାନେ ଚାହାଁନ୍ତି ସମସ୍ତ ଧନରତ୍ନ ତାଙ୍କ ସାମ୍ନାରେ ଓଜନ ହେବ ଏବଂ ସେମାନେ ତାଙ୍କର ନ୍ୟାଯ୍ୟ ଭାଗ ପାଇବେ ।''

''ଏ କଥାର ଅର୍ଥ କ'ଣ ସୟତାନ୍ ? ମୁଁ ଏକ ସେନାବାହିନୀର ଅଧିନାୟକ– ଗୋଟାଏ ଦସ୍ୟୁଦଳର ନୁହେଁ ।''

ରାଗରେ ବ୍ଲଡ୍ ହସିଉଠି କହିଲେ, ''ଆପଣ ଯାହା ହୁଅନ୍ତୁ, ମୁଁ ସତର୍କ କରିଦେଉଛି ଯେ ଆପଣ ସେମାନଙ୍କ କଥାରେ ରାଜି ନହେଲେ ହୁଏତ କାର୍ଟାଜେନା ଛାଡ଼ି ଯାଇପାରିବେନାହିଁ ।''

''ତାହେଲେ ମୁଁ କ'ଣ ବୁଝିବି ଯେ ତମେ ମତେ ଧମକ ଦେଉଛ ?'' କିଛି ସମୟ ରିଭାରଲ୍ ଗର୍ଜନ-ତର୍ଜନ କଲେ; କିନ୍ତୁ ପରିଶେଷରେ ସେ ଧନରତ୍ନ ଭାଗ କରିବାର ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଲେ । ପରଦିନ ସକାଳେ ସମସ୍ତଙ୍କ ଉପସ୍ଥିତିରେ ଏହା କରିବାର ସ୍ଥିର ହେଲା ।

ବ୍ଲଡ୍ ଫେରିଆସି ତାଙ୍କ କର୍ମଚାରୀମାନଙ୍କୁ ଏକଥା କହିଲେ । ସେମାନେ ସମସ୍ତେ ସନ୍ତୁଷ୍ଟ ହେଲେ । କିନ୍ତୁ କାର୍ଟାଜେନାରେ ସୂର୍ଯ୍ୟୋଦୟବେଳକୁ ପୋତାଶ୍ରୟରେ କେବଳ ଆରାବେଲା ଏବଂ ଅନ୍ୟ ତିନୋଟି ଦସ୍ୟୁଜାହାଜ ଥିଲା । ଫରାସୀ ଜାହାଜ ସବୁ ରାତିର ଅନ୍ଧକାରରେ ଗୁପ୍ତରେ ପୋତାଶ୍ରୟରୁ ବାହାରି ଚାଲିଯାଇଥିଲା । ରିଭାରଲ୍ ସମସ୍ତ ଧନରତ୍ନ ଏବଂ ଫରାସୀ ସେନା ସହ ପଳାଇଯାଇଥିଲା ।

''ଆମେ ତାଙ୍କୁ ଗୋଡ଼ାଇ ଧରି ଉପଯୁକ୍ତ ଶିକ୍ଷାଦେବା ।''– ଜଳଦସ୍ୟୁଗଣ ଚିତ୍କାର କରିଉଠିଲେ । ସେମାନଙ୍କ ସହିତ ଏକମତ ହୋଇ ବ୍ଲଡ୍ ଯାତ୍ରା ଆରମ୍ଭ କରିଦେଲେ । ମନରେ ତାଙ୍କର କିନ୍ତୁ ଗଭୀର ଦୁଃଖ । କୁମାରୀ ଆରାବେଲା ଏସବୁ ବିଷୟ ଶୁଣିଲେ କ'ଣ ଭାବିବେ ?

ଜେରେମିଆ ପିଟ୍‌କୁ ଲକ୍ଷ୍ୟକରି ସେ କହିଲେ, ''ଭାବିଥିଲି ଏ ଦସ୍ୟୁଜୀବନର

Digitized by srujanika@gmail.com

ଶେଷ ହେଲା; କିନ୍ତୁ ଆଉ କ'ଣ ବା ମୁଁ କରିବି : ଇଂଲଣ୍ଡ ରାଜାଙ୍କ ଅଧୀନରେ ଚାକିରି ମୋପାଇଁ ଅସମ୍ଭବ ହୋଇଛି । ଫ୍ରାନ୍ସ ଅଧୀନରେ ଚାକିରିର ପରିଣାମ ଏଇଆ ହେଲା । ଦସ୍ୟୁବୃତ୍ତି ବ୍ୟତୀତ ଆଉ କ'ଣ ବା ମୋପାଇଁ ରହିଲା ? କିନ୍ତୁ ତାଙ୍କ ଭାଗ୍ୟରେ ଅନ୍ୟ କିଛି ଥିଲା ଯାହା ସେ କଳ୍ପନା କରିନଥିଲେ । ସେଇ ଭାଗ୍ୟପଥରେ ତାଙ୍କର ଜାହାଜ ଦ୍ରୁତ ଗତିରେ ଆଗେଇ ଚାଲିଥିଲା ।

ସେମାନେ ହିସ୍ପାନିଓଲା ଅଭିମୁଖେ ଆଗେଇଲେ । ସେମାନେ ଜାଣିଥିଲେ ଫ୍ରାନ୍ସକୁ ଯିବା ପୂର୍ବରୁ ରିଭାରଲ୍ ତାଙ୍କ ଜାହାଜ ମରାମତି କରିବା ପାଇଁ ନିଶ୍ଚୟ ହିସ୍ପାନିଓଲା ଯିବେ । ଦୁଇଦିନ ଏବଂ ଦୁଇରାତି ଆରାବେଲା ଓ ଏଲିଜାବେଥ୍ ଉତ୍ତର ଦିଗକୁ ଗତିକଲେ; କିନ୍ତୁ ଫରାସୀ ଜାହାଜ ଦେଖାଗଲା ନାହିଁ । ତୃତୀୟ ଦିନ ସକାଳେ ସେମାନେ ଦୂରରୁ ଏକ ଶବ୍ଦ ଶୁଣିପାରିଲେ ।

'କମାଣ !' ବ୍ଲଡ୍‌ଙ୍କ ନିକଟରେ ଠିଆହୋଇ ପିଟ୍ କହିଲେ । ବ୍ଲଡ୍ ମୁଣ୍ଡ ହଲାଇ ଶବ୍ଦଟା ଭଲଭାବରେ ଶୁଣିବାକୁ ଚେଷ୍ଟା କଲେ ।

ପିଟ୍ ପୁଣି କହିଲେ, "ପ୍ରାୟ ଦଶ ପନ୍ଦର ମାଇଲ୍ ଦୂରରେ ହେବ । ମୁଁ ଭାବୁଛି ପୋର୍ଟ ରୟାଲ୍ ପାଖାପାଖି ହେବ ।"

"ପୋର୍ଟ ରୟାଲ୍ ନିକଟରେ କମାଣ ଶବ୍ଦ ? ବୋଧହୁଏ ସେନାପତି ବିଶପ୍ ଆମର କୌଣସି ବନ୍ଧୁ ଜାହାଜକୁ ଆକ୍ରମଣ କରିଛନ୍ତି । ମୁଁ ଭାବୁଛି, ଆମେ ସେଠାକୁ ଯାଇ ସାହାଯ୍ୟ କରିବା ।"

କମାଣ ଶବ୍ଦକୁ ଅନୁସରଣ କରି ସେମାନେ ଘଣ୍ଟାଏ ଯାଏଁ ଜାହାଜ ଚଳାଇଲେ । ତା'ପରେ ହଠାତ୍ କମାଣସବୁ ନୀରବ ହୋଇଗଲା । ତା' ପରେ ଦେଖାଗଲା ଗୋଟାଏ ବିରାଟ ଜାହାଜ ଖଣ୍ଡେ ଦୂରରେ ହୁ-ହୁ ହୋଇ ଜଳୁଛି । ତା'ର ମାସ୍ତୁଲ ନିଆଁ ଏବଂ ଧୂଆଁ ଉପରେ କଳା କଳା ହୋଇ ଠିଆହୋଇଛି । ଦୂରବୀକ୍ଷଣ ଯନ୍ତ୍ରରେ ବ୍ଲଡ୍ ଦେଖିଲେ, ଜାହାଜରେ ଉଡୁଛି ସେଣ୍ଟ୍ ଜର୍ଜ ପତାକା । 'ଇଂରେଜ ଜାହାଜ !' ସେ ଚିତ୍କାର କରିଉଠିଲେ । ସେ ସମୁଦ୍ରସାରା ବିଜୟୀ ଜାହାଜକୁ ଖୋଜିଲାଗିଲେ ଏବଂ ଶେଷରେ ପ୍ରାୟ ତିନି ଚାରି ମାଇଲ୍ ଦୂରରେ ତିନୋଟି ବଡ଼ ଜାହାଜ ଦେଖିପାରିଲେ । ଏମାନଙ୍କ ମଧ୍ୟରେ ସବୁଠାରୁ ବଡ଼ ଜାହାଜଟି ଥିଲା ରିଭାରଲ୍‌ଙ୍କ ଭିକ୍ଟୋରିଅସ୍ । ବ୍ଲଡ୍ ବିସ୍ମିତ ହୋଇଗଲେ ।

ସେମାନେ ଆଗେଇ ଚାଲିଲେ । ଜଳନ୍ତା ଜାହାଜରୁ ନୌକାରେ ପ୍ରାଣ ଘେନି ପଳାଇ ଆସିଥିବା କେତେ ଲୋକ ଏବଂ ସମୁଦ୍ରରେ ଭାସୁଥିବା କେତେକଙ୍କୁ ଉଦ୍ଧାର କରିବାପାଇଁ ଆରାବେଲା ଅଟକିଲା ।

Digitized by srujanika@gmail.com

[୧୯]

ଗୋଟିଏ ନୌକା ଆରାବେଲା ଦେହରେ ଘଷିହୋଇଗଲା । ସେଥିରୁ ଜଣେ ହୃଷ୍ଟ-ପୁଷ୍ଟ ଭଦ୍ରଲୋକ ଜାହାଜ ଉପରକୁ ଉଠିଆସିଲେ । ତାଙ୍କର ଲାଲ ରଙ୍ଗର କୋଟ୍ ଉପରେ ସୁନାର ଫିତା । ଏହା ନିଶ୍ଚିତ ଯେ ସେ ଦସ୍ୟୁ ନୁହଁନ୍ତି । ତାଙ୍କ ପଛେ ପଛେ ଥିଲେ ଜଣେ ଦୀର୍ଘ ବଳିଷ୍ଠ ବ୍ୟକ୍ତି । ସେ ମଧ ମୂଲ୍ୟବାନ୍ ପୋଷାକ ପିନ୍ଧିଥିଲେ ଏବଂ ଜଣେ ବିଶିଷ୍ଟବ୍ୟକ୍ତି ବୋଲି ଜଣାଯାଉଥିଲେ । ନୀଳଆଖି ଦୁଇଟି ତାଙ୍କର ତାରା ପରି ।

ପ୍ରଥମ ଭଦ୍ରବ୍ୟକ୍ତି ଶିଡ଼ି ଉପରୁ ଜାହାଜର ଛାତ ଉପରକୁ ଆସିଲେ । କ୍ୟାପ୍‌ଟେନ୍ ବ୍ଲଡ୍ ତାଙ୍କୁ ଅଭ୍ୟର୍ଥନା କଲେ । ଭଦ୍ରବ୍ୟକ୍ତି କହିଲେ, ‘‘ମୁଁ ବର୍ତ୍ତମାନ କେଉଁଠି ? ତୁମେ କ’ଣ ଇଂରେଜ ନା ଅନ୍ୟ କୌଣସି ସୟତାନ୍ ?’’

‘‘ମୋ ନାଁ ବ୍ଲଡ୍... କ୍ୟାପ୍‌ଟେନ୍ ପିଟର୍ ବ୍ଲଡ୍ ଏବଂ ଏହା ମୋର ଜାହାଜ ଆରାବେଲା ।’’ ବ୍ଲଡ୍ ଉତ୍ତର ଦେଲେ ।

ବ୍ଲଡ୍‌ଙ୍କ କଥା ଶୁଣି ଭଦ୍ରବ୍ୟକ୍ତି ଚମକିଉଠିଲେ । ‘ଜଳଦସ୍ୟୁ’– ଦୀର୍ଘକାୟ ବ୍ୟକ୍ତିଙ୍କ ଆଡ଼କୁ ବୁଲି ସେ କହିଲେ, ‘‘ଏ ଗୋଟାଏ ଜଳଦସ୍ୟୁ ଭାନ୍‌ଡେର୍ କୁଇଲେନ୍ । ଆମେ ମହରଗରୁ ଆସି କାନ୍ତାରରେ ପଡ଼ିଲେ ।’’

‘‘ସତେ ନା କ’ଣ ?’’ ଦୀର୍ଘକାୟ ଭଦ୍ରବ୍ୟକ୍ତି କହିଉଠିଲେ । ତା’ପରେ ଘଟଣାର ରହସ୍ୟ ବୁଝିପାରି ସେ ହସିଉଠିଲେ ।

‘‘ମୂର୍ଖ, ଏଥିରେ ହସିବାର କ’ଣ ଅଛି ? ଇଂଲଣ୍ଡରରେ ଏ ଘଟଣା ଏକ ସୁନ୍ଦର କିମ୍ବଦନ୍ତୀ ହୋଇଯିବ । ଲୋକେ କହିବେ, ନୌ-ସେନାପତି ଭାନ୍‌ଡେର୍ କୁଇଲେନ୍, ପ୍ରଥମ ରାତିରେ ତାଙ୍କର ଜାହାଜ ସବୁ ହରାଇଲେ । ତା’ପରେ ତାଙ୍କର ପ୍ରଧାନ ଜାହାଜ ଫରାସୀ ଆକ୍ରମଣରେ ଜଳିଗଲା । ଶେଷରେ ସେ ଜଳଦସ୍ୟୁଙ୍କଦ୍ୱାରା ବନ୍ଦୀ ହେଲେ... ଏଇଟା ତୁମକୁ ବେଶ୍ ଭଲଲାଗୁଛି !’’

ଧୀରଭାବରେ ବ୍ଲଡ୍ କହିଲେ, ‘‘ଆପଣଙ୍କର ବୁଝିବା ଭୁଲ ମହାଶୟ ! ଆପଣଙ୍କୁ ବନ୍ଦୀ କରାଯାଇନାହିଁ– ଉଦ୍ଧାର କରାଯାଇଛି । ତା ବୁଝିପାରିଲେ ଆପଣ ନିଶ୍ଚୟ କୃତଜ୍ଞତା ପ୍ରକାଶ କରିବେ ।’’

ଭଦ୍ରବ୍ୟକ୍ତି ବ୍ଲଡ୍‌ଙ୍କ ଆଡ଼କୁ ନିରେଖି ଚାହିଁ ନିଜର ପରିଚୟ ଦେଲେ । ‘‘ମୁଁ ଲର୍ଡ ଉଇଲୋବି, ପଶ୍ଚିମ-ଭାରତୀୟ ଦ୍ୱୀପପୁଞ୍ଜରେ ରାଜା ଉଇଲିୟମ୍‌ଙ୍କର ଗଭର୍ଣ୍ଣର-ଜେନେରାଲ । ଆଉ ଏ ହେଲେ ନୌସେନାପତି ଭାନ୍‌ଡୋର କୁଇଲେନ୍, ରାଜା ଉଇଲିୟମ୍‌ଙ୍କ ପଶ୍ଚିମ-ଭାରତୀୟ ନୌ-ସେନାର ଅଧିନାୟକ ।’’

‘‘ରାଜା ଉଇଲିୟମ୍ ? ରାଜା ଉଇଲିୟମ୍ କିଏ ?’’ ବ୍ଲଡ୍ ଜିଜ୍ଞାସା କଲେ ।

Digitized by srujanika@gmail.com

ବିସ୍ମୟରେ ଲର୍ଡ ଉଇଲୋବି ତାଙ୍କ ଆଡ଼କୁ ଚାହିଁଲେ । ତା'ପରେ ଉତ୍ତର ଦେଲେ, ''ମହାମାନ୍ୟ ରାଜା ତୃତୀୟ ଉଇଲିୟମ୍ ରାଣୀ ମେରୀଙ୍କ ସହିତ ତିନିମାସ ହେଲା ଇଂଲଣ୍ଡରେ ରାଜତ୍ୱ କରୁଛନ୍ତି ।''

ଟିକିଏ ପରେ ବ୍ଲଡ୍ କଥାଟି ବୁଝିପାରିଲେ । ପୁଣି ପଚାରିଲେ, ''ତା ହେଲେ ମହାଶୟ, ସେଇ ସୟତାନ ଜେମ୍ସକୁ ସେମାନେ ଗୋଇଠା ମାରି ତଡ଼ିଦେଇଛନ୍ତି ?''

''ଆପଣ ଶୁଣିନାହାନ୍ତି ? କେଉଁଠି ଥିଲେ ?''

''ଗଲା ତିନିମାସ ହେଲା ଦୁନିଆର ଖବର ମୋତେ କିଛି ଜଣାନାହିଁ ।''

''ତେବେ ଆପଣ ଜାଣି ନଥିବେ ଏଇ ତିନିମାସରେ ପୃଥିବୀରେ ଅନେକ ପରିବର୍ତ୍ତନ ଘଟିଯାଇଛି । ରାଜା ଜେମ୍ସ ଫ୍ରାନ୍ସ ପଳାଇଯାଇ ରାଜା ଲୁଇଙ୍କ ନିକଟରେ ଆଶ୍ରୟ ନେଲେ । ସେଥିଯୋଗୁଁ ଏବଂ ଅନ୍ୟାନ୍ୟ କାରଣରୁ ଇଂଲଣ୍ଡ ସହିତ ଫ୍ରାନ୍ସର ବର୍ତ୍ତମାନ ଯୁଦ୍ଧ ଲାଗିଛି । ରିଭାରଲ୍ ନିଶ୍ଚୟ ଏ ସମ୍ବାଦ ପାଇଥିବ । ନଚେତ୍ ସେ ଇଂଲଣ୍ଡର ଯୁଦ୍ଧଜାହାଜ ଆକ୍ରମଣ କରିବାକୁ ସାହସ କରିନଥାନ୍ତା ।''

ଖବରଟା ଶୁଣି ପିଟର୍ ବ୍ଲଡ୍ ଶିହରିଉଠିଲେ । ଜେମ୍ସ ଆଉ ଇଂଲଣ୍ଡର ରାଜା ନୁହଁନ୍ତି । ତେଣୁ ଚାରିବର୍ଷ ପୂର୍ବେ ଯେଉଁଠି ତାଙ୍କ ଜୀବନର ବିପର୍ଯ୍ୟୟ ଘଟିଥିଲା ପୁଣି ସେଠାକୁ ଫେରିଯାଇ ନୂଆ ଜୀବନ ଆରମ୍ଭ କରିବାରେ ବାଧା କ'ଣ ? ମନକଥା ସେ ଲର୍ଡ ଉଇଲୋବିଙ୍କୁ କହିଲେ ।

ଲର୍ଡ ଉଇଲୋବି ଉତ୍ତରଦେଲେ, ''ଯଦି ଇଚ୍ଛା କରୁଛନ୍ତି ଆପଣ ଘରକୁ ଫେରିଯାଆନ୍ତୁ । ଚାରିବର୍ଷ ପୂର୍ବେ ଯାହା ଘଟିଥିଲା ତାହା କ୍ଷମା କରାଯିବ ବୋଲି ଆପଣ ନିଶ୍ଚିତ ହୁଅନ୍ତୁ । ତେବେ ଫେରିବାପାଇଁ ଏତେ ବ୍ୟଗ୍ର କାହିଁକି ? ସମୁଦ୍ର ବକ୍ଷରେ ଆପଣଙ୍କ କାର୍ଯ୍ୟକଳାପ ସମ୍ବନ୍ଧରେ ଆମେ ଶୁଣିଛୁ । ଯଦି ଏ ଦସ୍ୟୁଜୀବନ ଆପଣଙ୍କୁ ଭଲଲାଗୁନାହିଁ ତେବେ ଏଇ ଗୋଟାଏ ସୁଯୋଗ ମିଳିଛି । ଯୁଦ୍ଧ ସମୟରେ ଏଠାରେ ରାଜା ଉଇଲିୟମ୍‌ଙ୍କ ଅଧୀନରେ ଚାକିରି କରନ୍ତୁ । ପଶ୍ଚିମ-ଭାରତୀୟ ଦ୍ୱୀପପୁଞ୍ଜ ବିଷୟରେ ଆପଣଙ୍କ ଜ୍ଞାନ ଆମକୁ ଯଥେଷ୍ଟ ସାହାଯ୍ୟ କରିବ ।''

ବ୍ଲଡ୍ ଉତ୍ତରଦେଲେ, ''ସେକଥା ମୁଁ ପରେ ଚିନ୍ତା କରିବି– ବର୍ତ୍ତମାନ ଆପଣଙ୍କ ବିଷୟ ଭାବିବା କଥା । ମୋର ଆଶା ଆପଣ ପୋର୍ଟ ରୟାଲ ଯିବାକୁ ଚାହାନ୍ତି ।''

''ପୋର୍ଟ ରୟାଲ ? ନା, ନା ।'' ରାଗରେ ଜଳିଉଠି କହିଲେ ଲର୍ଡ ଉଇଲୋବି । ''କାଲି ସଂଧ୍ୟାରେ ଆମେ ପୋର୍ଟ ରୟାଲ ଯାଇଥିଲୁ । ଦେଖିଲୁ ସେଠାକାର ଡେପୁଟି ଗଭର୍ଣ୍ଣର ଜଳଦସ୍ୟୁମାନଙ୍କୁ ଆକ୍ରମଣ କରିବାପାଇଁ ସମସ୍ତ ନୌବାହିନୀ ନେଇ ଟର୍‌ଟୁଗା ଚାଲିଯାଇଛନ୍ତି ।''

''କିନ୍ତୁ ଏ ସମୟରେ ପୋର୍ଟ ରୟାଲ ଛାଡ଼ି ଚାଲିଯିବା ତାଙ୍କର ପାଗଳାମି ନୁହେଁ କି ? – ହସିଉଠିଲେ ପିଟର୍ ବ୍ଲଡ୍ ।

Digitized by srujanika@gmail.com

''କେବଳ ସେତିକି ନୁହେଁ, ସମୁଦାୟ ନୌବାହିନୀ ସଙ୍ଗରେ ନେଇ ପୋର୍ଟ ରୟାଲକୁ ଫରାସୀ ଆକ୍ରମଣପାଇଁ ଉନ୍ମୁକ୍ତ କରିଦେଇ ଚାଲିଯାଇଛନ୍ତି । ଏହା ଅବଶ୍ୟ ଅସମ୍ଭବ ମନେହେଉଥିବ । କିନ୍ତୁ ଜେମ୍‌ସ ସରକାର ଏଇପରି ଲୋକଙ୍କୁ ଡେପୁଟି ଗଭର୍ଣ୍ଣରରୂପେ ନିଯୁକ୍ତ କରିଛନ୍ତି ।'' ଲର୍ଡ ଉଇଲୋବି କହିଲେ ।

ବ୍ଲଡ୍‌ଙ୍କ ମୁହଁରୁ ହସ ଲିଭିଗଲା । ବ୍ୟଗ୍ରହୋଇ ସେ ପଚାରିଲେ, ''ରିଭାରଲ୍ ଏକଥା ଜାଣେ ?''

ନୌ-ସେନାପତି ଉତ୍ତରଦେଲେ, ''ରିଭାରଲ୍ ଆମ ସୈନ୍ୟଙ୍କ ମଧ୍ୟରୁ କେତେକଙ୍କୁ ବନ୍ଦୀ କରିନେଇଛି । ସେମାନଙ୍କଠାରୁ ସେ ବୁଝିବ ଯେ ପୋର୍ଟ ରୟାଲର ରକ୍ଷା ବ୍ୟବସ୍ଥା ନାହିଁ । ଏ ସୁଯୋଗ ସେ ଛାଡ଼ିବନାହିଁ ।''

ଗଭର୍ଣ୍ଣର ଜେନେରାଲଙ୍କ ରାଗ ଆହୁରି ବଢ଼ିଗଲା । ''ଯଦି ପୋର୍ଟ ରୟାଲର କିଛି କ୍ଷତି ହୁଏ ସେଇ ସୟତାନ୍ ବିଶପ୍ ତା'ର ଉପଯୁକ୍ତ ଫଳ ପାଇବ । ପୋର୍ଟ ରୟାଲ ଛାଡ଼ିଯିବାର କି କାରଣ ସେ ଦେଖାଇବ ?''

କ୍ୟାପ୍‌ଟେନ୍ ବ୍ଲଡ୍ ହସିଉଠିଲେ, ''ଟର୍‌ଟୁଗାରେ ସେ ମୋତେହିଁ ଖୋଜି ବୁଲୁଛନ୍ତି । କିନ୍ତୁ ମୁଁ ଭାବୁଛି ତାଙ୍କ ଅନୁପସ୍ଥିତିରେ ଜାମାଇକାକୁ ରକ୍ଷା କରିବା ମୋର ଉଚିତ ।'' ପିଟ୍‌କୁ ଆଦେଶ ଦେଇ ସେ କହିଲେ, ''ଖୁବ୍ ଶୀଘ୍ର ତୀବ୍ରବେଗରେ ପୋର୍ଟ ରୟାଲ ଅଭିମୁଖେ ଜାହାଜ ଚଳାଅ ।''

ଲର୍ଡ ଉଇଲୋବି ଏବଂ ତାଙ୍କ ନୌ-ସେନାପତି ଚମକିପଡ଼ିଲେ । ଲର୍ଡ ଉଇଲୋବି ଚିତ୍କାର କଲେ, ''କିନ୍ତୁ ଆପଣ ତାଙ୍କର ସମକକ୍ଷ ନୁହନ୍ତି । ଫରାସୀ ବାହିନୀ ଆପଣଙ୍କଠାରୁ ତିନିଗୁଣ ଅଧିକ ଶକ୍ତିଶାଳୀ । ଆପଣ କ'ଣ କରିପାରିବେ ?''

''ମୁଁ ଯଦି ତାଙ୍କୁ ପରାସ୍ତ କରିନପାରେ ତେବେ ପୋତାଶ୍ରୟର ପ୍ରବେଶ ପଥରେ ମୋର ନିଜ ଜାହାଜକୁ ବୁଡ଼ାଇଦେଇପାରିବି । ଫଳରେ ବିଶପ୍ ଫେରିବା ଯାଏ ଫରାସୀ ଜାହାଜ ପୋତାଶ୍ରୟରୁ ବାହାରିପାରିବନାହିଁ ।''

— କିନ୍ତୁ ତା'ଦ୍ୱାରା ଲାଭ ହେବ କ'ଣ ?

''ଶୁଣନ୍ତୁ— ରିଭାରଲ୍ ଏ ଆକ୍ରମଣର ଚେଷ୍ଟା କରିବା ତା'ର ବୋକାମି । ତା ଜାହାଜରେ କାର୍ଟାଜେନାର ପ୍ରାୟ ସବୁ ଧନରତ୍ନ ରହିଛି । ଏହି ଧନରତ୍ନ ସହ ସେ ପୋର୍ଟ ରୟାଲ ଯାଇଛି । ସେ ମୋତେ ପରାସ୍ତ କରୁ ବା ନକରୁ, ଏହି ଧନରତ୍ନ ନେଇ ସେ ଆଉ ପୋର୍ଟ ରୟାଲରୁ ଫେରିପାରିବନାହିଁ ।

ଲର୍ଡ ଉଇଲୋବି ଠିଆହୋଇ ବ୍ଲଡ୍‌ଙ୍କ ଆଡ଼କୁ ହାତ ବଢ଼ାଇଲେ— ''ଆପଣ କେଡ଼େ ମହତ୍ କ୍ୟାପଟେନ୍ ବ୍ଲଡ୍ !'' ତା'ପରେ ସେମାନେ ଫରାସୀ ଜାହାଜ ଆକ୍ରମଣ କରିବାର ଯୋଜନା ପ୍ରସ୍ତୁତ କରିବାରେ ଲାଗିଲେ ।

Digitized by srujanika@gmail.com

[୨୦]

ସେହିଦିନ ଉପରବେଳା ଦୁଇ ଦସ୍ୟୁ-ଜାହାଜ ଧୀରେ ଧୀରେ ଆଗେଇଲା । ପୋର୍ଟ ରୟାଲ ନିକଟରେ ପହଞ୍ଚି ସେମାନେ ଦୁଇଘଣ୍ଟା ଅପେକ୍ଷା କଲେ । ସ୍ଥଳଭାଗର ଆଢୁଆଳରେ ଥିବାରୁ ସହର ବା ରିଭାରଲ୍‌ଙ୍କ ଜାହାଜର କେହି ତାଙ୍କୁ ଦେଖିପାରିଲେନାହିଁ । ସେମାନେ କିନ୍ତୁ ବନ୍ଧୁକର ଗର୍ଜନ ଶୁଣୁଥାନ୍ତି । ସେଥିରୁ ଜଣାଗଲା, ଦୁର୍ଗରକ୍ଷକ ଏବଂ ଫରାସୀମାନଙ୍କ ମଧ୍ୟରେ ଯୁଦ୍ଧ ଲାଗିଛି ।

''ଆଉ ଅପେକ୍ଷା କରୁଛନ୍ତି କାହିଁକି ?'' ଭାନ୍‌ଡେର କୁଇଲେନ୍ କ୍ୟାପ୍‌ଟେନ୍ ବ୍ଲଡ୍‌ଙ୍କୁ ପ୍ରଶ୍ନ କଲେ ।

ହସି ହସି ତାଙ୍କ ଆଡ଼କୁ ଚାହିଁ ବ୍ଲଡ୍ ଉତ୍ତରଦେଲେ, ''ଆଉ ବେଶି ସମୟ ଅପେକ୍ଷା କରିବାକୁ ହେବନାହିଁ । କିନ୍ତୁ ବ୍ୟଗ୍ରହୋଇ କିଛି ଲାଭ ନାହିଁ; ବରଂ କିଛି ସମୟ ଅପେକ୍ଷା କଲେ ଲାଭ ହେବ । ଦୁର୍ଗର କମାଣ ଦ୍ୱାରା ଫରାସୀ ଜାହାଜସବୁ ନିଶ୍ଚୟ କିଛି କ୍ଷତିଗ୍ରସ୍ତ ହେବ । ତାହା ଆମକୁ ସାହାଯ୍ୟ କରିବ । ସେ କାନଡେରି ପୁଣି ଶୁଣିଲେ । ତା'ପରେ କହିଲେ, ''ସମୟ ଆସିଗଲା । ଦୁର୍ଗରୁ ଆଉ ବନ୍ଧୁକ ଶବ୍ଦ ଶୁଭୁନାହିଁ । ଆମେ ବର୍ତ୍ତମାନ ଆକ୍ରମଣ କରିବା ।''

ଉଚ୍ଚସ୍ୱରରେ ସେ ଜେରେମ୍‌ସ ପିଟ୍‌କୁ ଆଦେଶ ଦେଲେ ଏବଂ ମୁହୂର୍ତ୍ତକ ମଧ୍ୟରେ ଜାହାଜର କର୍ମଚାରୀଗଣ ସଜାଗ ହୋଇଉଠିଲେ । ଆରାବେଲା ଓ ଏଲିଜାବେଥ୍ ପୋତାଶ୍ରୟ ଆଡ଼କୁ ଆଗେଇଚାଲିଲେ । ପ୍ରାୟ ପନ୍ଦର ମିନିଟ୍ ମଧ୍ୟରେ ସେମାନେ ପୋତାଶ୍ରୟକୁ ଘେରିଯାଇ ତା'ର ପ୍ରବେଶପଥରେ ଠିଆହେଲେ । ଏଣେ ଦୁର୍ଗରେ କେବଳ ଧ୍ୱଂସସ୍ତୂପ ଏବଂ ଧୂଆଁ ବ୍ୟତୀତ ଆଉ କିଛି ନଥିଲା । ବିଜୟୀ ଫରାସୀ ଜାହାଜ ସହର ଅଧିକାର କରିବା ଉଦ୍ଦେଶ୍ୟରେ ଆଗକୁ ମାଡ଼ିଚାଲିଥିଲେ ।

ବ୍ଲଡ୍ ଶତ୍ରୁ ଜାହାଜଗୁଡ଼ିକୁ ଦେଖି ତୃପ୍ତ ହେଲେ । ଭିକ୍‌ଟେରିଅସ୍‌ର ସାମାନ୍ୟ କ୍ଷତି ହୋଇଥିଲା; କିନ୍ତୁ ଅନ୍ୟ ଦୁଇଟି ଜାହାଜ ଗୁରୁତର କ୍ଷତିଗ୍ରସ୍ତ ହୋଇଥିଲେ । ''ଏଇ ଦେଖନ୍ତୁ''– ସେ ଭାନ୍‌ଡର କୁଇଲେନ୍‌ଙ୍କୁ କହିଲେ, ''ଆମର ଅପେକ୍ଷା କରିବା ଠିକ୍ ହୋଇଛି'' । ନିଜର କର୍ମଚାରୀମାନଙ୍କୁ ସେ ଆଦେଶ ଦେଲେ, ''ଆଗକୁ ମାଡ଼ିଯାଇ ସମସ୍ତ ଅସ୍ତ୍ରଶସ୍ତ୍ର ନେଇ ତାକୁ ଆକ୍ରମଣ କର ।''

ତାଙ୍କ ଆଡ଼କୁ ଆସୁଥିବା ଏକ ବିରାଟ ଜାହାଜ ଦେଖି ରିଭାରଲ୍ ଚମକି ଉଠିଲେ । ସେ କର୍ମଚାରୀମାନଙ୍କୁ କିଛି ଆଦେଶ ଦେବାପୂର୍ବରୁ ଜଳଦସ୍ୟୁମାନେ ତାଙ୍କ ଜାହାଜ ଉପରକୁ ଗୋଳା ନିକ୍ଷେପ କଲେ ଏବଂ ତାଙ୍କ ଜାହାଜର ଛାତ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଗଲା । ଫରାସୀମାନେ କର୍ତ୍ତବ୍ୟ ସ୍ଥିର କରିବାପୂର୍ବରୁ ଆରାବେଲାରୁ ଆଉ

Digitized by srujanika@gmail.com

ଅସରାଏ ଗୋଳାବର୍ଷଣ କରାଗଲା । ବ୍ଲଡ୍ ଗର୍ଜନ କରି ଉଠିଲେ, ''ବର୍ତ୍ତମାନ ପିଟ୍, ସେମାନେ କିଛି ସ୍ଥିର କରିବା ପୂର୍ବରୁ ତାଙ୍କ ନିକଟକୁ ସିଧା ମାଡ଼ିଚାଲ । ସେଇଠି ଠିଆହୋଇ ରହ । ତାଙ୍କ ଜାହାଜ ଉପରକୁ ଉଠିଯିବା ଲାଗି ଯୋଗାଡ଼ କର । ଲୁହାର ଆଙ୍କୁଶୀ ଆଣ ହେଟନ୍ ! ସାମ୍ନାପଟର ବନ୍ଧୁକଧାରୀମାନଙ୍କୁ କହ ସେମାନେ ଯେତେ ଶୀଘ୍ର ପାରନ୍ତି ବନ୍ଧୁକ ଚଳାନ୍ତୁ ।''

ସେ ତାଙ୍କର ଅତିଥି ଦୁଇଜଣଙ୍କ ନିକଟରେ ନିଜ ଯୋଜନା ବୁଝାଇ କହିଲେ, ''ଆମେ ତାଙ୍କ ଜାହାଜ ଉପରକୁ ଉଠିଯାଇ ତାଙ୍କ ସଙ୍ଗେ ହାତାହାତି ଯୁଦ୍ଧ କରିବା । ସେଇ ହେଲା ଏକମାତ୍ର ବାଟ । ତାଙ୍କ କମାଣ ସହିତ ବେଶି ସମୟ ଯୁଦ୍ଧ କରିବାକୁ ଆମେ ଆଶା କରିବା ବୃଥା ।''

ସେତେବେଳକୁ ଫରାସୀମାନେ କର୍ତ୍ତବ୍ୟ ସ୍ଥିର କରି କମାଣ ଚଳାଇବା ଆରମ୍ଭ କରିଦେଲେ । ସେଇ ପ୍ରଚଣ୍ଡ ଆକ୍ରମଣରେ ଆରାବେଲା ଆମୂଳଚୂଳ ଥରିଗଲା । କିଛି ସମୟ ବନ୍ଦ ରହି ସେ ପୁଣି ଆଗକୁ ଚାଲିଲା । ତା'ର ସମ୍ମୁଖଭାଗ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଯାଇଥିଲା । ଜଳପତନର ଠିକ୍ ଉପରେ ଏକ ବିରାଟ କଣା ହୋଇଯାଇଥିଲା । ସେଇ ଅବସ୍ଥାରେ ସେ ଭିକ୍ଟୋରିଅସ୍‌ର ନିକଟକୁ ଯିବାକୁ ଚେଷ୍ଟା କରୁଥାଏ । କିନ୍ତୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପୂର୍ବରୁ ଭିକ୍ଟୋରିଅସ୍‌ରୁ ଆଉ ଅସରାଏ ଗୋଳା ଆରାବେଲା ଉପରେ ନିକ୍ଷିପ୍ତ ହେଲା । କମାଣର ଗର୍ଜନ ଏବଂ ଆହତ ବ୍ୟକ୍ତିଙ୍କର ଚିତ୍କାର ମଧ୍ୟରେ ଅର୍ଦ୍ଧଭଗ୍ନ ଆରାବେଲା ଶତ୍ରୁ ଜାହାଜ ଆଡ଼କୁ ବହୁକଷ୍ଟରେ ଆଗେଇଲା । ଧୂଆଁ ଯୋଗୁଁ ଶତ୍ରୁପକ୍ଷ ତାକୁ ଦେଖିପାରିଲେନାହିଁ । ପିଟ୍ ଚିତ୍କାର କରିଉଠିଲେ ଯେ ସେମାନଙ୍କ ଜାହାଜ ଦ୍ରୁତଭାବରେ ବୁଡ଼ିବାରେ ଲାଗିଛି । ଭିକ୍ଟୋରିଅସ୍ ଆଉ ଅଳ୍ପ ଦୂରରେ । ତଥାପି ଜଣାଗଲା ସେଠାରେ ପହଞ୍ଚିବା ପୂର୍ବରୁ ଆରାବେଲା ଜଳମଗ୍ନ ହୋଇଯିବ ।

କିନ୍ତୁ ସେମାନଙ୍କର ଚେଷ୍ଟା ସମ୍ପୂର୍ଣ୍ଣ ବ୍ୟର୍ଥ ହେଲାନାହିଁ । ଭିକ୍ଟୋରିଅସ୍ ଆଉ ମାତ୍ର ସାତ ଆଠ ଗଜ ଦୂର । ଏଣେ ଆରାବେଲାର ନିମ୍ନଭାଗ ପାଣି ଭିତରେ ବୁଡ଼ିସାରିଲାଣି । ଫରାସୀମାନେ ଆନନ୍ଦରେ ଉତ୍‌ଫୁଲ୍ଲ । ବ୍ଲଡ୍‌ଙ୍କ କର୍ମଚାରୀମାନେ ଲଇଁପଡ଼ି ଲୁହାର ଆଙ୍କୁଶୀକୁ ଭିକ୍ଟୋରିଅସ୍ ଉପରକୁ ନିକ୍ଷେପ କଲେ । ଦୁଇଟି ଆଙ୍କୁଶୀ ଫରାସୀ ଜାହାଜର ଛାତରେ ଲାଗିରହିଲା । ଅଭିଜ୍ଞ ଜଳଦସ୍ୟୁମାନେ ସମସ୍ତ ଶକ୍ତି ପ୍ରୟୋଗ କରି ଦୁଇ ଜାହାଜକୁ ଏକାଠି କରିଦେଲେ । ବୁଡ଼ିଯାଉଥିବା ଆରାବେଲା ଫରାସୀ ଜାହାଜରେ ଝୁଲିରହିଲା । ବ୍ଲଡ୍‌ଙ୍କ ନେତୃତ୍ୱରେ ଜଳଦସ୍ୟୁମାନେ ଫରାସୀ ଜାହାଜ ଉପରକୁ ଉଠିଯାଇ ସେମାନଙ୍କୁ ଆକ୍ରମଣ କଲେ । ଜାହାଜ ଉପରେ ଅଧଘଣ୍ଟାଏ ପର୍ଯ୍ୟନ୍ତ ଯୁଦ୍ଧ ଚାଲିଲା । ଫରାସୀମାନେ ପ୍ରବଳ ପ୍ରତିରୋଧ କଲେ ।

Digitized by srujanika@gmail.com

ସେମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଥିବାରୁ ତାଙ୍କ ପକ୍ଷେ ସୁବିଧାଜନକ ହେଲା । କିନ୍ତୁ ଦସ୍ୟୁମାନେ ପ୍ରାଣମୂର୍ଚ୍ଛା ଯୁଦ୍ଧ ଚଳାଇଲେ । ପଛଘୁଞ୍ଚା ଦେବା ତାଙ୍କ ପକ୍ଷରେ ଅସମ୍ଭବ ଥିଲା । କାରଣ ଫେରିଯିବାପାଇଁ ତାଙ୍କ ଜାହାଜ ଆଉ ନଥିଲା । ସେମାନଙ୍କୁ ଫରାସୀ ଜାହାଜ ଭିକ୍ଟୋରିଅସ୍ ଅଧିକାର କରିବାକୁ ହେବ ।

ଶେଷରେ ସେମାନେ ସେ ଜାହାଜ ଅଧିକାର କରିବାକୁ ସମର୍ଥ ହେଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ପ୍ରାୟ ଅଧା ପ୍ରାଣ ହରାଇଥିଲେ । ରିଭାରଲ୍‌ଙ୍କ ମୁଣ୍ଡରେ ଗୁଳି ଲାଗି ସେ ତଳେ ପଡ଼ିଗଲେ । ଅବଶିଷ୍ଟ ଫରାସୀମାନେ ଆତ୍ମସମର୍ପଣ କରି ଦୟା ଭିକ୍ଷା କଲେ । ଲୁହା ଆଙ୍କୁଶୀଗୁଡ଼ା ଶୀଘ୍ର ଖୋଲିଦେବାପାଇଁ ବ୍ଲଡ୍ ଆଦେଶ ଦେଲେ । ବିଜିତ ଜାହାଜ ଭିକ୍ଟୋରିଅସ୍‌ର ଛାତ ଉପରେ ଠିଆହୋଇ ସେ ନିଜର ପ୍ରିୟ ଜାହାଜ ଆରାବେଲାକୁ ଶେଷଥରପାଇଁ ଦୃଷ୍ଟି ଦେଲେ । ଧୀରେ ଧୀରେ ଆରାବେଲା ବୁଡ଼ିଗଲା ଏବଂ ତା'ର ପ୍ରଧାନ ମାସ୍ତୁଲ ଉପରଦେଇ ସମୁଦ୍ରର ଢେଉ ଚାଲିଗଲା ।

ନିର୍ଭୀକ ବୀର କ୍ୟାପ୍‌ଟେନ ବ୍ଲଡ୍– ଡାକ୍ତର, କ୍ରୀତଦାସ ଏବଂ ଜଳଦସ୍ୟୁ କ୍ୟାପ୍‌ଟେନ୍ ବ୍ଲଡ୍ ଠିଆହୋଇ ଦେଖୁଥାନ୍ତି । ତାଙ୍କର ପ୍ରିୟ ଜାହାଜ ଆରାବେଲାକୁ ହରାଇ ଦୁଃଖରେ ତାଙ୍କର ଆଖିରୁ ଧାର ଧାର ଲୁହ ବହିଗଲା ।

[୨୧]

କିଛିଦିନ ପରେ ଭାନ୍‌ଡେର୍ କୁଇଲେନ୍ ଅବଶିଷ୍ଟ ନୌବାହିନୀ ପୋର୍ଟ ରୟାଲ ବନ୍ଦରରେ ପହଞ୍ଚିଲେ । ଲର୍ଡ ଉଇଲୋବି ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜର ଅନ୍ୟାନ୍ୟ ଇଂରେଜ ଉପନିବେଶ ପରିଦର୍ଶନ କରିବାପାଇଁ ବ୍ୟଗ୍ର ହୋଇଉଠିଲେ । ନୌ-ସେନାପତିଙ୍କୁ ସେ କହିଲେ, ''ଏଇ ନିର୍ବୋଧ ଡେପୁଟି ଗଭର୍ଣ୍ଣରର ଅନୁପସ୍ଥିତି ଯୋଗୁଁ ମୁଁ ଅନେକ ଦିନ ଏଠାରେ ଅଟକି ରହିଲିଣି ।''

ସେନାପତି ଉତ୍ତରଦେଲେ; ''କିନ୍ତୁ ଆପଣଙ୍କର ଅଟକି ରହିବାର ପ୍ରୟୋଜନୀୟତା କ'ଣ ? ଆପଣ ଯେପରି ବ୍ୟକ୍ତି ଆବଶ୍ୟକ କରନ୍ତି ସେପରି ବ୍ୟକ୍ତି ତ ଏଠାରେ ଅଛନ୍ତି । ଆପଣ କିମ୍ବା ମୋ ଅପେକ୍ଷା ପୋର୍ଟ ରୟାଲକୁ ସେ ଅଧିକ ନିରାପଦ ରଖିପାରିବେ ।''

– ଆପଣ କ୍ୟାପ୍‌ଟେନ୍ ବ୍ଲଡ୍‌ଙ୍କ କଥା କହୁଛନ୍ତି ?

''ନିଶ୍ଚୟ । ତାଙ୍କ ଅପେକ୍ଷା ଅଧିକ ଯୋଗ୍ୟ ବ୍ୟକ୍ତି ଆପଣ ପାଇପାରିବେ ନାହିଁ । ସେ କ'ଣ କରିପାରନ୍ତି ଆପଣ ନିଜେ ଦେଖିଲେ ।''

Digitized by srujanika@gmail.com

‘‘ଆପଣ ମଧ୍ୟ ଏହା ଭାବୁଛନ୍ତି । ମୁଁ ମଧ୍ୟ ତାହାହିଁ ଭାବୁଥିଲି । ସେ ଗଭର୍ଣ୍ଣର ରୂପେ ସେନାପତି ବିଶପ୍‌ଙ୍କ ଅପେକ୍ଷା ଯଥେଷ୍ଟ ଯୋଗ୍ୟ ।’’

ବ୍ଲଡ୍‌କୁ ଡକାଇ ଲର୍ଡ ଉଇଲୋବି ଏ ବିଷୟ କହିଲେ । ତାଙ୍କୁ ଏ ଯେଉଁ ସମ୍ମାନ ଦିଆଗଲା ସେଥିରେ ସେ ସାମାନ୍ୟ ବିବ୍ରତ ହୋଇଗଲେ । ଏହା ତାଙ୍କର କଳ୍ପନାତୀତ ଥିଲା ଏବଂ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଆସନପାଇଁ ତାଙ୍କର ଯୋଗ୍ୟତା ସମ୍ବନ୍ଧରେ ସେ ସନ୍ଦିହାନ ଥିଲେ । ସେ କୁମାରୀ ବିଶପ୍‌ଙ୍କ କଥା ଚିନ୍ତା କରୁଥିଲେ । ଯେଉଁ ଘରେ ସେମାନେ ଠିଆହୋଇଥିଲେ ସେଇ ଘରେ କେଉଁଠି ହେଲେ କୁମାରୀ ବିଶପ୍ ରହୁଥିଲେ; କିନ୍ତୁ ଏଠାକୁ ଆସିବା ପରଠାରୁ ସେ ତାଙ୍କୁ ଦେଖିନାହାନ୍ତି । କୁମାରୀ ବିଶପ୍ ତାଙ୍କୁ ବନ୍ଧୁତା ବା ଦୟା ଦେଖାଇଥିଲେ; କିନ୍ତୁ ବର୍ତ୍ତମାନ ସେ ତାଙ୍କର ଉପସ୍ଥିତିକୁ ପୂରାପୂରି ଭୁଲିଯାଇଛନ୍ତି ।

ଲର୍ଡ ଉଇଲୋବି ବ୍ଲଡ୍‌କୁ ବାଧ୍ୟ କଲେ ଏବଂ ଶେଷରେ ସବୁ ସ୍ଥିର ହେଲା । ଦୁର୍ଗର ସେନାପତି ଏବଂ ଅନ୍ୟାନ୍ୟ କର୍ମଚାରୀମାନଙ୍କ ଉପସ୍ଥିତିରେ କ୍ୟାପ୍‌ଟେନ୍ ବ୍ଲଡ୍ ଡେପୁଟି ଗଭର୍ଣ୍ଣର ରୂପେ ନିର୍ବାଚିତ ହେଲେ ।

‘‘ବର୍ତ୍ତମାନ ଆମେ ଆମ କାମରେ ଯାଇପାରିବା ।’’ ଭାନଡେର୍ କୁଇଲେନ କହିଲେ ।

ଲର୍ଡ ଉଇଲୋବି ଉତ୍ତରଦେଲେ, ‘‘କାଲି ସକାଳେ ଆମେ ଯାତ୍ରା ଆରମ୍ଭ କରିବା ।’’

ବିସ୍ମିତ ହୋଇ ପ୍ରଶ୍ନ କଲେ, ‘‘ଆଉ ସେନାପତି ବିଶପ୍ ?’’

‘‘ଆପଣ ସେ କଥା ବୁଝିବେ । ବର୍ତ୍ତମାନ ଆପଣ ଗଭର୍ଣ୍ଣର । ସେ ଫେରିବା ପରେ ଆପଣ ତାଙ୍କର ବ୍ୟବସ୍ଥା କରିବେ । ମୁଁ ତାଙ୍କ ନିକଟକୁ ଏକ ଚିଠି ଲେଖିଦେଇଯିବି । ମୋର ଆଶା ସେଥିରୁ ସେ ସବୁ ବୁଝିପାରିବେ ।’’

କ୍ୟାପ୍‌ଟେନ୍ ବ୍ଲଡ୍ ଖୁବ୍ ଶୀଘ୍ର ତାଙ୍କର କର୍ତ୍ତବ୍ୟରେ ଲାଗିଗଲେ । ପୋର୍ଟ ରୟାଲ ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାପାଇଁ ଅନେକ କାମ କରିବାକୁ ହେବ । ସେ ଭଗ୍ନଦୁର୍ଗ ପରିଦର୍ଶନ କରି ଶୀଘ୍ର ତା’ର ମରାମତି ଆରମ୍ଭ କରିବା ପାଇଁ ନିର୍ଦ୍ଦେଶ ଦେଲେ । ପରଦିନ ସକାଳେ ଭାନ୍‌ଡେର କୁଇଲେନ୍‌ଙ୍କ ନୌ-ବାହିନୀ ଯାତ୍ରାପାଇଁ ପ୍ରସ୍ତୁତ ହେଲେ । ଏତିକିବେଳେ ଗଭର୍ଣ୍ଣରଙ୍କ ଅଫିସରେ ବ୍ଲଡ୍ ଖବର ପାଇଲେ ଯେ ବିଶପ୍‌ଙ୍କ ନୌ-ବାହିନୀ ଫେରିଆସିଛି ।

ବ୍ଲଡ୍ କହିଲେ, ‘‘ଲର୍ଡ ଉଇଲୋବିଙ୍କ ଯିବାପୂର୍ବରୁ ବିଶପ୍ ପହଞ୍ଚିବା ବେଶ୍

Digitized by srujanika@gmail.com

ଭଲ । ସେ କୂଳରେ ପାଦ ପକାଇଲା ମାତ୍ରେ ନିଶ୍ଚୟ ତାଙ୍କୁ ବନ୍ଦୀ କରାଯିବ । ତା'ପରେ ତାଙ୍କୁ ମୋ ନିକଟକୁ ନେଇଆସିବ ।''

ପିଟର୍ ବ୍ଲଡ୍ ଚୌକି ଉପରେ ବସି ଶୂନ୍ୟକୁ ଚାହିଁରହିଲେ । ସମୟ ଆଗେଇ ଚାଲିଲା । ଦରଜାରେ ଏକ କରାଘାତ ଶୁଣାଗଲା ଏବଂ ଜଣେ ଭୃତ୍ୟ ଭିତରକୁ ଆସି ଜଣାଇଲା ଯେ କୁମାରୀ ବିଶପ୍ ମହାମାନ୍ୟ ଗଭର୍ଣ୍ଣରଙ୍କ ସଙ୍ଗେ ସାକ୍ଷାତ୍ କରିବାକୁ ଚାହାନ୍ତି । ମହାମାନ୍ୟ ଗଭର୍ଣ୍ଣର ବିରସ ହୋଇଗଲେ । କିଛିକ୍ଷଣ ନିଶ୍ଚଳଭାବରେ ବସିରହି ସେ ସମ୍ମତି ପ୍ରଦାନ କଲେ । କୁମାରୀ ଆରାବେଲା କୋଠରି ମଧ୍ୟରେ ପ୍ରବେଶ କରିବାକ୍ଷଣି ବ୍ଲଡ୍ ଉଠି ଠିଆ ହୋଇଗଲେ । କୁମାରୀ ଆରାବେଲା ମଧ୍ୟ ବ୍ଲଡ୍‌ଙ୍କ ପରି ବିରସ ଦେଖାଯାଉଥିଲେ । କିଛିକ୍ଷଣ ଯାଏ ଉଭୟେ ପରସ୍ପରକୁ ଚାହିଁ ନୀରବରେ ଠିଆହୋଇରହିଲେ । ତା'ପରେ କୁମାରୀ ବିଶପ୍ ଆଗେଇଆସି କମ୍ପିତ କଣ୍ଠରେ କହିଲେ, ''ମୁଁ...ମୁଁ ବର୍ତ୍ତମାନ ଖବର ପାଇଲି ମହାମାନ୍ୟ ଗଭର୍ଣ୍ଣର... ।'' ଭୟରେ ପାଟି ତାଙ୍କର ଖନି ବାଜିଗଲା ।

''ତୁମର ଭୟ କରିବାର କିଛିନାହିଁ କୁମାରୀ ବିଶପ୍ ! ତୁମ ପିତୃବ୍ୟ ଏବଂ ମୋ ମଧ୍ୟରେ ଯାହା କିଛି ଦ୍ୱନ୍ଦ୍ୱ ଥାଉ ନା କାହିଁକି, ମୁଁ ମୋ ଆସନର ସୁଯୋଗ ନେଇ ତାଙ୍କ ଉପରେ ପ୍ରତିଶୋଧ ନେବିନାହିଁ । ଅପରପକ୍ଷେ ମୁଁ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିବି । ତାଙ୍କ ପ୍ରତି କୌଣସି ଦୟା ନ ଦେଖାଇବାକୁ ଲର୍ଡ ଉଇଲୋବି ମୋତେ ଉପଦେଶ ଦେଇଛନ୍ତି; କିନ୍ତୁ ମୁଁ ତାଙ୍କୁ ବାରବାଡ୍‌ସକୁ ପଠାଇଦେବାକୁ ସ୍ଥିର କରିଛି ।''

କୁମାରୀ ବିଶପ୍ ଧୀରେ ଧୀରେ ଆଗେଇ ଆସିଲେ– ''ଆପଣଙ୍କ ବିଚାର ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ ।'' ସେ ବ୍ଲଡ୍‌ଙ୍କ ଆଡ଼କୁ ତାଙ୍କ ହାତ ବଢ଼ାଇଲେ ।

ନିର୍ଲିପ୍ତଭାବରେ ବ୍ଲଡ୍ ସେ ହାତକୁ ଚାହିଁ କହିଲେ, ''ଗୋଟାଏ ଚୋର ଏବଂ ଦସ୍ୟୁର ହାତରେ ସେ ହାତକୁ ସ୍ପର୍ଶ କରିବାକୁ ମୁଁ ସାହସ କରୁନାହିଁ ।''

''କିନ୍ତୁ ଆପଣ ତ ଆଉ ଚୋର ବା ଦସ୍ୟୁ ନୁହନ୍ତି । ସେଇ କଥାପଦକ ପାଇଁ ଆପଣ କ'ଣ ମୋତେ କ୍ଷମା କରିବେନାହିଁ ?''

''ତା ମୋ ପକ୍ଷରେ କଷ୍ଟକର । କିନ୍ତୁ ସେଥିରେ ଯାଏ ଆସେ କ'ଣ ?''

ଦୁଃଖରେ କୁମାରୀ ଆରାବେଲା ବ୍ଲଡ୍‌ଙ୍କ ମୁହଁକୁ ଚାହିଁରହିଲେ । ଆଉ ଥରେ ହାତବଢ଼ାଇ ସେ କହିଲେ, ''ମୁଁ ଏଠାରୁ ଚାଲିଯାଉଛି କ୍ୟାପ୍‌ଟେନ୍ ବ୍ଲଡ୍ ! ଆପଣ ମୋ ପିତୃବ୍ୟଙ୍କ ପ୍ରତି ଯଥେଷ୍ଟ କରୁଣା ପ୍ରଦର୍ଶନ କରିଛନ୍ତି । ମୁଁ ତାଙ୍କ ସାଥିରେ ବାରାବାଡ୍‌ସ ଚାଲିଯିବି । ଆମର ଆଉ ସାକ୍ଷାତ୍ ହେବାର ସମ୍ଭାବନାନାହିଁ । ମୁଁ ଜାଣେ

Digitized by srujanika@gmail.com

ଆପଣଙ୍କ ପ୍ରତି ମୁଁ ଥରେ ଅବିଚାର କରିଛି । ସେଥିପାଇଁ ମୁଁ ଅନୁତପ୍ତ । ଶେଷ ମୁହୂର୍ତ୍ତରେ ଆପଣ ହସି ହସି ମୋତେ ବିଦାୟ ଦେବେନାହିଁ ?''

ଶେଷରେ ବ୍ଲଡ୍‌ଙ୍କ ରାଗ ଦୂର ହୋଇଗଲା । ନିଜ ହାତରେ ଆରାବେଲାଙ୍କ ହାତଧରି ସେ କହିଲେ, ''ଆରାବେଲା, ସତରେ କ'ଣ ତମେ ମୋତେ ଛାଡ଼ି ବାରବାଡ୍‌ସ ଚାଲିଯିବ ଏବଂ ଆମର ଆଉ ଦେଖାହେବନାହିଁ ? କିମ୍ବା ଆମେ ସାଥି ହୋଇ ଇଂଲଣ୍ଡ ଫେରିବା ଯାଏ ତମେ ଏଇଠି ମୋ ନିକଟରେ ରହିବ ? ଏ କ'ଣ ? ତମେ କାନ୍ଦୁଛ ? ମୁଁ କ'ଣ ଏପରି କିଛି କହିଲି ଯାହା ପାଇଁ ତମେ କାନ୍ଦୁଛ ?''

''ମୁଁ ଭାବିଥିଲି ତମେ ଏକଥା କହିବନାହିଁ ।'' ଲୁହଧାର ଭିତରୁ କୁମାରୀ ଆରାବେଲାଙ୍କ ମୁଖରେ ହସ ଫୁଟିଉଠିଲା ।

ଅନେକ ବେଳଯାଏ ଉଭୟ ବାସି କଥାବାର୍ତ୍ତା ହେଲେ । ସମୟ ଗଡ଼ିଚାଲିଲା । ଗଭର୍ଣ୍ଣର ବ୍ଲଡ୍ ତାଙ୍କର କର୍ତ୍ତବ୍ୟ ମଧ ଭୁଲିଗଲେ । ପରିଶେଷରେ ସେ ଶାନ୍ତି ପାଇପାରିଛନ୍ତି ।

ଇତ୍ୟବସରରେ ସେନାପତି ବିଶପ୍‌ଙ୍କ ଜାହାଜ କୂଳରେ ଲାଗିଲା । ବିଶପ୍ ଜାହାଜରୁ ଓହ୍ଲାଇ କୂଳକୁ ଆସିଲେ । ଅଭିଯାନରେ ଅକୃତକାର୍ଯ୍ୟ ହୋଇ ସେ ରାଗରେ ଜଳୁଥାନ୍ତି । ଦୁର୍ଗର ଅଧିନାୟକ ମେଜର୍ ମାଲାର୍ଡଙ୍କ ନେତୃତ୍ୱରେ ଦଳେ ସୈନ୍ୟ ଭେଟିବାକୁ ଅପେକ୍ଷା କରିଥିଲେ । ତାଙ୍କ ନିକଟରେ ଦୁଇଜଣ ଭଦ୍ରଲୋକ ଥିଲେ । ସେମାନେ ବିଶପ୍‌ଙ୍କର ଅଚିହ୍ନା । ଆଗେଇଯାଇ ମେଜର୍ ମାଲାର୍ଡ କହିଲେ, ''ମୁଁ ଆପଣଙ୍କୁ ବନ୍ଦୀ କରିବାର ଆଦେଶ ପାଇଛି ସେନାପତି ବିଶପ୍ !''

ରାଗରେ ପାଚିଯାଇ ବିଶପ୍ କହିଲେ, ''ମୂର୍ଖ, ମୋତେ ବନ୍ଦୀ କରିବ ? କାହାର ଆଦେଶରେ ?''

ଅଜଣା ଭଦ୍ରବ୍ୟକ୍ତିଙ୍କ ମଧ୍ୟରୁ କ୍ଷୁଦ୍ରକାୟ ଭଦ୍ରବ୍ୟକ୍ତି ଉତ୍ତରଦେଲେ, ''ଜାମାଇକାର ଗଭର୍ଣ୍ଣରଙ୍କ ଆଦେଶରେ ।''

ତାଙ୍କ ଆଡ଼କୁ ମୁହଁ ବୁଲାଇ ବିଶପ୍ କ୍ରୋଧରେ କହିଲେ, ''ଗଭର୍ଣ୍ଣର ? ତୁମେ ସବୁ ପାଗଳ । ମୁଁ ତ ଗଭର୍ଣ୍ଣର ।''

''ତୁମେ ଗଭର୍ଣ୍ଣର ଥିଲ । କିନ୍ତୁ ତୁମର ଅନୁପସ୍ଥିତିରେ ଆମେ ତା'ର ପରିବର୍ତ୍ତନ କରିଦେଇଛୁ । ଏ ସହର ଯେତେବେଳେ ଘୋର ବିପଦର ସମ୍ମୁଖୀନ ତୁମେ ସେତେବେଳେ ବିନା କାରଣରେ ଏ ସ୍ଥାନ ଛାଡ଼ି ଚାଲିଯାଇଥିଲ । ଏହା ଏକ ଗୁରୁତର ଅପରାଧ ବିଶପ୍ ! ତୁମକୁ ଫାଶୀ ଦିଆଯିବ କି'ନାହିଁ ତାହା ପରବର୍ତ୍ତୀ ଗଭର୍ଣ୍ଣର

Digitized by srujanika@gmail.com

ବିଚାର କରିବେ ।''

ଭୟରେ ବିଶପ୍ ଥରିଉଠିଲେ । ''ଆପଣ କିଏ ?'' ସେ ପ୍ରଶ୍ନ କଲେ ।

''ମୁଁ ଲର୍ଡ ଉଇଲୋବି ପଶ୍ଚିମ ଭାରତୀୟ ଦ୍ୱୀପପୁଞ୍ଜପାଇଁ ମହାମାନ୍ୟ ରାଜାଙ୍କର ଗଭର୍ଣ୍ଣର ଜେନେରାଲ୍ । ମୋ ଆସିବା ଖବର ତୁମେ ପୂର୍ବରୁ ଜାଣିଥିଲ ନିଶ୍ଚୟ ।''

ବିଶପ୍‌ଙ୍କ ଗାଁଗ କୁଆଡ଼େ ଉଭେଇଗଲା । ଭୟରେ ଦେହରୁ ଗମ୍ ଗମ୍ ଝାଳ ବହିଗଲା । ଥରି ଥରି ସେ କହିଲେ, ''କିନ୍ତୁ... ।'' ତାଙ୍କ କଥାରେ ବାଧାଦେଇ ଲର୍ଡ ଉଇଲୋବି କହିଲେ, ମୁଁ ତୁମର କୌଣସି ଆପତ୍ତି ଶୁଣିବାକୁ ଚାହେଁନା । ମୁଁ ଯିବାପାଇଁ ବାହାରିଲିଣି ଏବଂ ମୋର ଆଉ ସମୟନାହିଁ । ଗଭର୍ଣ୍ଣର ତୁମ କଥା ଶୁଣି ଉପଯୁକ୍ତ ବ୍ୟବସ୍ଥା କରିବେ ।'' ସେ ମାଲାର୍ଡଙ୍କୁ ସଂକେତ ଦେଲେ ଏବଂ ବନ୍ଦୀ ବିଶପ୍‌ଙ୍କୁ ଗଭର୍ଣ୍ଣରଙ୍କ କୋଠିକୁ ନିଆଗଲା । ଏଇ କୋଠି ଦିନେ ବିଶପ୍‌ଙ୍କର ବାସଭବନ ଥିଲା । ତାଙ୍କୁ ହଲ୍‌ରେ ଅପେକ୍ଷା କରିବାକୁ ଛାଡ଼ିଦେଇ ମାଲାର୍ଡ ତାଙ୍କ ଆସିବା କଥା ଗଭର୍ଣ୍ଣରଙ୍କୁ ଜଣାଇବା ପାଇଁ ଭିତରକୁ ଗଲେ । ସେ ପହଞ୍ଚିଲା ବେଳକୁ ବ୍ଲଡ୍ ଏବଂ କୁମାରୀ ବିଶପ୍ ବସିଥିଲେ । ମାଲାର୍ଡଙ୍କଠାରୁ ସବୁ ଶୁଣି କୁମାରୀ ଆରାବେଲା ବ୍ଲଡ୍‌ଙ୍କୁ କହିଲେ, ''ତମେ ତାଙ୍କ ପ୍ରତି ସଦୟ ହେବ । ମୋପାଇଁ ଅନ୍ତତଃ ତମେ ତାଙ୍କୁ ରକ୍ଷା କରିବ । କୁହ ପିଟର୍ ?''

''ତମେ ନିଶ୍ଚିନ୍ତ ରୁହ, ମୋଦ୍ୱାରା ଯାହା ହୋଇପାରିବ ମୁଁ ତା କରିବି ।'' ଆରାବେଲା ସେ ସ୍ଥାନରୁ ବଗିଚା ଭିତରକୁ ଚାଲିଗଲେ । ମେଜର୍ ମାଲାର୍ଡ ସେନାପତି ବିଶପ୍‌ଙ୍କୁ ଆଣିବାପାଇଁ ଗଲେ ।

''ମହାମାନ୍ୟ ଗଭର୍ଣ୍ଣର ବର୍ତ୍ତମାନ ଆପଣଙ୍କୁ ସାକ୍ଷାତ୍ ଦେବେ''– କହି ସେ ଦରଜା ଖୋଲି ଧରିଲେ । ବିଶପ୍ କୋଠରିରେ ପହଞ୍ଚି ଅପେକ୍ଷା କଲେ ।

ଟେବୁଲ ନିକଟରେ ଜଣେ ଭଦ୍ରବ୍ୟକ୍ତି ବସିଥିଲେ । ତାଙ୍କ ମୁଣ୍ଡ ତଳକୁ ଥିଲା । ତେଣୁ ମୁଣ୍ଡର କୁଞ୍ଚିକୁଞ୍ଚିଆ ବାଳ ବ୍ୟତୀତ ଆଉ କିଛି ଦେଖାଯାଉ ନଥିଲା । ତା'ପରେ ସେ ମୁଣ୍ଡ ଟେକିଲେ । ଦୁଇଟି ନୀଳ ଆଖି ନିର୍ଲିପ୍ତଭାବେ ବନ୍ଦୀ ଆଡ଼କୁ ଚାହିଁରହିଲା । ସେନାପତି ବିଶପ୍‌ଙ୍କ ମୁହଁରୁ କଥା ବାହାରିଲା ନାହିଁ । ଯେଉଁ ଲୋକକୁ ହତ୍ୟା କରିବାପାଇଁ ସେ ଟର୍‌ଟୁଗାରେ ଅନୁସନ୍ଧାନ କରୁଥିଲେ ତାହାରି ମୁହଁକୁ ସେ ବିସ୍ମୟରେ ଚାହିଁରହିଲେ । ସେହି ବ୍ୟକ୍ତି ମହାମାନ୍ୟ ଗଭର୍ଣ୍ଣର !!

□□□

Digitized by srujanika@gmail.com

ସେରଲକ୍ ହୋମସ୍ କାହାଣୀ

(କେଉଁ ଖଣ୍ଡରେ କ'ଣ ଅଛି)

ପ୍ରଥମ ଖଣ୍ଡ : ନାଲିମୁଣ୍ଡିଆ ଦଳ
ନୀଳ ପଦ୍ମରାଗ ମଣି
ତିନି ଛାତ୍ର
ଗ୍ରୀକ୍ ଅନୁବାଦକ
କପର ବିଚେସ୍
ମରଣ ଦୁଆରେ ଡିଟେକ୍‌ଟିଭ୍

ଦ୍ୱିତୀୟ ଖଣ୍ଡ: ବୋହେମିଆର ଅପବାଦ
ହଜିଲା ଲୋକର ରହସ୍ୟ
ବସ୍‌କୋମ୍ବର ରହସ୍ୟ
ଇଂଜିନିୟରଙ୍କ ବୁଢ଼ା ଆଙ୍ଗୁଠି

ତୃତୀୟ ଖଣ୍ଡ: ପାଞ୍ଚଖଣ୍ଡ କମଳା
ବିକୃତ ମୁହାଁ ମଣିଷ
ଚିତ୍ରିତ ପଟି
ରତ୍ନ-ମୁକୁଟ

ଚତୁର୍ଥ ଖଣ୍ଡ : ହଜିଥିବା ଘୋଡ଼ା
ହଳଦିଆ ମୁହଁ
କିରାଣି
ବନ୍ଦି ଜାହାଜ
ସମଗ୍ରେଭ ବଂଶର ଆଚରଣ ବିଧି

ପଞ୍ଚମ ଖଣ୍ଡ : ଉଗେଟ୍‌ର ସଂଭ୍ରାନ୍ତ ବଂଶ
ବିକଳାଙ୍ଗ ଲୋକ
ଡାକ୍ତର ଘରେ ରୋଗୀ
ନୌବାହିନୀ ସନ୍ଧି ପତ୍ର
ଶେଷ ସମସ୍ୟା

ଷଷ୍ଠ ଖଣ୍ଡ : ତ୍ରିରଙ୍ଗ ଭବନର ରହସ୍ୟ
ସସେକ୍‌ସର କାହାଣୀ
ମଣିଷରୁ ମାଙ୍କଡ଼
ଧବଳ ସୈନିକ

ସପ୍ତମ ଖଣ୍ଡ : ସଂଭ୍ରାନ୍ତ ମହକିଲ
ଅବସରପ୍ରାପ୍ତ ସୈନିକ
ଅବଗୁଣ୍ଠନବତୀ ନାରୀ
ଭାଇ-ଭଉଣୀ

ଅଷ୍ଟମ ଖଣ୍ଡ : ଶୂନ୍ୟଘର
ଏକାକୀ ସାଇକଲିଷ୍ଟ
ନରଉଡ୍‌ର ମିସ୍ତ୍ରୀ
ପ୍ରାୟରି ସ୍କୁଲ
ତିମି ଶିକାରୀ

ନବମ ଖଣ୍ଡ : ସୁନା ଚଷମା
ଚାର୍ଲସ,ଅଗଷ୍ଟିସ୍,ମିଲ,ଉରଟନ୍
ଷଷ୍ଠ ନେପୋଲିୟନ୍

ଦଶମ ଖଣ୍ଡ : ଉଇ ଷ୍ଟେରିଆ ଲଜ୍‌ର ରହସ୍ୟ
କାଗଜପଟି ବାକ୍‌ସ
ଲାଲବୃତ୍ତ
ବ୍ରୁସ୍ ପାରଟିଙ୍ଗଟନ୍ ପ୍ଲାନ

ଏକାଦଶ ଖଣ୍ଡ: ରକ୍ତ ସଂକେତ

ଦ୍ୱାଦଶ ଖଣ୍ଡ : ମାଜାରିନ୍ ହୀରା
ସିଂହ କେଶର
ଥରବ୍ରିଜ୍‌ର ରହସ୍ୟ
ନରହନ୍ତା ଇଭାନ୍‌ସ

ତ୍ରୟୋଦଶ ଖଣ୍ଡ: ନିଖୋଜ ନାରୀ
ପିଶାଚ-ପାଦ
ଅବିବାହିତ ସାମନ୍ତ
ଶେଷ ଅଭିଯାନ

ଚତୁର୍ଦ୍ଦଶ ଖଣ୍ଡ : ଆତଙ୍କ ଉପତ୍ୟାକା-୧

ପଞ୍ଚଦଶ ଖଣ୍ଡ : ଆତଙ୍କ ଉପତ୍ୟାକା-୨

ଷୋଡ଼ଶ ଖଣ୍ଡ : ନିଖୋଜ ଖେଳାଳୀ
ଏବି ଗ୍ରେନଜ ରହସ୍ୟ
ଦ୍ୱିତୀୟ ଦାଗ

ସପ୍ତଦଶ ଖଣ୍ଡ : ଆଣ୍ଡାମାନର ବନ୍ଦୀ

ଅଷ୍ଟାଦଶ ଖଣ୍ଡ : ଭୌତିକ କୁକୁର

ଉନବିଂଶ ଖଣ୍ଡ: ମାରାକାଟ୍ ଡୀପ

Digitized by srujanika@gmail.com

ବିଦ୍ୟାଳୟର ପ୍ରିୟ, ସବୁରି ପ୍ରିୟ

ମହାମାନବ ଜୀବନୀମାଳା
ଓ
ବିଶ୍ୱ ସାହିତ୍ୟ ଗ୍ରନ୍ଥମାଳା

ପ୍ରକାଶକ : ଗ୍ରନ୍ଥ ମନ୍ଦିର, କଟକ-୭୫୩୦୦୨
(ଡାକ ମାଧ୍ୟମରେ ପାଇବାର ସୁଯୋଗ ନିଅନ୍ତୁ)

ପ୍ରକାଶକ/ପ୍ରାପ୍ତିସ୍ଥାନ - ଗ୍ରନ୍ଥମନ୍ଦିର, କଟକ-୨

ପ୍ରକାଶକ ଓ ପ୍ରାପ୍ତିସ୍ଥାନ

କିଶୋର ସାହିତ୍ୟ ମନ୍ଦିର

୨୦୧, ଶ୍ରୀନିବାସ, ସୂତାହାଟ, କଟକ-୧
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
ଯୋଗାଯୋଗ : (୦୬୭୧) ୨୩୦୮୨୩୪ / ୯୪୩୭୦୨୫୧୪୮

Digitized by srujanika@gmail.com